ଡି. କେ. ବାସୁ

ବନାମ

ପଶ୍ଚିମ ବଙ୍ଗ ରାଜ୍ୟ

ଡିସେମ୍ବର 18, 1996

[କୁଲଦିପ ସିଂହ ଏବଂ ଡଃ ଏ. ଏସ୍. ଆନନ୍ଦ, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତର ସମ୍ବିଧାନ, 1950: ଅନୁଚ୍ଛେଦ 21, 22 ଏବଂ 32 ।*

*ହାଜତରେ ହିଂସା- ପୁଲିସ୍ ହେପାଜତରେ/ହାଜତରେ ନିର୍ଯ୍ୟାତନା, ବଳାତ୍କାର ଏବଂ ମୃତ୍ୟୁ - ଅନୁଚ୍ଛେଦ 21 ସହିତ ମୌଳିକ ମାନବିକ ଅଧିକାରକୁ ମଧ୍ୟ ଲଙ୍ଘନ କରେ ଏବଂ ଆଇନର ନିୟମ ଉପରେ କୁଠାରାଘାତ କରେ- ନିର୍ଯ୍ୟାତନା କେବଳ ଶାରୀରିକ ଯନ୍ତ୍ରଣା ନୁହେଁ ବରଂ ମାନସିକ ଯନ୍ତ୍ରଣା ମଧ୍ୟ ଅନ୍ତର୍ଭୁକ୍ତ କରେ- ଏହା ମାନବିକ ମର୍ଯ୍ୟାଦାର ନଗ୍ନ ଲଙ୍ଘନ ଏବଂ ମାନବ ବ୍ୟକ୍ତିତ୍ୱର ବିନାଶ । ପଚରାଉଚରା ଜାରି ରହିବା ଏବଂ କୌଶଳପୂର୍ଣ୍ଣ ହେବା ଆବଶ୍ୟକ - ତୃତୀୟ-ଡିଗ୍ରୀ ପଦ୍ଧତି ଗ୍ରହଣୀୟ ହେବ ନାହିଁ- ନ୍ୟାୟର ଅଭିପ୍ରାୟ ପୂରଣ କରିବା ପାଇଁ ଏକ ସନ୍ତୁଳିତ ଆଭିମୁଖ୍ୟ ଆବଶ୍ୟକ ଯାହା ଦ୍ୱାରା ଅପରାଧୀମାନେ ଦଣ୍ଡମୁକ୍ତ ହେବେ ନାହିଁ- ବନ୍ଦୀ ସମ୍ବନ୍ଧୀୟ ମୃତ୍ୟୁ ସଭ୍ୟ ସମାଜରେ ସବୁଠାରୁ ଜଘନ୍ୟ ଅପରାଧ ମଧ୍ୟରୁ ଗୋଟିଏ ଥିଲା- କାର୍ଯ୍ୟାନୁଷ୍ଠାନର ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ପୁଲିସ କ୍ଷମତାର  ଅପବ୍ୟବହାରକୁ ଅଙ୍କୁଶ ଲଗେଇବା ପାଇଁ ଦୁଇଟି ସୁରକ୍ଷା ଉପାୟ ଥିଲା- ଆତଙ୍କବାଦ ପ୍ରତି ରାଜ୍ୟ ଆତଙ୍କବାଦ ଏକ ଉତ୍ତର ନଥିଲା- ହାଜତ ହିଂସାରେ ପୀଡିତ ହୋଇଥିବା ବ୍ୟକ୍ତି ଏବଂ ତାଙ୍କର ମୃତ୍ୟୁ ହାଜତରେ ହୋଇଥିବା କ୍ଷେତ୍ରରେ, ତାଙ୍କ ପରିବାରର ସଦସ୍ୟମାନେ ପୁଲିସ କର୍ମଚାରୀଙ୍କ ଆଇନ ବିରୁଦ୍ଧ କାର୍ଯ୍ୟ ଯୋଗୁଁ କ୍ଷତି ପାଇଁ ଘରୋଇ ଆଇନ ଅଧୀନରେ ଉପଲବ୍ଧ ପ୍ରତିକାର ବ୍ୟତୀତ ସର୍ବସାଧାରଣ ଆଇନ ଅଧୀନରେ କ୍ଷତିପୂରଣ ପାଇବାକୁ ହକଦାର । ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ଜାରି କରାଯାଇଥିବା ବାଧ୍ୟତାମୂଳକ 'ଆବଶ୍ୟକତା' କୌଣସି ବ୍ୟକ୍ତିଙ୍କୁ ଗିରଫ କରିବା କିମ୍ବା ଅଟକ ରଖିବା ସମୟରେ ପୁଲିସ  କର୍ମଚାରୀଙ୍କ ଦ୍ୱାରା ପାଳନ କରାଯିବ- ଏଗୁଡ଼ିକ ଅଧିକନ୍ତୁ ସାମ୍ବିଧାନିକ ଏବଂ ବୈଧାନିକ ନିର୍ଦ୍ଦେଶାବଳୀ ଥିଲା- ଏହି ଆବଶ୍ୟକତାଗୁଡ଼ିକ ସମସ୍ତ ସରକାରୀ ସଂସ୍ଥାଗୁଡ଼ିକ ପାଇଁ ସମାନ ଭାବେ ଲାଗୁ ହେବ- ଏହି ଆବଶ୍ୟକତାକୁ ସମସ୍ତ ଥାନାଗୁଡ଼ିକୁ ପ୍ରସାରଣ କରାଯିବା ଉଚିତ ଏବଂ ଗଣମାଧ୍ୟମ ମାଧ୍ୟମରେ ପ୍ରଚାର କରାଯିବା ଉଚିତ- ଏହି ଆବଶ୍ୟକତାକୁ ଅନୁପାଳନ କରିବାରେ ବିଫଳତା, ସମ୍ପୃକ୍ତ ଅଧିକାରୀଙ୍କୁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ତଥା ଅଦାଲତ ଅବମାନନା ପାଇଁ ଦଣ୍ଡନୀୟ କରିବ- ପ୍ରାଦେଶିକ କ୍ଷେତ୍ରାଧିକାରିତା ଥିବା ଉଚ୍ଚ ନ୍ୟାୟାଳୟରେ ନ୍ୟାୟାଳୟର ଅବମାନନା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ- ଦଣ୍ଡ ସଂହିତା, 1860, ଧାରା  220, 330 ଏବଂ 331 ।*

*ମୌଳିକ ଅଧିକାର- ପ୍ରତିଷ୍ଠିତ ଆକ୍ରମଣ- କ୍ଷତିପୂରଣ ସାପେକ୍ଷରେ- କୁହାଗଲା: ଆଇନ ବିରୁଦ୍ଧ କାର୍ଯ୍ୟ ପାଇଁ ଘରୋଇ ଆଇନ ଅଧୀନରେ ପାରମ୍ପାରିକ ପ୍ରତିକାର ଏବଂ ଫୌଜଦାରୀ ଆଇନ ଅଧୀନରେ ଦୋଷୀଙ୍କୁ ଦଣ୍ଡ ଦେବା ସହ ଅଧିକନ୍ତୁ ସର୍ବୋଚ୍ଚ ନ୍ୟାୟାଳୟ ତଥା ଉଚ୍ଚ ନ୍ୟାୟାଳୟମାନଙ୍କ ଦ୍ୱାରା ସର୍ବସାଧାରଣ ଆଇନ ଅଧୀନରେ କ୍ଷତିପୂରଣ ପ୍ରଦାନ କରାଯାଇପାରିବ ।*

*ସର୍ବସାଧାରଣ ଆଇନ କାର୍ଯ୍ୟାନୁଷ୍ଠାନ- ଉଦ୍ଦେଶ୍ୟ- କୁହାଗଲା: ଘରୋଇ ଆଇନ କାର୍ଯ୍ୟାନୁଷ୍ଠାନଠାରୁ ଭିନ୍ନ- ସର୍ବସାଧାରଣ ଆଇନ କାର୍ଯ୍ୟାନୁଷ୍ଠାନରେ କ୍ଷତିପୂରଣ ପ୍ରଦାନ, ଏକ ପ୍ରଦତ୍ତ ମାମଲାରେ, ଏକ ଦେୱାନୀ ମକଦ୍ଦମାରେ ଦିଆଯାଇଥିବା କ୍ଷତିପୂରଣ ବାବଦରେ ସମାଯୋଜନ କରାଯାଇପାରିବ ।*

ଏହି ନ୍ୟାୟାଳୟରେ ଆବେଦନକାରୀ ଏକ ଆବେଦନ ଦାଖଲ କରିଥିଲେ- ଜନସ୍ୱାର୍ଥ- ପୁଲିସ୍ ହାଜତ ଏବଂ ହେପାଜତରେ ମୃତ୍ୟୁ ବିଷୟରେ ଟେଲିଗ୍ରାଫ୍, ଷ୍ଟେଟ୍ସମ୍ୟାନ୍ ଏବଂ ଇଣ୍ଡିଆନ୍ ଏକ୍ସପ୍ରେସରେ ପ୍ରକାଶିତ ଖବରସବୁର ଅନୁସରଣରେ । ଏହି ଆବେଦନରେ ଦର୍ଶାଯାଇଥିଲା ଯେ ଅନେକ ସମୟରେ ହାଜତ ମୃତ୍ୟୁଗୁଡ଼ିକୁ ଚପେଇଦେବା ପାଇଁ ପ୍ରୟାସ କରାଯାଇଥିଲା ଏବଂ ଏହିପରି ଅପରାଧ ଦଣ୍ଡରହିତ ହୋଇଗଲା ଏବଂ  "ବୃଦ୍ଧି" ହୋଇଥିଲା ।

ଆବେଦନକାରୀଙ୍କ ତରଫରୁ ଏହା ଦାଖଲ କରାଯାଇଥିଲା ଯେ ପୁଲିସ  ହେପାଜତରେ ହୋଇଥିବା ନୃଶଂସତା ଏବଂ ମୃତ୍ୟୁ ପାଇଁ ପୀଡିତ ଏବଂ/କିମ୍ବା ପୀଡିତଙ୍କ ପରିବାର ସଦସ୍ୟଙ୍କୁ କ୍ଷତିପୂରଣ ପ୍ରଦାନ କରିବା ଏବଂ ସମ୍ପୃକ୍ତ ଅଧିକାରୀଙ୍କ ଦାୟିତ୍ୱାଧୀନତା ପ୍ରଦାନ କରିବା ପାଇଁ ପ୍ରକାର ଭିତ୍ତି ପ୍ରସ୍ତୁତ କରାଯାଉ ।

ଆବେଦନର ଫଏସଲା କରି, ଏହି ନ୍ୟାୟାଳୟ

କହିଲେ: 1.1. ହାଜତରେ ନିର୍ଯାତନା ଏବଂ ମୃତ୍ୟୁ ସମେତ ହାଜତ ହିଂସା ଆଇନର ନିୟମ ଉପରେ ଏକ ପ୍ରହାର କରେ, ଯାହା ଦାବି କରେ ଯେ କାର୍ଯ୍ୟ ନିର୍ବାହୀର କ୍ଷମତା କେବଳ ଆଇନରୁ ପ୍ରାପ୍ତ ହେବା ଉଚିତ ନୁହେଁ ବରଂ ଏହା ମଧ୍ୟ ଆଇନ ଦ୍ୱାରା ସୀମିତ ହେବା ଉଚିତ । ହାଜତ ହିଂସା ଏକ ଚିନ୍ତାର ବିଷୟ । ଏହି କଥା ଆହୁରି ଗୁରୁତର ଏଥିପାଇଁ ଅଟେ ଯେ ଏହା ସେହି ବ୍ୟକ୍ତିମାନଙ୍କ ଦ୍ୱାରା କରାଯାଇଥାଏ, ଯେଉଁମାନଙ୍କୁ ନାଗରିକମାନଙ୍କର ରକ୍ଷକ ବୋଲି ଧରାଯାଇଥାଏ । ଏକ ପୁଲିସ ଥାନା କିମ୍ବା ହାଜତର ଚାରି କାନ୍ଥ ଭିତରେ ପୀଡ଼ିତ ସମ୍ପୂର୍ଣ୍ଣ ଅସହାୟ ଥିବା ବେଳେ ଖାକି ପୋଷାକ  ଏବଂ କର୍ତ୍ତୃତ୍ୱର ଢ଼ାଲ ତଳେ ଏହା କରାଯାଇଥାଏ । ପୁଲିସ ଏବଂ ଅନ୍ୟ ଆଇନ ପ୍ରବର୍ତ୍ତକ ଅଧିକାରୀମାନଙ୍କ ଦ୍ୱାରା ନିର୍ଯାତନା ଏବଂ ଦୁର୍ବ୍ୟବହାରରୁ ଜଣେ ବ୍ୟକ୍ତିର ସୁରକ୍ଷା ଏକ ସ୍ୱାଧୀନ ସମାଜରେ ଗଭୀର ଚିନ୍ତାର ବିଷୟ । ଏହି ଆବେଦନଗୁଡ଼ିକ ପୁଲିସ  କ୍ଷମତା ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉତ୍ଥାପନ କରେ, ଯେଉଁଥିରେ ଭାରତର ସମ୍ବିଧାନର ଅନୁଚ୍ଛେଦ 21 ଏବଂ 22 ଦ୍ୱାରା ଲିଖିତ ପ୍ରତିଶୃତି  ଦିଆଯାଇଥିବା ମୌଳିକ ଅଧିକାରର ପ୍ରତିଷ୍ଠିତ ଉଲ୍ଲଂଘନ ପାଇଁ ଆର୍ଥିକ କ୍ଷତିପୂରଣ ପ୍ରଦାନ କରାଯିବା ଉଚିତ କି ନାହିଁ । ପ୍ରସଙ୍ଗଗୁଡ଼ିକ ମୌଳିକ ଅଟେ ।

1.2 ନିର୍ଯ୍ୟାତନା ମାଧମରେ 'ସବଳ'ର ଇଚ୍ଛାକୁ 'ଦୁର୍ବଳ' ଉପରେ ଲଦିବା ପାଇଁ ଜଣେ ମଣିଷର ଅନ୍ୟ ଜଣେ ମଣିଷ ଦ୍ୱାରା 'ନିର୍ଯ୍ୟାତନା' ମୂଳତଃ ଏକ ଉପକରଣ ଅଟେ । ଅଧୁନା *ନିର୍ଯ୍ୟାତନା* ଶବ୍ଦଟି ମାନବ ସଭ୍ୟତାର ଅନ୍ଧକାର ପାର୍ଶ୍ୱ ସହିତ ସମାର୍ଥକ ହୋଇଯାଇଛି । "ହାଜତରେ ନିର୍ଯ୍ୟାତନା" ମାନବ ମର୍ଯ୍ୟାଦା ଏବଂ ଅବକ୍ଷୟର ଏକ ନଗ୍ନ ଉଲଙ୍ଘନ ଅଟେ ଯାହା ବ୍ୟକ୍ତିବିଶେଷଙ୍କର ବ୍ୟକ୍ତିତ୍ୱକୁ ବହୁ ପରିମାଣରେ କ୍ଷୁର୍ଣ୍ଣ କରିଥାଏ । ଏହା ମାନବ ମର୍ଯ୍ୟାଦା ଉପରେ ଏକ ସୁଚିନ୍ତିତ ଆକ୍ରମଣ ଏବଂ ଯେତେବେଳେ ବି ମାନବ ମର୍ଯ୍ୟାଦା ଆଘାତପ୍ରାପ୍ତ ହୁଏ, ସଭ୍ୟତା

ତା'ର ଏକ ପାଦ ପଛକୁ ନେଇଥାଏ- ଏହିପରି ପ୍ରତ୍ୟେକ ଅବସରରେ ମାନବତାର ପତାକା ଅର୍ଦ୍ଧ ନମିତ କରି ଉଡ଼ାଇବା ଆବଶ୍ୟକ । ସମସ୍ତ ହାଜତ ଅପରାଧରେ ଜଣେ ବ୍ୟକ୍ତିଙ୍କର କେବଳ ଶାରୀରିକ ଶାସ୍ତିବିଧାନ ନୁହେଁ ବରଂ ପୁଲିସ ଥାନାର ଚାରି କାନ୍ଥ କିମ୍ବା ହାଜତ ଭିତରେ ଯେଉଁ ମାନସିକ ଯନ୍ତ୍ରଣା ଦେଇ ଗତି କରନ୍ତି ତାହା ପ୍ରକୃତ ଚିନ୍ତାର ବିଷୟ ଅଟେ । ପୁଲିସ ହେପାଜତରେ ଶାରୀରିକ ଯାତନା ହେଉ କିମ୍ବା ବଳାତ୍କାର, ଏଥିଜନିତ ଜଣେ ବ୍ୟକ୍ତିଙ୍କ ଦ୍ୱାରା ଅନୁଭବ ହେଉଥିବା ଆଘାତର ପରିମାଣ ଆଇନର ପରିସର ବାହାରେ ।

1.3. ଆଇନର ନିୟମ ଦ୍ୱାରା ପରିଚାଳିତ ସଭ୍ୟ ସମାଜରେ ହାଜତରେ ମୃତ୍ୟୁ ବୋଧହୁଏ ସବୁଠାରୁ ଜଘନ୍ୟ ଅପରାଧ ମଧ୍ୟରୁ ଗୋଟିଏ । ସମ୍ବିଧାନର ଅନୁଚ୍ଛେଦ 21 ଏବଂ 22(1) ରେ ଅନ୍ତର୍ନିହିତ ଅଧିକାରକୁ ସଜାଗ ଭାବରେ ଏବଂ ନିଷ୍ଠାର ସହ ସୁରକ୍ଷା ଦିଆଯିବା ଆବଶ୍ୟକ । "ଜୀବନ କିମ୍ବା ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ" ଅଭିବ୍ୟକ୍ତିଟି ମାନବିକ ମର୍ଯ୍ୟାଦା ସହିତ ବଞ୍ଚିବାର ଅଧିକାରକୁ ଅନ୍ତର୍ଭୁକ୍ତ କରେ ବୋଲି ଧରାଯାଇଛି ଏବଂ ଏହିପରି ଏହା ରାଜ୍ୟ କିମ୍ବା ଏହାର କାର୍ଯ୍ୟକର୍ତ୍ତାମାନଙ୍କ ଦ୍ୱାରା ନିର୍ଯ୍ୟାତନା ଏବଂ ଆଘାତ ଦିଆଯିବା ବିରୁଦ୍ଧରେ ଏକ ଲିଖିତ ପ୍ରତିଶୃତି ମଧ୍ୟ ଅନ୍ତର୍ଭୁକ୍ତ କରିବ । ଆଇନ ଦ୍ୱାରା ସ୍ଥାପିତ ପ୍ରକ୍ରିୟା ଅନୁସାରେ ଆଇନ ଦ୍ୱାରା ଅନୁମୋଦିତ ଯୁକ୍ତିଯୁକ୍ତ ପ୍ରତିବନ୍ଧକ ଲଗାଇବା ବ୍ୟତିରେକ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 21 ଦ୍ୱାରା ଦୋଷୀ, ବିଚାରାଧୀନ, ଅଟକବନ୍ଦୀ ଏବଂ ହେପାଜତରେ ଥିବା ଅନ୍ୟ କଏଦୀମାନଙ୍କୁ ଲିଖିତ ପ୍ରତିଶୃତି ଦିଆଯାଇଥିବା ବହୁମୂଲ୍ୟ ଅଧିକାରକୁ ବାରଣ କରାଯାଇପାରିବ ନାହିଁ । ଏହା କୁହାଯାଇପାରିବ ନାହିଁ ଯେ ଯେଉଁ ମୁହୂର୍ତ୍ତରେ ଜଣେ ପୁଲିସ ଜଣେ ନାଗରିକଙ୍କୁ ଗିରଫ କରେ, ସେ ତାଙ୍କ ଜୀବନର ମୌଳିକ ଅଧିକାରକୁ *ଛାଡ଼ିଦିଅନ୍ତି* । ନା ଏହା ମଧ୍ୟ କୁହାଯାଇପାରିବ ଯେ ଜଣେ ନାଗରିକଙ୍କ ଜୀବନର ଅଧିକାରକୁ ତାଙ୍କ ଗିରଫଦାରୀ ଦ୍ୱାରା *ସ୍ଥଗିତ ଅବସ୍ଥାରେ* ରଖାଯିବ । କୌଣସି ପ୍ରକାରର ନିର୍ଯ୍ୟାତନା କିମ୍ବା ନିଷ୍ଠୁର, ଅମାନବୀୟ କିମ୍ବା ଅପମାନଜନକ ବ୍ୟବହାର ସମ୍ବିଧାନର ଅନୁଚ୍ଛେଦ 21 ର ପ୍ରତିବନ୍ଧକ ପରିସର ମଧ୍ୟରେ ଆସିବ, ତାହା ତଦନ୍ତ, ପଚରାଉଚରା ବେଳରେ କିମ୍ବା ଅନ୍ୟ କୌଣସି ବେଳରେ ହେଉ । ଯଦି ସରକାରଙ୍କ କାର୍ଯ୍ୟକର୍ତ୍ତାମାନେ ଆଇନ ଭଙ୍ଗକାରୀ ହୁଅନ୍ତି, ତେବେ ଏହା ଆଇନ ପ୍ରତି ଅବମାନନା ସୃଷ୍ଟି କରିବ ଏବଂ ଅରାଜକତା ସୃଷ୍ଟି କରିବ ଏବଂ ପ୍ରତ୍ୟେକ ବ୍ୟକ୍ତି ନିଜେ ନିଜ ପାଇଁ ଆଇନ ସାଜିବାର ପ୍ରବୃତ୍ତି ରଖିବେ ଯାହା ଅରାଜକତାବାଦ ସୃଷ୍ଟି କରିବ । କୌଣସି ସଭ୍ୟ ରାଷ୍ଟ୍ର ଏପରି ହେବାକୁ ଅନୁମତି ଦେଇପାରିବ ନାହିଁ । ନାଗରିକମାନଙ୍କ ମୂଳ ଏବଂ ମୌଳିକ ମାନବିକ ଅଧିକାରର ତତ୍ତ୍ୱାବଧାୟକ ଏବଂ ରକ୍ଷକ ଭାବରେ ଏହି ନ୍ୟାୟାଳୟ ଏହି ସମସ୍ୟାକୁ ଇଚ୍ଛା କରି ଏଡାଇ ପାରିବେ ନାହିଁ । ରାଷ୍ଟ୍ରର ସ୍ୱାର୍ଥରେ ଅଟକବନ୍ଦୀ, ଅପରାଧୀ କିମ୍ବା ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ପଚରାଉଚରା କରିବାର ଅଧିକାର, ଜଣେ ବ୍ୟକ୍ତିର ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟର ଅଧିକାର ଉପରେ ଅଗ୍ରବର୍ତ୍ତିତା ପ୍ରାପ୍ତ କରିବା ଆବଶ୍ୟକ । *ସାଲସ ପପୁଲ ଏଷ୍ଟ ସୁପ୍ରେମା ଲେକ୍ସ* (ଲୋକଙ୍କ ସୁରକ୍ଷା ସର୍ବୋଚ୍ଚ ଆଇନ ଅଟେ) ଏବଂ *ସାଲସ୍ ରିପବ୍ଲିକା ଏଷ୍ଟ ସୁପ୍ରେମା ଲେକ୍ସ* (ରାଜ୍ୟର ସୁରକ୍ଷା ସର୍ବୋଚ୍ଚ ଆଇନ ଅଟେ) ଲାଟିନ ସିଦ୍ଧାନ୍ତଦ୍ୱୟ ସହ-ବିଦ୍ୟମାନ ଏବଂ କେବଳ ଯେ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରାସଙ୍ଗିକ ତାହା ନୁହେଁ ବରଂ ଏହି ମତବାଦର କେନ୍ଦ୍ରରେ ରହିଛି ଯେ ଜଣେ ବ୍ୟକ୍ତିର କଲ୍ୟାଣ ସମାଜର କଲ୍ୟାଣ ପ୍ରତି ସମର୍ପଣ ହେବା ଉଚିତ । ତେବେ, ରାଜ୍ୟର କାର୍ଯ୍ୟାନୁଷ୍ଠାନ "ସଠିକ୍, ନ୍ୟାୟସଙ୍ଗତ ଏବଂ ନିରପେକ୍ଷ" ହେବା ଆବଶ୍ୟକ । କୌଣସି ପ୍ରକାରର ସୂଚନା ବାହାର କରିବା ପାଇଁ କୌଣସି ପ୍ରକାରର *ନିର୍ଯ୍ୟାତନା* ପ୍ରୟୋଗ କରିବା 'ସଠିକ୍ କିମ୍ବା ନ୍ୟାୟସଙ୍ଗତ ଏବଂ ନିରପେକ୍ଷ' ହେବ

ନାହିଁ ଏବଂ ସୁତରାଂ, ଅନୁଚ୍ଛେଦ 21 ପ୍ରତି ଅପମାନଜନକ ହେଉଥିବାରୁ ସ୍ୱୀକାର୍ଯ୍ୟ ହେବ ନାହିଁ । ଏପରି ଅପରାଧଲିପ୍ତ-ସନ୍ଦିଗ୍ଧଙ୍କୁ ନିହାତି ପଚରାଉଚରା କରାଯିବା ଆବଶ୍ୟକ- ପ୍ରକୃତରେ ଏକ ସ୍ଥାୟୀ ଏବଂ କୌଶଳପୂର୍ଣ୍ଣ ଅନୁସନ୍ଧାନର ସାପେକ୍ଷରେ- ତେବେ ସେ ଯାହା ହେଉ, ଆଇନର ସ୍ଥିରୀକୃତ ବ୍ୟବସ୍ଥା ଅନୁସାରେ । ତେବେ ସେ ଯାହା ହେଉ, ସୂଚନା ବାହାର କରିବା ପାଇଁ କିମ୍ବା ବଳପୂର୍ବକ ଦୋଷ ସ୍ୱୀକାର କରେଇବାକୁ କିମ୍ବା ତାଙ୍କ ସହଯୋଗୀ, ଅସ୍ତ୍ରଶସ୍ତ୍ର ଇତ୍ୟାଦି ବିଷୟରେ କିଛି ଜାଣିବାକୁ *ତାଙ୍କୁ ନିର୍ଯାତନା ଦିଆଯାଇପାରିବ ନାହିଁ କିମ୍ବା ତୃତୀୟ ଡିଗ୍ରୀ ପଦ୍ଧତିର ପ୍ରୟୋଗ କରା ଯାଇପାରିବ ନାହିଁ କିମ୍ବା ହଟେଇ ଦିଆ ଯାଇପାରିବ ନାହିଁ ।* ଆଇନ ଦ୍ୱାରା ଅନୁମୋଦିତ ପଦ୍ଧତି ଛଡ଼ା ତାଙ୍କ ସାମ୍ବିଧାନିକ ଅଧିକାରକୁ ସଙ୍କୁଚିତ କରାଯାଇପାରିବ ନାହିଁ, ଯଦିଓ ଜଣେ ସାଧାରଣ ଅପରାଧୀଙ୍କ ତୁଳନାରେ ଏହିପରି ବ୍ୟକ୍ତିଙ୍କ ପଚରାଉଚରା ପଦ୍ଧତିରେ କାର୍ଯ୍ୟାବଳୀର ପ୍ରକୃତିରେ ଗୁଣାତ୍ମକ ପାର୍ଥକ୍ୟ ରହିବ । ଆତଙ୍କବାଦର ଆହ୍ୱାନକୁ ଅଭିନବ ଚିନ୍ତାଧାରା ଏବଂ ଆଭିମୁଖ୍ୟ ସହିତ ମୁକାବିଲା କରାଯିବା ଆବଶ୍ୟକ । ଆତଙ୍କବାଦର ମୁକାବିଲାର ଜବାବରେ  ରାଷ୍ଟ୍ରୀୟ ଆତଙ୍କବାଦ ଏହାର ଉତ୍ତର ନୁହେଁ । ରାଷ୍ଟ୍ରୀୟ ଆତଙ୍କବାଦ କେବଳ 'ଆତଙ୍କବାଦ' କୁ ବୈଧତା ପ୍ରଦାନ କରିବ । ଏହା ରାଜ୍ୟ, ସମ୍ପ୍ରଦାୟ ଏବଂ ସର୍ବୋପରି ଆଇନର ନିୟମ ପକ୍ଷେ ମନ୍ଦ ହେବ । ତେଣୁ ରାଜ୍ୟ ନିଶ୍ଚିତ କରିବ ଯେ ଆତଙ୍କବାଦର ମୁକାବିଲା ପାଇଁ ଏହା ଦ୍ୱାରା ନିୟୋଜିତ ବିଭିନ୍ନ ସଂସ୍ଥା ଆଇନର ସୀମା ମଧ୍ୟରେ କାର୍ଯ୍ୟ କରିବେ ଏବଂ ନିଜେ ନିଜ ପାଇଁ ଆଇନ ସାଜିବେ ନାହିଁ । ଆତଙ୍କବାଦୀ ନିର୍ଦ୍ଦୋଷ ନାଗରିକମାନଙ୍କ ମାନବିକ ଅଧିକାର ଲଙ୍ଘନ କରିଛି ବୋଲି ତାଙ୍କୁ ଦଣ୍ଡ ପାଇବାକୁ ଉତ୍ତରଦାୟୀ କରାଯାଇପାରେ କିନ୍ତୁ ଆଇନ ଦ୍ୱାରା ଅନୁମତିପ୍ରାପ୍ତ ଉପାୟ ଅବଲମ୍ବନ ବ୍ୟତୀତ ତାଙ୍କ ମାନବିକ ଅଧିକାରର ଲଙ୍ଘନ ଯଥାର୍ଥ ହେବ ନାହିଁ । ତେଣୁ ଅନୁସନ୍ଧାନର କୌଶଳପୂର୍ଣ୍ଣ ପଦ୍ଧତି ବିକଶିତ କରିବା ଏବଂ ଆହ୍ୱାନକୁ ମୁକାବିଲା କରିବା ପାଇଁ ଅନୁସନ୍ଧାନକାରୀମାନଙ୍କୁ ସଠିକ୍ ଭାବରେ ତାଲିମ ଦେବା ପ୍ରୟୋଜନୀୟ ।

*ଜୋଗିନ୍ଦର କୁମାର* ବନାମ *ରାଜ୍ୟ,* [1994] 4 ଏସସିସି 260; *ନୀଳାବତୀ ବାହେରା* ବନାମ *ଓଡ଼ିଶା ରାଜ୍ୟ,* [1993] 2 ଏସସିସି 746 ଏବଂ *ଏମ୍.ପି. ରାଜ୍ୟ* ବନାମ *ଶ୍ୟାମସୁନ୍ଦର ତ୍ରିବେଦୀ ଏବଂ ଅନ୍ୟମାନେ,* [1995] 3 ସ୍କେଲ୍ 343,  ଉପରେ ନିର୍ଭର କରାଯାଇଛି ।

*ମିରାଣ୍ଡା* ବନାମ *ଆରିଜୋନା,* 384 ୟୁଏସ 436, ଉଲ୍ଲେଖ କରାଯାଇଛି ।

*ଚାମ୍ବର୍ସ* ବନାମ *ଫ୍ଲୋରିଡା* / 309 ୟୁଏସ 227, ଉଦ୍ଧୃତ ।

2.1. ଏଥିରେ କୌଣସି ସନ୍ଦେହ ନାହିଁ ଯେ ପୁଲିସ ଏକ ଆଇନଗତ କର୍ତ୍ତବ୍ୟ ଅଧୀନରେ ଅଛନ୍ତି ଏବଂ ଅପରାଧୀକୁ ଗିରଫ କରିବା ଏବଂ ଏକ ଅପରାଧର ତଦନ୍ତ ସମୟରେ ତାଙ୍କୁ ପଚରାଉଚରା କରିବାର ବୈଧ ଅଧିକାର ଅଛି, କିନ୍ତୁ ଏହା ମନେ ରଖିବାକୁ ହେବ ଯେ ଆଇନ ଅପରାଧର ସମାଧାନ ଉଦ୍ଦେଶ୍ୟରେ ପଚରାଉଚରା ଏବଂ ଅନୁସନ୍ଧାନ ସମୟରେ ତୃତୀୟ ଡିଗ୍ରୀ ପଦ୍ଧତି ବ୍ୟବହାର କରିବାକୁ କିମ୍ବା ହାଜତରେ ଅଭିଯୁକ୍ତମାନଙ୍କୁ ନିର୍ଯ୍ୟାତନା ଦେବାକୁ ଅନୁମତି ଦିଏ ନାହିଁ । ପରିଣାମ ପନ୍ଥାକୁ ସାର୍ଥକ କରିପାରିବ ନାହିଁ । ତଦନ୍ତକୁ ଫଳପ୍ରଦ କରିବା ପାଇଁ ଏକ ଅପରାଧର ପଚରାଉଚରା ଏବଂ ତଦନ୍ତ ପ୍ରକୃତ ଅର୍ଥରେ ଉଦ୍ଦେଶ୍ୟମୂଳକ ହେବା ଉଚିତ୍ । ଆମର ଆଇନଗତ ନୀତି ଯାହା ନିଷେଧ କରେ ପୁଲିସ  ତାହା ବନ୍ଦ ଦ୍ୱାର ପଛରେ ଜଣେ ବ୍ୟକ୍ତିଙ୍କ ଉପରେ

ନିର୍ଯାତନା ଦେଇ ଏବଂ ତୃତୀୟ ଡିଗ୍ରୀ ପଦ୍ଧତି ବ୍ୟବହାର କରି ପୂରଣ କରିବ । କୌଣସି ସମାଜ ଏହାକୁ ଅନୁମତି ଦେଇପାରିବ ନାହିଁ ।

2.2. ଏହା ସତ୍ୟ ଯେ ଯଦି ନୃଶଂସ ଅପରାଧୀମାନଙ୍କର ମୌଳିକ ଏବଂ ମାନବିକ ଅଧିକାରର ସୁରକ୍ଷା ଉପରେ "ଅତ୍ୟଧିକ" ଗୁରୁତ୍ୱ ଦିଆଯାଏ, ତେବେ ଏହିପରି ଅପରାଧୀମାନେ କୌଣସି ଅପରାଧର କୌଣସି ତଥ୍ୟ କିମ୍ବା ଅପରାଧପ୍ରବଣତାର ଲେଶମାତ୍ର ପ୍ରକାଶ ନ କରି ମୁକ୍ତ ହୋଇପାରନ୍ତି, ଫଳସ୍ୱରୂପ ଅପରାଧ ଦଣ୍ଡମୁକ୍ତ ହେବ ଏବଂ ଚରମ ବିଶ୍ଳେଷଣରେ ସମାଜ କ୍ଷତିଗ୍ରସ୍ତ ହେବ । ଚିନ୍ତାର ବିଷୟ ପ୍ରକୃତ ଏବଂ ସମସ୍ୟାଟି ବାସ୍ତବ ଅଟେ । ଏଭଳି ପରିସ୍ଥିତିର ମୁକାବିଲା କରିବା ପାଇଁ ନ୍ୟାୟର ଲକ୍ଷ୍ୟ ହାସଲ କରିବା ପାଇଁ ଏକ ସନ୍ତୁଳିତ ଆଭିମୁଖ୍ୟର ଆବଶ୍ୟକତା ରହିଛି । ସମାଜର ଆଶାକୁ ଦୃଷ୍ଟିରେ ରଖି ଏହା ଆହୁରି ଅଧିକ ଜରୁରୀ ଯେ ପୁଲିସ ଅପରାଧୀମାନଙ୍କୁ କୌଶଳ ପୂର୍ବକ ଏବଂ ପ୍ରଭାବଶାଳୀ ଢଙ୍ଗରେ ମୁକାବିଲା କରିବା ଉଚିତ ଏବଂ ଅପରାଧରେ ସମ୍ପୃକ୍ତ ଥିବା ଲୋକଙ୍କୁ ବିଚାରକୁ ଆଣିବା ଉଚିତ୍ । ତେବେ, ରୋଗ ଅପେକ୍ଷା ଆରୋଗ୍ୟ ଅଧିକ ପୀଡ଼ାଦାୟୀ ହୋଇପାରିବ ନାହିଁ ।

2.3. ପୁଲିସ କ୍ଷମତାର ଅପବ୍ୟବହାରକୁ ରୋକିବା ପାଇଁ କାର୍ଯ୍ୟାନୁଷ୍ଠାନର ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ବୋଧହୁଏ ଦୁଇଟି ସମ୍ଭାବ୍ୟ ରକ୍ଷା କବଚ ବ୍ୟବସ୍ଥା ଯାହା ଉପରେ ଏହି ନ୍ୟାୟାଳୟ ଗୁରୁତ୍ୱ ଦେବା ଆବଶ୍ୟକ । ମୌଳିକ ମାନବୀୟ ମୂଲ୍ୟବୋଧ ସହିତ ଅନୁରୂପ ପୁଲିସ ବାହିନୀର କାର୍ଯ୍ୟ ସଂସ୍କୃତି, ପ୍ରଶିକ୍ଷଣ ଏବଂ ଆଭିମୁଖ୍ୟକୁ ସଠିକ ଭାବେ ବିକଶିତ କରିବା ଉପରେ ମଧ୍ୟ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ପୁଲିସର ପ୍ରଶିକ୍ଷଣ ପଦ୍ଧତିର ପୁନର୍ଗଠନ ଆବଶ୍ୟକ । ଏହି ଶକ୍ତିକୁ ମୌଳିକ ମାନବୀୟ ମୂଲ୍ୟବୋଧରେ ଅନୁପ୍ରାଣିତ କରାଯିବାର ଏବଂ ସାମ୍ବିଧାନିକ ନୈତିକତା ପ୍ରତି ସମ୍ବେଦନଶୀଳ କରିବାର ଆବଶ୍ୟକତା ରହିଛି । ତଦନ୍ତ ପରିଚାଳନା କରୁଥିବା ପୁଲିସ କର୍ମଚାରୀଙ୍କ ମନୋଭାବ ଏବଂ ଆଭିମୁଖ୍ୟକୁ ପରିବର୍ତ୍ତନ କରିବା ପାଇଁ ପ୍ରୟାସ କରାଯିବା ଆବଶ୍ୟକ ଯାହା ଦ୍ୱାରା ସେମାନେ ପଚରାଉଚରା ସମୟରେ ମୌଳିକ ମାନବିକ ମୂଲ୍ୟବୋଧକୁ ତ୍ୟାଗ କରିବେ ନାହିଁ ଏବଂ ସନ୍ଦେହାତ୍ମକ ପଚରାଉଚରାର ପଦ୍ଧତି ଅବଲମ୍ବନ କରିବେ ନାହିଁ । ସ୍ୱଚ୍ଛତା ଆଣିବା ଉଦ୍ଦେଶ୍ୟରେ, ପଚରାଉଚରା ବେଳେ ଗିରଫ ବ୍ୟକ୍ତିଙ୍କ ଓକିଲଙ୍କର ସମୟ ସମୟରେ ଉପସ୍ଥିତି ପୋଲିସକୁ ତୃତୀୟ ଡିଗ୍ରୀ ପଦ୍ଧତିର ବ୍ୟବହାର କରିବାରୁ ଅଟକାଇପାରେ ।

3. ତେଣୁ, ଗିରଫ କିମ୍ବା ଅଟକ ରଖିବାର ସମସ୍ତ ମାମଲାରେ ଅନୁସରଣ କରିବାକୁ ନିମ୍ନଲିଖିତ *ଆବଶ୍ୟକତାଗୁଡ଼ିକୁ* ଜାରି କରିବା ଉପଯୁକ୍ତ, ଯେ ପର୍ଯ୍ୟନ୍ତ *ପ୍ରତିଷେଧକ ପଦକ୍ଷେପ* ସ୍ୱରୂପ ସେହି ଉଦ୍ଦେଶ୍ୟରେ ଆଇନଗତ ବ୍ୟବସ୍ଥା କରାଯାଇନାହିଁ:

(1) ଗିରଫ ବ୍ୟକ୍ତିଙ୍କୁ ଗିରଫ ଏବଂ ପଚରାଉଚରା ପରିଚାଳନ କରୁଥିବା ପୁଲିସ କର୍ମଚାରୀମାନେ ସେମାନଙ୍କର ପଦବୀ ସହିତ ସଠିକ୍, ଦୃଶ୍ୟମାନ ଏବଂ ସ୍ପଷ୍ଟ ପରିଚୟ ଏବଂ ନାମ ଚିହ୍ନପତ୍ର ବହନ କରିବା ଉଚିତ୍ । ଗିରଫ ବ୍ୟକ୍ତିଙ୍କ ପଚରାଉଚରା ପରିଚାଳନା କରୁଥିବା ଏହିପରି ସମସ୍ତ ପୁଲିସ କର୍ମଚାରୀଙ୍କ ସବିଶେଷ ବିବରଣୀ ଏକ ବିବରଣ ଖାତାରେ ଲିପିବଦ୍ଧ କରାଯିବା ଆବଶ୍ୟକ ।

(2) ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ଗିରଫ କରୁଥିବା ପୁଲିସ ଅଧିକାରୀ ଗିରଫ ସମୟରେ ଏକ ଗିରଫ ସ୍ମାରକ ପତ୍ର ପ୍ରସ୍ତୁତ କରିବେ ଏବଂ ଏପରି ସ୍ମାରକ ପତ୍ର ଅତିକମରେ ଜଣେ ସାକ୍ଷୀଙ୍କ ଦ୍ୱାରା ପ୍ରତିସ୍ୱାକ୍ଷରିତ ହେବ, ଯିଏ ଗିରଫ ହୋଇଥିବା ବ୍ୟକ୍ତିଙ୍କ ପରିବାରର ସଦସ୍ୟ ହୋଇପାରନ୍ତି କିମ୍ବା ଯେଉଁଠାରୁ ଗିରଫ କରାଯାଇଛି ସେହି ଅଞ୍ଚଳର ଜଣେ ମାନ୍ୟଗଣ୍ୟ ବ୍ୟକ୍ତି ହୋଇପାରନ୍ତି । ଏହା ମଧ ଗିରଫ ବ୍ୟକ୍ତିଙ୍କ ଦ୍ୱାରା ପ୍ରତି-ହସ୍ତାକ୍ଷର ହେବ ଏବଂ ଏଥିରେ ଗିରଫ ହେବାର ସମୟ ଏବଂ ତାରିଖ ରହିବ ।

(3) ଜଣେ ବ୍ୟକ୍ତି ଯିଏ ଗିରଫ ହୋଇଛନ୍ତି କିମ୍ବା ଅଟକ ହୋଇଛନ୍ତି ଏବଂ ଏକ ପୁଲିସ ଥାନା କିମ୍ବା ପଚରାଉଚରା କେନ୍ଦ୍ର କିମ୍ବା ଅନ୍ୟ ବନ୍ଦୀଗୃହର ହେପାଜତରେ ସେ ଅଛନ୍ତି, ତାଙ୍କୁ ଗିରଫ କରାଯାଇଛି ଏବଂ ତାଙ୍କୁ ସେହି ନିର୍ଦ୍ଦିଷ୍ଟ ସ୍ଥାନରେ ଅଟକ ରଖାଯାଇଛି ବୋଲି ସେ ତାଙ୍କର ଜଣେ ବନ୍ଧୁ କିମ୍ବା ସମ୍ପର୍କୀୟ କିମ୍ବା ତାଙ୍କର ପରିଚିତ କିମ୍ବା ଅନ୍ୟ ଜଣେ ଶୁଭାକାଂକ୍ଷୀ ବ୍ୟକ୍ତିଙ୍କୁ ଯଥାଶୀଘ୍ର ଜଣାଇବାର ଅଧିକାର ପାଇବେ, ଯଦି ଗିରଫଦାରୀର ସ୍ମାରକପତ୍ରର ଅନୁପ୍ରମାଣକାରୀ ସାକ୍ଷୀ ସ୍ୱୟଂ ଗିରଫ ହୋଇଥିବା ବ୍ୟକ୍ତିଙ୍କ ବନ୍ଧୁ କିମ୍ବା ସମ୍ପର୍କୀୟ ହୋଇନଥାନ୍ତି ।

(4) ଯେଉଁ କ୍ଷେତ୍ରରେ ଗିରଫ ବ୍ୟକ୍ତିଙ୍କ ନିକଟତମ ବନ୍ଧୁ କିମ୍ବା ସମ୍ପର୍କୀୟ ଜିଲ୍ଲା କିମ୍ବା ସହର ବାହାରେ ରୁହନ୍ତି, ଜିଲ୍ଲାର ଆଇନ ସହାୟତା ସଂଗଠନ ଏବଂ ସମ୍ପୃକ୍ତ ଅଞ୍ଚଳର ପୁଲିସ ଥାନା ମାଧ୍ୟମରେ ଗିରଫ ହେବାର 8 ରୁ 12 ଘଣ୍ଟା ମଧ୍ୟରେ ତାରବାର୍ତ୍ତା ପ୍ରେରଣ ମାଧ୍ୟମରେ ସେମାନଙ୍କୁ ଗିରଫ ବ୍ୟକ୍ତିଙ୍କ ଗିରଫ ହେବାର ସମୟ, ସ୍ଥାନ ଏବଂ ହାଜତ ସ୍ଥାନ ବିଷୟରେ ପୁଲିସ ଦ୍ୱାରା ସୂଚିତ କରାଯିବା ଆବଶ୍ୟକ ।

(5) ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ଏହି ଅଧିକାର ବିଷୟରେ ଅବଗତ କରାଯିବା ଆବଶ୍ୟକ ଯେ ତାଙ୍କୁ ଗିରଫ କରାଯିବା କିମ୍ବା ଅଟକ ରଖାଯିବା ମାତ୍ରେ ଯାହାକୁ ହେଉ ତାଙ୍କ ଗିରଫ କିମ୍ବା ଅଟକ ବିଷୟରେ ସୂଚନା ଦିଆଯିବ ।

(6) ଅଟକ ସ୍ଥାନରେ ଥିବା ଡାଏରୀରେ ଅଟକ ବ୍ୟକ୍ତିଙ୍କ ଗିରଫ ବିଷୟରେ ଏକ ଦରଜ କରାଯିବା ଆବଶ୍ୟକ ଯାହା ଗିରଫ ବ୍ୟକ୍ତିଙ୍କ ନିକଟତମ ବନ୍ଧୁଙ୍କ ନାମ ଯାହାଙ୍କୁ ଗିରଫ ବିଷୟରେ ସୂଚନା ଦିଆଯାଇଥିବ ଏବଂ ଯେଉଁ ପୁଲିସ ଅଧିକାରୀଙ୍କ ହେପାଜତରେ ଗିରଫ ବ୍ୟକ୍ତି ଥିବେ ତାଙ୍କର ନାମ ତଥା ସବିଶେଷ ବିବରଣୀ ମଧ ପ୍ରକାଶ କରିବ ।

(7) ଗିରଫ ହୋଇଥିବା ବ୍ୟକ୍ତି, ଯେଉଁଠି ସେ ଏ'ପରି ଅନୁରୋଧ କରନ୍ତି, ଗିରଫ ସମୟରେ ମଧ ତାଙ୍କର ପରୀକ୍ଷା କରାଯିବା ଉଚିତ ଏବଂ ତାଙ୍କ ଶରୀରରେ ଯଦି କୌଣସି ବଡ଼ ଏବଂ ଛୋଟ ଆଘାତ ଥାଏ, ତେବେ ସେହି ସମୟରେ ସେଗୁଡ଼ିକୁ ଲିପିବଦ୍ଧ କରାଯିବା ଆବଶ୍ୟକ । "ତଦାରଖ ଜ୍ଞାପକପତ୍ର" ଉଭୟ ଗିରଫ ବ୍ୟକ୍ତି ଏବଂ ତାଙ୍କୁ ଗିରଫ କରିଥିବା ପୁଲିସ ଅଧିକାରୀଙ୍କ ଦ୍ୱାରା ସ୍ୱାକ୍ଷରିତ ହେବା ଆବଶ୍ୟକ ଏବଂ ଏହାର ନକଲ ଗିରଫ ବ୍ୟକ୍ତିଙ୍କୁ ପ୍ରଦାନ କରାଯିବ ।

(8) ସମ୍ପୃକ୍ତ ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳର ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକଙ୍କ ଦ୍ୱାରା ନିଯୁକ୍ତ ଏକ ଅନୁମୋଦିତ ଡାକ୍ତରମାନଙ୍କ ବିଶାରଦ ଦଳର ଜଣେ ଡାକ୍ତରଙ୍କ ଦ୍ୱାରା ପ୍ରତି 48 ଘଣ୍ଟାରେ ଜଣେ ତାଲିମପ୍ରାପ୍ତ

ଡାକ୍ତରଙ୍କ ଜରିଆରେ ଗିରଫ ବ୍ୟକ୍ତିଙ୍କର ଡାକ୍ତରୀ ପରୀକ୍ଷା କରାଯିବା ଉଚିତ୍ । ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ସମସ୍ତ ତହସିଲ ଏବଂ ଜିଲ୍ଲା ପାଇଁ ମଧ୍ୟ ଏଭଳି ତାଲିକା ପ୍ରସ୍ତୁତ କରିବା ଉଚିତ ।

(9) ଉପରେ ଉଲ୍ଲେଖ କରାଯାଇଥିବା ଗିରଫ ସ୍ମାରକ ସମେତ ସମସ୍ତ ଦଲିଲର ନକଲ ଇଲାକା ମାଜିଷ୍ଟ୍ରେଟଙ୍କ ନଥି ପାଇଁ ପଠାଯିବା ଉଚିତ......

(10) ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ପଚରାଉଚରା ସମୟରେ ତାଙ୍କ ଓକିଲଙ୍କୁ ଭେଟିବାକୁ ଅନୁମତି ଦିଆଯାଇପାରେ, ଯଦିଓ ସାରା ପଚରାଉଚରାର ସମୟରେ ନୁହେଁ ।

(11) ପ୍ରତ୍ୟେକ ଜିଲ୍ଲା ତଥା ରାଜ୍ୟ ମୁଖ୍ୟାଳୟରେ ଏକ ପୁଲିସ ନିୟନ୍ତ୍ରଣ କକ୍ଷର ପ୍ରବନ୍ଧ କରାଯିବା ଉଚିତ, ଯେଉଁଠାରେ ଗିରଫ ହୋଇଥିବା ବ୍ୟକ୍ତିଙ୍କ ଗିରଫ ଏବଂ ହାଜତ ସ୍ଥାନ ସମ୍ବନ୍ଧୀୟ ସୂଚନା ଗିରଫ ହେବାର 12 ଘଣ୍ଟା ମଧ୍ୟରେ ଅଧିକାରୀଙ୍କ ଦ୍ୱାରା ସୂଚିତ କରାଯିବ ଏବଂ ପୁଲିସ ନିୟନ୍ତ୍ରଣ କକ୍ଷରେ ଏହା ଏକ ସ୍ପଷ୍ଟ ଭାବେ ଦୃଶ୍ୟମାନ ବିଜ୍ଞପ୍ତି ଫଳକରେ ପ୍ରଦର୍ଶିତ ହେବ ।

4.1. ଏଠାରେ ଉପରୋକ୍ତ ଆବଶ୍ୟକତାଗୁଡ଼ିକର ଅନୁପାଳନ କରିବାରେ ବିଫଳତା ସମ୍ପୃକ୍ତ ଅଧିକାରୀଙ୍କୁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଆଇନ ଅନୁଯାୟୀ ବାଧିତ କରିବା ସହ ଆହୁରି ମଧ୍ୟ, ତାଙ୍କୁ ନ୍ୟାୟାଳୟର ଅବମାନନା ପାଇଁ ଦଣ୍ଡିତ କରାଯିବ ଏବଂ ଏହି ପ୍ରସଙ୍ଗରେ ଆଞ୍ଚଳିକ ଅଧିକାରିତା ଥିବା ଦେଶର ଉଚ୍ଚ ନ୍ୟାୟାଳୟରେ ନ୍ୟାୟାଳୟର ଅବମାନନା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ।

4.2. ଉପରୋକ୍ତ ଆବଶ୍ୟକତାଗୁଡ଼ିକ ସମ୍ବିଧାନର ଅନୁଚ୍ଛେଦ 21 ଏବଂ 22(1) ରୁ ଆସିଛି ଏବଂ ଏହାକୁ କଡାକଡି ଭାବେ ପାଳନ କରିବାର ଆବଶ୍ୟକତା ରହିଛି । ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ଉପକୂଳବର୍ତ୍ତୀ ରକ୍ଷୀ, କେନ୍ଦ୍ରୀୟ ସଂରକ୍ଷିତ ପୁଲିସ ବାହିନୀ (ସିଆରପିଏଫ), ସୀମା ସୁରକ୍ଷା ବାହିନୀ (ବିଏସଏଫ), କେନ୍ଦ୍ରୀୟ ଔଦ୍ୟୋଗିକ ସୁରକ୍ଷା ବାହିନୀ (ସିଆଇଏସଏଫ), ରାଜ୍ୟ ସଶସ୍ତ୍ର ପୁଲିସ, ଗୁଇନ୍ଦା ସଂସ୍ଥା ଯେପରିକି ଗୁପ୍ତ ସୂଚନା ସଂସ୍ଥା, କେନ୍ଦ୍ରୀୟ ଅନୁସନ୍ଧାନ ସଂସ୍ଥା (ସିବିଆଇ), ସିଆଇଡି, ଟ୍ରାଫିକ୍ ପୁଲିସ, ଆରୋହଣକାରୀ ପୁଲିସ ଏବଂ ଆଇଟିବିପି ଭଳି ଅନ୍ୟ ସରକାରୀ ସଂସ୍ଥାଗୁଡ଼ିକ ପାଇଁ ମଧ୍ୟ ଏହା ସମ ଭାବେ ଲାଗୁ ହେବ ।

*ସତୱିନ୍ଦର ସିଂ ଗ୍ରୋଭରଙ୍କ ମୃତ୍ୟୁ ସମ୍ବନ୍ଧରେ* [1995] ସପ୍ଲି. 4 ଏସସିସି 450, ଉପରେ ନିର୍ଭର କରାଯାଇଛି ।

4.3. ସାମ୍ବିଧାନିକ ଏବଂ ବୈଧାନିକ ରକ୍ଷା କବଚ ବ୍ୟବସ୍ଥା ସହ ଅଧିକନ୍ତୁ ଏହି ଆବଶ୍ୟକତାଗୁଡ଼ିକ ଅଛି ଏବଂ ଗିରଫ ବ୍ୟକ୍ତିଙ୍କ ଅଧିକାର ଏବଂ ମର୍ଯ୍ୟାଦାର ରକ୍ଷା କବଚ ସମ୍ବନ୍ଧରେ ସମୟ ସମୟରେ ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ଅନ୍ୟାନ୍ୟ ନିର୍ଦ୍ଦେଶଗୁଡ଼ିକୁ ଅଣଦେଖା କରେ ନାହିଁ ।

4.4. ଉପରୋକ୍ତ *ଆବଶ୍ୟକତାଗୁଡ଼ିକ* ପ୍ରତ୍ୟେକ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ପୁଲିସ ମହା ନିର୍ଦ୍ଦେଶକ ଏବଂ ଗୃହ ସଚିବଙ୍କ ନିକଟକୁ ପଠାଯିବ ଏବଂ ସେମାନଙ୍କ ଅଧୀନସ୍ଥ ପ୍ରତ୍ୟେକ ଥାନାକୁ ଏହାକୁ ପ୍ରସାରିତ କରିବା ଏବଂ ପ୍ରତ୍ୟେକ ଥାନାକୁ ଏକ ସ୍ପଷ୍ଟ ସ୍ଥାନରେ ସୂଚିତ କରିବା ସେମାନଙ୍କର ଆଇନଗତ ବାଧ୍ୟତା ହେବ । ଏହି

ଆବଶ୍ୟକତାଗୁଡ଼ିକୁ ଦୂରଦର୍ଶନର ଜାତୀୟ ନେଟୱାର୍କରେ ପ୍ରଦର୍ଶିତ କରାଯିବା ଏବଂ ସାଧାରଣ ଜନତାଙ୍କ ସୂଚନା ପାଇଁ ଏହି ଆବଶ୍ୟକତାଗୁଡ଼ିକୁ ସନ୍ନିବିଷ୍ଟ କରି ସ୍ଥାନୀୟ ଭାଷାରେ ପ୍ରଚାରପତ୍ରର ପ୍ରକାଶନ ଏବଂ ବଣ୍ଟନ କରାଯିବା ବ୍ୟତୀତ ଆବଶ୍ୟକତାଗୁଡ଼ିକର ଆକାଶବାଣୀରେ ପ୍ରସାରଣ ମଧ୍ୟ ଉପଯୋଗୀ ହେବ ଏବଂ ବୃହତ୍ତର ସ୍ୱାର୍ଥ ସାଧନ କରିବ । ଗିରଫ ବ୍ୟକ୍ତିଙ୍କ ଅଧିକାର ବିଷୟରେ ସଚେତନତାର ସୃଷ୍ଟି ହାଜତ ଅପରାଧର ଧୃଷ୍ଟତାକୁ ପ୍ରତିରୋଧ କରିବାର ଅଧିକାର ଦିଗରେ ଏବଂ ସ୍ୱଚ୍ଛତା ତଥା ଉତ୍ତରଦାୟିତ୍ୱ ଆଣିବାରେ ଏକ ପଦକ୍ଷେପ ହେବ ।

5.1 *ୟୁବି ଜୁସ୍ ଇବି ରିମେଡିଅମ୍*- ବିନା ପ୍ରତିକାରରେ କୌଣସି ଭୁଲ୍ ନ ଥାଏ । ଆଇନ ଚାହେଁ ଯେ ପ୍ରତ୍ୟେକ କ୍ଷେତ୍ରରେ ଯେଉଁଠାରେ ଜଣେ ବ୍ୟକ୍ତି ଅନ୍ୟାୟର ଶିକାର ଏବଂ କ୍ଷତିଗ୍ରସ୍ତ ହୁଅନ୍ତି ତାଙ୍କ ନିମନ୍ତେ ନିଶ୍ଚୟ ଏକ ପ୍ରତିକାର ରହିବ । କୌଣସି କାର୍ଯ୍ୟାନୁଷ୍ଠାନର ଅବୈଧତାର କେବଳ ଏକ ଘୋଷଣା କିମ୍ବା ହାଜତରେ ହିଂସା ହୋଇଥିବାର କିମ୍ବା ବନ୍ଦୀଗୃହରେ ମୃତ୍ୟୁର ସନ୍ଧାନ, ଜଣେ ବ୍ୟକ୍ତିଙ୍କୁ କୌଣସି ଅର୍ଥପୂର୍ଣ୍ଣ ପ୍ରତିକାର ପ୍ରଦାନ କରେ ନାହିଁ ଯାହାର ବଞ୍ଚି ରହିବାର ମୌଳିକ ଅଧିକାରକୁ ଲଂଘନ କରାଯାଇଛି । ଆହୁରି ଅନେକ କିଛି କରିବାର ଆବଶ୍ୟକତା ରହିଛି । ବଞ୍ଚି ରହିବାର ମୌଳିକ ଅଧିକାରର ଲଂଘନ ହୋଇଥିଲେ କ୍ଷତିପୂରଣ ପ୍ରଦାନ କରିବା ପାଇଁ ବାସ୍ତବରେ ଭାରତର ସମ୍ବିଧାନରେ କୌଣସି ସ୍ପଷ୍ଟ ବ୍ୟବସ୍ଥା ନାହିଁ, ତଥାପି, ଏହି ନ୍ୟାୟାଳୟ ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ କିମ୍ବା ବଞ୍ଚିବା ଅଧିକାରରୁ ବଞ୍ଚିତ ହେବା ପ୍ରତିଷ୍ଠିତ ଅସାମ୍ବିଧାନିକ ପ୍ରକ୍ରିୟାର ମାମଲାଗୁଡ଼ିକରେ, ନ୍ୟାୟିକ ଭାବରେ କ୍ଷତିପୂରଣର ଅଧିକାର ପ୍ରସ୍ତୁତ କରିଛନ୍ତି ।

*ରୁଦୁଲ ଶାହ* ବନାମ *ବିହାର ରାଜ୍ୟ* [1983] 4 ଏସସିସି 141; *ସେବାଷ୍ଟିଆନ୍ ଏମ୍. ହୋଙ୍ଗ୍ରେ* ବନାମ *ଭାରତ ସଂଘ* [1984] 3 ଏସସିସି 339; *ଭୀମ ସିଂହ* ବନାମ *ଜାମ୍ମୁ-କାଶ୍ମୀର ରାଜ୍ୟ* [1984] ସପ୍ଲି. ଏସସିସି 504; *ସାହେଲି* ବନାମ *ପୁଲିସ ଆୟୁକ୍ତ ଦିଲ୍ଲୀ* [1990] 1 ଏସସିସି 422 ଏବଂ *କସ୍ତୁରୀ ଲାଲ ରାଲିଆ ରାମ ଜୈନ* ବନାମ *ୟୁ.ପି. ରାଜ୍ୟ* [1965] 1 ଏସସିଆର 375, ଉପରେ ନିର୍ଭର କରାଯାଇଛି ।

5.2. ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ କିମ୍ବା ବଞ୍ଚି ରହିବାର ମୌଳିକ ଅଧିକାରରୁ ଅସାମ୍ବିଧାନିକ ଭାବେ ବଞ୍ଚିତ ହେଲେ କ୍ଷତିପୂରଣ ପାଇଁ ସର୍ବସାଧାରଣ ଆଇନରେ ଦାବି ଯାହାର ସୁରକ୍ଷାର ଲିଖିତ ପ୍ରତିଶ୍ରୁତି ସମ୍ବିଧାନ ଅଧୀନରେ ଦିଆଯାଇଛି, ତାହା କଠୋର ଦାୟିତ୍ୱ ଉପରେ ଆଧାରିତ ତଥା ସରକାରୀ କର୍ମଚାରୀଙ୍କ ଆଇନ ବିରୁଦ୍ଧ କାର୍ଯ୍ୟ ପାଇଁ କ୍ଷତିପୂରଣ ବାବଦରେ ଘରୋଇ ଆଇନରେ ଉପଲବ୍ଧ ଦାବି ଅତିରିକ୍ତ ଏକ ଦାବି ଅଟେ । ସର୍ବସାଧାରଣ ଆଇନ କାର୍ଯ୍ୟାନୁଷ୍ଠାନ ଘରୋଇ ଆଇନ କାର୍ଯ୍ୟାନୁଷ୍ଠାନ ଠାରୁ ଭିନ୍ନ ଉଦ୍ଦେଶ୍ୟ ସାଧନ କରେ । ସମ୍ବିଧାନର ଅନୁଚ୍ଛେଦ 21 ଅନୁଯାୟୀ ଲିଖିତ ପ୍ରତିଶ୍ରୁତି ଦିଆଯାଇଥିବା ଅପରିହାର୍ଯ୍ୟ ଅଧିକାରର ପ୍ରତିଷ୍ଠିତ ଉଲ୍ଲଂଘନ ପାଇଁ କ୍ଷତିପୂରଣ ପ୍ରଦାନ କରିବା ସର୍ବସାଧାରଣ ଆଇନରେ ଉପଲବ୍ଧ ଏକ ପ୍ରତିକାର, କାରଣ ସର୍ବସାଧାରଣ ଆଇନ ଉଦ୍ଦେଶ୍ୟ କେବଳ ସାର୍ବଜନୀନ ଅଧିକାରକୁ ଉନ୍ନତ କରିବା ନୁହେଁ, ବରଂ ନାଗରିକମାନଙ୍କୁ ଆଶ୍ୱସ୍ତ କରିବା ମଧ୍ୟ ଯେ ସେମାନେ ଏକ ଆଇନଗତ ବ୍ୟବସ୍ଥା ଅଧୀନରେ ରହୁଛନ୍ତି ଯେଉଁଥିରେ ସେମାନଙ୍କର ଅଧିକାର ଏବଂ ସ୍ୱାର୍ଥ ସୁରକ୍ଷିତ ଏବଂ ସଂରକ୍ଷିତ ରହିବ । ଅନୁଚ୍ଛେଦ 21 ଅନୁଯାୟୀ ଲିଖିତ ପ୍ରତିଶ୍ରୁତି ଦିଆଯାଇଥିବା ମୌଳିକ ଅଧିକାରର ପ୍ରତିଷ୍ଠିତ ଲଙ୍ଘନ ପାଇଁ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 32 କିମ୍ବା 226 ଅନୁଯାୟୀ କାର୍ଯ୍ୟାନୁଷ୍ଠାନରେ କ୍ଷତିପୂରଣ ପ୍ରଦାନ

କରିବା, ଅନ୍ୟାୟକାରୀ କାର୍ଯ୍ୟକର୍ତ୍ତାମାନଙ୍କୁ ଦଣ୍ଡିତ କରିବା ଏବଂ ନାଗରିକମାନଙ୍କ ମୌଳିକ ଅଧିକାରଗୁଡ଼ିକର ସୁରକ୍ଷା କରିବା ଦିଗରେ ନିଜର ସାର୍ବଜନୀନ କର୍ତ୍ତବ୍ୟ ନିର୍ବାହ କରିବାରେ ବିଫଳ ହୋଇଥିବା ରାଜ୍ୟ ଉପରେ ସାର୍ବଜନିକ ଅନ୍ୟାୟ କାର୍ଯ୍ୟ ପାଇଁ ଉତ୍ତରଦାୟିତ୍ୱ ସ୍ଥିର କରିବା ସର୍ବ ସାଧାରଣ ଆଇନ ଅଧୀନରେ ଅଦାଲତଗୁଡ଼ିକର ଏକ କାର୍ଯ୍ୟ ଅଟେ ।

5.3. ପୀଡ଼ିତମାନଙ୍କୁ କେବଳ ଦେୱାନୀ ଆଇନରେ ଉପଲବ୍ଧ ପ୍ରତିକାରଗୁଡ଼ିକ ଆଡ଼େ ଠେଲି ଦେବାର ପୁରୁଣା ମତବାଦ ନାଗରିକମାନଙ୍କ ଅପରିହାର୍ଯ୍ୟ ଅଧିକାରର ରକ୍ଷକ ଏବଂ ତତ୍ତ୍ୱାବଧାୟକ ସ୍ୱରୂପ ନ୍ୟାୟାଳୟର ଭୂମିକାକୁ ଅତ୍ୟନ୍ତ ସୀମିତ କରିଥାଏ । ନାଗରିକମାନଙ୍କ ସାମାଜିକ ଆକାଂକ୍ଷାକୁ ପୂରଣ କରିବା ନ୍ୟାୟାଳୟର ଆଇନଗତ ବାଧ୍ୟତା ଅଟେ କାରଣ ନ୍ୟାୟାଳୟ ଏବଂ ଆଇନ ଲୋକମାନଙ୍କ ପାଇଁ ତଥା ସେମାନଙ୍କ ଆକାଂକ୍ଷାକୁ ପୂରଣ କରିବାକୁ ପ୍ରତ୍ୟାଶିତ ଅଟନ୍ତି । ଏକ ବିଚାରାଳୟ ଏହାର ସଚେତନଶୀଳତା ଏବଂ ସଜୀବତାକୁ କଠୋର ବାସ୍ତବତା ପାଖରେ ରୁଦ୍ଧ କରିପାରିବ ନାହିଁ । ଅପରାଧୀକୁ କେବଳ ଦଣ୍ଡ ଦେବା ଦ୍ୱାରା ପୀଡ଼ିତଙ୍କ ପରିବାରକୁ ଅଧିକ ଆଶ୍ୱସ୍ତି ମିଳିପାରିବ ନାହିଁ- କ୍ଷତି ପାଇଁ ଦେୱାନୀ କାର୍ଯ୍ୟାନୁଷ୍ଠାନ ଏକ ଦୀର୍ଘ ତଥା ଜଟିଳ ନ୍ୟାୟିକ ପ୍ରକ୍ରିୟା । ତେଣୁ, ନାଗରିକଙ୍କ ଜୀବନର ଅପରିହାର୍ଯ୍ୟ ଅଧିକାରର ଉଲ୍ଲଙ୍ଘନକୁ ବିଚାର କରି ନ୍ୟାୟାଳୟ ଦ୍ୱାରା ପ୍ରତିକାର ପାଇଁ ଆର୍ଥିକ କ୍ଷତିପୂରଣ ଏକ ଉପଯୋଗୀ ଓ ବେଳେବେଳେ ମୃତ ପୀଡିତଙ୍କ ପରିବାର ସଦସ୍ୟଙ୍କ କ୍ଷତ ଉପରେ ମଲମ ପ୍ରୟୋଗ କରିବାର ଏକମାତ୍ର ପ୍ରଭାବଶାଳୀ ପ୍ରତିକାର, ଯେଉଁମାନେ ହୁଏତ ପରିବାରର ରୋଜଗାରକ୍ଷମ ହୋଇଥାଇପାରନ୍ତି ।

*ନୀଳାବତୀ ବେହେରା* ବନାମ *ଓଡ଼ିଶା ରାଜ୍ୟ* [1993] 2 ଏସସିସି 746, ଉପରେ ନିର୍ଭର କରାଯାଇଛି।

*ରାଜ୍ୟ (ଆଟ୍ ଦି ପ୍ରସିକ୍ୟୁସନ୍ ଅଫ୍ କ୍ୱିନ୍) ବନାମ ରିଆନ* (1965) ଆଇଆର 70; *ବାଇର୍ଣ୍ଣ ବନାମ ଆୟର୍ଲାଣ୍ଡ* (1972) ଆଇଆର 241; *ମହାରାଜ ବନାମ ତ୍ରିନିଦାଦ ଏବଂ ଟୋବାଗୋର ଆଟର୍ଣ୍ଣି ଜେନେରାଲ* (1978) 2 All ଇ.ଆର୍. 670 ଏବଂ *ସିମ୍ପସନ୍ ବନାମ ଆଟର୍ଣ୍ଣି ଜେନେରାଲ* (1994) ଏନଜେଡ଼ଆଇଆର୍ 667, ଉଲ୍ଲେଖ କରାଯାଇଛି ।

6. ଅପରାଧ ପାଇଁ ଉପଯୁକ୍ତ ଦଣ୍ଡାଦେଶ (କ୍ଷତିପୂରଣ ନିର୍ବିଶେଷରେ) ଫୌଜଦାରୀ ଅଦାଲତ ଉପରେ ଛାଡିଦେବା ଆବଶ୍ୟକ ଯେଉଁଠାରେ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ, ରାଜ୍ୟ ଯାହା ଆଇନତଃ, କରିବାକୁ ବାଧ୍ୟ । ସର୍ବ ସାଧାରଣ ଆଇନ କ୍ଷେତ୍ରାଧିକାରିତାରେ କ୍ଷତିପୂରଣର ଅଧିନିର୍ଣ୍ଣୟ ମଧ୍ୟ ରାଜ୍ୟର କାର୍ଯ୍ୟକର୍ତ୍ତାମାନଙ୍କ ଦ୍ୱାରା କରାଯାଇଥିବା ପାଇଁ ସେହି ଏକା ପ୍ରସଙ୍ଗରେ ପୀଡିତ କିମ୍ବା ମୃତ ପୀଡିତଙ୍କ ଉତ୍ତରାଧିକାରୀଙ୍କ ପାଇଁ ଆଇନତଃ ଉପଲବ୍ଧ କ୍ଷତିପୂରଣ ନିମିତ୍ତ ଦେୱାନୀ ମକଦ୍ଦମା ଭଳି, ଅନ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ପ୍ରତି ପ୍ରତିକୂଳ ପ୍ରଭାବ ନ ପକାଇ ଦିଆ ଯାଇଥାଏ । କ୍ଷତିପୂରଣର ପରିମାଣ, ଅବଶ୍ୟ, ପ୍ରତ୍ୟେକ ମାମଲାର ସ୍ୱତନ୍ତ୍ର ତଥ୍ୟାତଥ୍ୟ ଉପରେ ନିର୍ଭର କରିବ ଏବଂ ସେହି ଉଦ୍ଦେଶ୍ୟରେ କୌଣସି କଠୋର ସିଦ୍ଧାନ୍ତ ବିକଶିତ କରାଯାଇପାରିବ ନାହିଁ । ତେଣୁ, ସର୍ବ ସାଧାରଣ ଆଇନ କ୍ଷେତ୍ରାଧିକାରିତା ଅଧୀନରେ ନାଗରିକମାନଙ୍କ ମୌଳିକ ଅଧିକାର ଉପରେ *ପ୍ରତିଷ୍ଠିତ* ଆକ୍ରମଣର ଭୁଲ ପାଇଁ ପ୍ରତିକାର କରିବାକୁ ଉପଶମଟି, ପାରମ୍ପାରିକ

**ପ୍ରତିକାରଗୁଡ଼ିକର ଅତିରିକ୍ତରେ ଅଟେ ଏବଂ ସେଗୁଡ଼ିକର ଅବମାନନାରେ ନୁହେଁ । ଏକ ନିର୍ଦ୍ଦିଷ୍ଟ ମାମଲାରେ, ନ୍ୟାୟାଳୟ ଦ୍ୱାରା ପ୍ରଦତ୍ତ କ୍ଷତିପୂରଣ ରାଶି ଏବଂ ରାଜ୍ୟ ଦ୍ୱାରା କରାଯାଇଥିବା ଭୁଲର ପ୍ରତିକାର ପାଇଁ ପ୍ରଦାନ କରାଯାଇଥିବା କ୍ଷତିପୂରଣ ରାଶି, ଏକ ଦେୱାନୀ ମକଦ୍ଦମାରେ କ୍ଷତିପୂରଣ ରୂପରେ ଦାବିଦାରଙ୍କୁ ପ୍ରଦାନ କରାଯାଇଥିବା ଯେ କୌଣସି ରାଶି ବାବଦରେ ସମାଯୋଜନ କରାଯାଇପାରିବ ।**

ଫୌଜଦାରୀ ଆବେଦନ ଅଧିକାରିତା: ରିଟ ଆବେଦନ (ସିଆରଏଲ) ସଂଖ୍ୟା 539/1986 ଇତ୍ୟାଦି

(ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 32 ଅଧୀନରେ)

ଭି.ଆର୍. ରେଡ୍ଡୀ, ଅତିରିକ୍ତ ସଲିସିଟର ଜେନେରାଲ, ଡଃ ଏନ୍.ଏମ୍. ଘାଟାଟେ, ତାପସ୍ ରାୟ, ସୁଶ୍ରୀ କେ. ଅମରେଶ୍ୱରୀ, ଡଃ ଏ.ଏମ୍. ସିଂଭି, (ଏ. ସି.), ସୁଶୀଲ କେ. ଜୈନ, ସୁଧାଂଶୁ ଆତ୍ରେୟା, ପି.କେ. ବଂଶଲ, ପି. ପରମେଶ୍ୱରନ୍, ଆର୍.ପି. ଶ୍ରୀବାସ୍ତବ, ଏସ୍.କେ. ନନ୍ଦୀ, (ଆଇ.ଏସ୍. ଗୋୟଲ୍) ସୁଶ୍ରୀ ଇନ୍ଦୁ ମାଲହୋତ୍ରାଙ୍କ ପାଇଁ, ନରେଶ୍ କେ. ଶର୍ମା, ଅଶୋକ ମାଥୁର, ଏ. ସାକେଶ କୁମାର, ଉମାନାଥ ସିଂହ, ଏ.ଏସ୍. ଭାସ୍ମେ, ଡି.ଏନ୍. ମୁଖାର୍ଜୀ, ସୁଶ୍ରୀ ହେମନ୍ତିକା ୱାହି, କୈଳାଶ ଭାସଦେବ, ସୁଶ୍ରୀ ଆଲ୍ପନା କୃପାଳ, ରାଜ କୁମାର ମେହେଟ୍ଟା, ଆର୍.ଏସ୍. ସୁରୀ, ଜି.କେ. ବଂଶଲ, ଏ.ଏସ୍. ପୁଣ୍ଡିର, ଦିଲୀପ ସିଂହ, କୃଷ୍ଣମୂର୍ତ୍ତି ସ୍ୱାମୀ, ପି.କେ. ମନୋହର, ଜି. ପ୍ରଭାକର, ଏମ୍. ବୀରାପ୍ପା, ସୁଶ୍ରୀ ଏସ୍. ଜନନୀ, ଜି. ପ୍ରକାଶ, ଏମ୍.ଟି. ଜର୍ଜ, କେ.ଭି. ଭେଙ୍କଟରମଣ, କେ.ଭି. ବିଶ୍ୱନାଥନ, ବି.କେ. ପ୍ରସାଦ, ଟି.ଭି.ଏସ୍.ଏନ. ଚାରି, ବି.ବି. ସିଂହ, ଅନିପ ସଚଥେ, ଏନ୍. ରଘୁରମନ, କେ.ଆର୍. ନାମ୍ବିଆର, ଇନ୍ଦ୍ର ମକୱାନା, ଆର୍. ମୋହନ, ଗୋପାଳ ସିଂହ, ସୁଶ୍ରୀ କାମିନୀ ଜୟସୱାଲ, ଡି.ଏନ୍. ଗୋବର୍ଦ୍ଧନ, ସି.ଭି.ଏସ୍. ରାଓ, ଆର୍. ଶଶିପ୍ରଭୁ, ଏସ୍.କେ. ଅଗ୍ନିହୋତ୍ରୀ, ଆର୍.ବି. ମିଶ୍ର ଉପସ୍ଥିତ ଥିବା ପକ୍ଷମାନଙ୍କ ତରଫରୁ ।

ନ୍ୟାୟାଳୟର ରାୟ ପ୍ରଦାନ କରିଥିଲେ,

**ଡଃ ଆନନ୍ଦ, ନ୍ୟାୟମୂର୍ତ୍ତି** । ସମାଜ ପଞ୍ଜୀକରଣ ଅଧିନିୟମ ଅଧୀନରେ ପଞ୍ଜୀକୃତ ଏକ ଅଣ-ରାଜନୈତିକ ସଙ୍ଗଠନ, ପଶ୍ଚିମବଙ୍ଗର ଆଇନ ସହାୟତା ସେବାର କାର୍ଯ୍ୟ ନିର୍ବାହୀ ଅଧକ୍ଷ,  26 ଅଗଷ୍ଟ, 1986 ରେ ଭାରତର ପ୍ରଧାନ ନ୍ୟାୟମୂର୍ତ୍ତିଙ୍କୁ ସମ୍ବୋଧିତ କରି ଟେଲିଗ୍ରାଫରେ 20, 21 ଏବଂ 22 ଜୁଲାଇ, 1986 ରେ ଏବଂ ଷ୍ଟେଟସମ୍ୟାନ ଏବଂ ଇଣ୍ଡିଆନ୍ ଏକ୍ସପ୍ରେସରେ 17 ଅଗଷ୍ଟ, 1986 ରେ ପୁଲିସ ହାଜତ ଏବଂ ହେପାଜତରେ ମୃତ୍ୟୁ ସମ୍ବନ୍ଧରେ ପ୍ରକାଶିତ କେତେକ ଖବର ପ୍ରତି ତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । କାର୍ଯ୍ୟ ନିର୍ବାହୀ ଅଧକ୍ଷ ସମ୍ବାଦର ପୁନଃ ଉତ୍ଥାନ କରିବା ପରେ କହିଥିଲେ ଯେ ଏହି ପ୍ରସଙ୍ଗକୁ ଗଭୀର ଭାବେ ଅନୁଧ୍ୟାନ କରିବା ଏବଂ "ହାଜତ ନ୍ୟାୟଶାସ୍ତ୍ର" ବିକଶିତ କରିବା ତଥା ପୁଲିସ  ହାଜତରେ ହୋଇଥିବା ଅତ୍ୟାଚାର ଏବଂ ମୃତ୍ୟୁ ପାଇଁ ପୀଡ଼ିତ ଏବଂ/କିମ୍ବା ପୀଡିତଙ୍କ ପରିବାର ସଦସ୍ୟଙ୍କୁ କ୍ଷତିପୂରଣ ପ୍ରଦାନ କରିବା ଏବଂ ସମ୍ପୃକ୍ତ ଅଧିକାରୀମାନଙ୍କର ଉତ୍ତରଦାୟିତ୍ୱ ବ୍ୟବସ୍ଥା କରିବା ପାଇଁ ପଦ୍ଧତି ପ୍ରସ୍ତୁତ କରିବା ଜରୁରୀ । ଚିଠିରେ ଏହା ମଧ୍ୟ କୁହାଯାଇଛି ଯେ ବନ୍ଦୀଗୃହ ମୃତ୍ୟୁ ପ୍ରସଙ୍ଗକୁ ଚପେଇଦେବା ପାଇଁ ଅନେକ ସମୟରେ ପ୍ରୟାସ କରାଯାଇଥାଏ ଏବଂ ଏହିପରି

ଅପରାଧ ଦଣ୍ଡରହିତ ହୋଇ "ବୃଦ୍ଧି" ହୋଇଥାଏ । ଏହା ଅନୁରୋଧ କରାଯାଇଥିଲା ଯେ ଖବରଗୁଡ଼ିକ ସହିତ ଚିଠିଟି "ଜନସ୍ୱାର୍ଥ ମକଦ୍ଦମା" ବର୍ଗରେ ଏକ ରିଟ୍ ଆବେଦନ ଅଧୀନରେ ବିବେଚନା କରାଯିବ ।

ଚିଠିରେ ଉଠାଯାଇଥିବା ପ୍ରସଙ୍ଗର ଗୁରୁତ୍ୱକୁ ବିଚାରକୁ ନେଇ ଏବଂ ପୁଲିସ ହାଜତରେ ହାଜତ ହିଂସା ଏବଂ ମୃତ୍ୟୁ ସମ୍ବନ୍ଧୀୟ ବାରମ୍ବାର ଅଭିଯୋଗ ଦ୍ୱାରା ଚିନ୍ତିତ ହୋଇ, ଏହି ଚିଠିକୁ ଏକ ରିଟ୍ ଆବେଦନ ଭାବରେ ବିବେଚନା କରାଯାଇଥିଲା ଏବଂ ପ୍ରତିବାଦୀମାନଙ୍କୁ 9.2.1987 ରେ ନୋଟିସ୍ ଜାରି କରାଯାଇଥିଲା ।

ଏହି ନୋଟିସର ଜବାବରେ ପଶ୍ଚିମବଙ୍ଗ ରାଜ୍ୟ ଏକ ପ୍ରତିଜବାବ ଦାଖଲ କରିଥିଲା । ଏହା ବଜାୟ ରଖାଯାଇଥିଲା ଯେ ପୁଲିସ ହାଜତ ମୃତ୍ୟୁ ବିଷୟରେ କୌଣସି ମାମଲା ଲୁଚାଇ ନଥିଲା ଏବଂ ଯେଉଁଠାରେ ପୁଲିସ କର୍ମଚାରୀ ଏପରି ମୃତ୍ୟୁ ପାଇଁ ଦାୟୀ ବୋଲି ଜଣାପଡୁଥିଲା, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିଲା । ପ୍ରତିବାଦୀମାନେ ରିଟ୍ ଆବେଦନଟି ଭୁଲ ଧାରଣାଯୁକ୍ତ, ବିଭ୍ରାନ୍ତିକର ଏବଂ ଆଇନରେ ଗ୍ରହଣୀୟ ନୁହେଁ ବୋଲି ବର୍ଣ୍ଣନା କରିଥିଲେ ।

ରିଟ୍ ଆବେଦନ ବିଚାରାଧୀନ ଥିବାବେଳେ ଶ୍ରୀ ଅଶୋକ କୁମାର ଜୋହରୀଙ୍କ ଦ୍ୱାରା 29.7.87 ରେ ଭାରତର ମାନ୍ୟବର ପ୍ରଧାନ ନ୍ୟାୟମୂର୍ତ୍ତିଙ୍କୁ ସମ୍ବୋଧିତ ଏକ ଚିଠି ପୁଲିସ ହାଜତରେ ଅଲିଗଡ଼ର ପିଲଖାନାର ମହେଶ ବିହାରୀଙ୍କ ମୃତ୍ୟୁ ପ୍ରତି ଏହି ନ୍ୟାୟାଳୟ ଦୃଷ୍ଟି ଆକର୍ଷଣ କରିଥିଲା । ସେହି ଚିଠିକୁ ଏକ ରିଟ୍ ଆବେଦନ ଭାବରେ ମଧ୍ୟ ବିବେଚନା କରାଯାଇଥିଲା ଏବଂ ଶ୍ରୀ ଡି. କେ. ବସୁଙ୍କ ଦ୍ୱାରା ଦାଖଲ ହୋଇଥିବା ରିଟ୍ ଆବେଦନ ସହିତ ତାଲିକାଭୁକ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । 14.8.1987 ରେ ଏହି ନ୍ୟାୟାଳୟ ନିମ୍ନଲିଖିତ ଆଦେଶ ଦେଇଥିଲେ:

> "ପ୍ରାୟ ପ୍ରତ୍ୟେକ ରାଜ୍ୟରେ ଆରୋପମାନ ରହିଛି ଏବଂ ହାଜତରେ ମୃତ୍ୟୁ ବାରମ୍ବାର ଘଟୁଥିବାରୁ ଏହି ଆରୋପଗୁଡିକ ବର୍ତ୍ତମାନ ବଢ଼ି ବଢ଼ି ଯାଉଛି ଯାହା ସାଧାରଣତଃ ଖବରକାଗଜମାନଙ୍କରେ ବନ୍ଦୀଗୃହ ମୃତ୍ୟୁ ଭାବରେ ବର୍ଣ୍ଣିତ । ବର୍ତ୍ତମାନ ଏଭଳି ଆରୋପଗୁଡ଼ିକର ପ୍ରଭାବଶାଳୀ ଭାବରେ ମୁକାବିଲା ପାଇଁ କୌଣସି ପଦ୍ଧତି ଥିବା ପରି ମନେ ହେଉନାହିଁ । ଯେହେତୁ ଏହା ସମସ୍ତ ରାଜ୍ୟ ସମ୍ବନ୍ଧରେ ଏକ ସର୍ବଭାରତୀୟ ପ୍ରଶ୍ନ, ତେଣୁ ସେମାନେ ଏହି ପ୍ରସଙ୍ଗରେ କିଛି କହିବାକୁ ଚାହୁଁଛନ୍ତି କି ନାହିଁ ତାହା ଜାଣିବା ପାଇଁ ସମସ୍ତ ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିବା ବାଞ୍ଛନୀୟ । ସମସ୍ତ ରାଜ୍ୟ ସରକାରମାନଙ୍କୁ ନୋଟିସ ଜାରି କରାଯାଉ । ଏହି ପ୍ରସଙ୍ଗରେ ଉପଯୁକ୍ତ ପରାମର୍ଶ ଦିଆଯାଇପାରେ ବୋଲି ଏକ ଅନୁରୋଧ ସହିତ ଭାରତୀୟ ଆଇନ ଆୟୋଗଙ୍କୁ ମଧ୍ୟ ନୋଟିସ୍ ଜାରି କରାଯାଉ । ଆଜିଠାରୁ ଦୁଇ ମାସ ମଧ୍ୟରେ ନୋଟିସ ଫେରସ୍ତ ହେବ ।"

ଏହି ନୋଟିସର ଜବାବରେ ପଶ୍ଚିମବଙ୍ଗ, ଓଡ଼ିଶା , ଆସାମ, ହିମାଚଳ ପ୍ରଦେଶ, ମଧ୍ୟପ୍ରଦେଶ, ହରିୟାଣା, ତାମିଲନାଡୁ, ମେଘାଳୟ, ମହାରାଷ୍ଟ୍ର ଏବଂ ମଣିପୁର ରାଜ୍ୟ ତରଫରୁ ସତ୍ୟପାଠମାନ ଦାଖଲ କରାଯାଇଛି । କେନ୍ଦ୍ର ଶାସିତ ଅଞ୍ଚଳ ଚଣ୍ଡିଗଡ଼ ଏବଂ ଭାରତୀୟ ଆଇନ ଆୟୋଗ ତରଫରୁ ମଧ୍ୟ ସତ୍ୟପାଠ ଦାଖଲ କରାଯାଇଛି ।

ରିଟ୍ ଆବେଦନର ଶୁଣାଣୀ ସମୟରେ, ନ୍ୟାୟାଳୟ ଓକିଲମାନଙ୍କଠାରୁ ସାହାଯ୍ୟର ଆବଶ୍ୟକତା ଅନୁଭବ କରିଥିଲେ ଏବଂ ବରିଷ୍ଠ ଓକିଲ ଡକ୍ଟର ଏ. ଏମ୍. ସିଂଭିଙ୍କୁ ନ୍ୟାୟାଳୟକୁ *ନ୍ୟାୟମିତ୍ର* ଭାବରେ ସାହାଯ୍ୟ କରିବାକୁ ଅନୁରୋଧ କରାଯାଇଥିଲା ।

ବିଭିନ୍ନ ରାଜ୍ୟ ପାଇଁ ହାଜର ହୋଇଥିବା ଶ୍ରୀମାନ ଓକିଲ ଏବଂ ନ୍ୟାୟାଳୟର ଜଣେ ମିତ୍ର ଭାବେ ଡଃ ସିଂଘଭି ଏହି ମାମଲାକୁ ଦକ୍ଷତାର ସହ ଉପସ୍ଥାପନ କରିଥିଲେ ଏବଂ ଯଦିଓ ରାଜ୍ୟଗୁଡ଼ିକ ପକ୍ଷରୁ ପ୍ରାରମ୍ଭିକ ପ୍ରୟାସ ଏହା ଦର୍ଶାଇବା ପାଇଁ ଥିଲା ଯେ ସମ୍ପୃକ୍ତ ରାଜ୍ୟ ମଧ୍ୟରେ "ସବୁକିଛି ଠିକ୍ ଥିଲା", ସମ୍ପୃକ୍ତ ପ୍ରସଙ୍ଗର ଗୁରୁତ୍ୱକୁ ଦୃଷ୍ଟିରେ ରଖି ପକ୍ଷମାନଙ୍କ ପାଇଁ ଶ୍ରୀମାନ ଓକିଲ, ଯେପରି ସେମାନଙ୍କଠାରୁ ଆଶା କରାଯାଉଥିଲା, ସମ୍ପୃକ୍ତ ସଂକ୍ଷିପ୍ତ ବିବରଣୀ ଠାରୁ ଉର୍ଦ୍ଧ୍ୱକୁ ଉଠି ଏହି ପ୍ରସଙ୍ଗର ବିଭିନ୍ନ ଦିଗକୁ ଯାଞ୍ଚ କରିବାରେ ଏହି ନ୍ୟାୟାଳୟ ଉପଯୋଗୀ ସହାୟତା ପ୍ରଦାନ କରିଥିଲେ ଏବଂ ହାଜତ ହିଂସାକୁ ହ୍ରାସ କରିବା, ଯଦି ରୋକାଯାଇପାରିବ ନାହିଁ, ଏବଂ ହାଜତ ହିଂସାରେ ପୀଡିତ ତଥା ନିର୍ଯାତନା କାରଣରୁ ହାଜତରେ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ସମ୍ପର୍କୀୟଙ୍କୁ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଏହି ଅଦାଲତ ଦ୍ୱାରା ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିବା ପାଇଁ କେତେକ ପରାମର୍ଶ ଦେଇଥିଲେ ।

ଏହି ନ୍ୟାୟାଳୟ ଦ୍ୱାରା ଜାରି ହୋଇଥିବା ନୋଟିସର ଜବାବରେ ଭାରତର ଆଇନ ଆୟୋଗ ମଧ୍ୟ "ପୁଲିସ  ହାଜତରେ ଆଘାତ ଏବଂ ଭାରତୀୟ ସାକ୍ଷ୍ୟ ଆଇନରେ ଧାରା 114-B କୁ ଅନ୍ତର୍ଭୁକ୍ତ କରିବାକୁ ପରାମର୍ଶ" ସମ୍ବନ୍ଧରେ 113 ତମ ଲିଖିତ ବିବରଣୀର ଏକ ନକଲ ପଠାଇଥିଲେ ।

ପ୍ରତ୍ୟେକ ମଣିଷର ସୁନିଶ୍ଚିତ ଅଧିକାରର ପ୍ରାଧାନ୍ୟ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ନାହିଁ ଏବଂ ତେଣୁ, ଏହାର ଉଲ୍ଲଙ୍ଘନକୁ ରୋକିବା, ନାଗରିକଙ୍କ ମୂଳ ଏବଂ ମୌଳିକ ମାନବିକ ଅଧିକାରର ତତ୍ତ୍ୱାବଧାୟକ ଏବଂ ରକ୍ଷକ ହିସାବରେ ନ୍ୟାୟାଳୟର ଏକ ପବିତ୍ର କର୍ତ୍ତବ୍ୟ ହେଉଛି । ବନ୍ଦୀଗୃହରେ ନିର୍ଯାତନା ଏବଂ ମୃତ୍ୟୁ ସମେତ ହାଜତ ହିଂସା, ଆଇନର ନିୟମ ଉପରେ ଏକ ପ୍ରହାର କରେ, ଯାହା ଦାବି କରେ ଯେ କାର୍ଯ୍ୟ ନିର୍ବାହୀର କ୍ଷମତା କେବଳ ଆଇନରୁ ପ୍ରାପ୍ତ ହେବା ଉଚିତ ନୁହେଁ ବରଂ ଏହା ମଧ୍ୟ ଆଇନ ଦ୍ୱାରା ସୀମିତ ହେବା ଉଚିତ । ହାଜତ ହିଂସା ଏକ ଚିନ୍ତାର ବିଷୟ । ଏହା ଏହି ତଥ୍ୟ ଦ୍ୱାରା ଗୁରୁତର ହୋଇଥାଏ ଯେ ଏହା ସେହି ବ୍ୟକ୍ତିମାନଙ୍କ ଦ୍ୱାରା କରାଯାଇଥାଏ ଯେଉଁମାନେ ନାଗରିକମାନଙ୍କର ରକ୍ଷକ ବୋଲି ବିବେଚନା କରାଯାଏ । ପୀଡ଼ିତ ସମ୍ପୂର୍ଣ୍ଣ ଅସହାୟ ଥିବାବେଳେ ଏକ ପୁଲିସ ଥାନା କିମ୍ବା ହାଜତର ଚାରି କାନ୍ଥ ଭିତରେ ଖାକି ପୋଷାକ ଏବଂ କ୍ଷମତାର ଢାଲ ତଳେ ଏହା କରାଯାଇଥାଏ । ପୁଲିସ  ଏବଂ ଅନ୍ୟ ଆଇନ ପ୍ରବର୍ତ୍ତକ ଅଧିକାରୀଙ୍କ ଦ୍ୱାରା ନିର୍ଯାତନା ଏବଂ ଦୁର୍ବ୍ୟବହାରରୁ ଜଣେ ବ୍ୟକ୍ତିର ସୁରକ୍ଷା ଏକ ସ୍ୱାଧୀନ ସମାଜରେ ଗଭୀର ଚିନ୍ତାର ବିଷୟ । ଏହି ଆବେଦନଗୁଡିକ ପୁଲିସ କ୍ଷମତା ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉତ୍ଥାପନ କରେ, ଯେଉଁଥିରେ ଭାରତର ସମ୍ବିଧାନର ଧାରା 21 ଏବଂ 22 ଦ୍ୱାରା ଲିଖିତ ପ୍ରତିଶୃତି ଦିଆଯାଇଥିବା ମୌଳିକ ଅଧିକାରର ପ୍ରତିଷ୍ଠିତ ଉଲ୍ଲଂଘନ ପାଇଁ ଆର୍ଥିକ କ୍ଷତିପୂରଣ ପ୍ରଦାନ କରାଯିବା ଉଚିତ କି ନାହିଁ । ପ୍ରସଙ୍ଗଗୁଡ଼ିକ ମୌଳିକ ଅଟେ ।

"ନିର୍ଯ୍ୟାତନା"କୁ ସମ୍ବିଧାନରେ କିମ୍ବା ଅନ୍ୟ ଦଣ୍ଡ ଆଇନରେ ବ୍ୟାଖ୍ୟା କରାଯାଇନାହିଁ । ଯନ୍ତ୍ରଣାଭୋଗ ଦ୍ୱାରା 'ଦୁର୍ବଳ' ଉପରେ 'ସବଳ'ର ଇଚ୍ଛାକୁ ଲଦିବା ପାଇଁ ଜଣେ ମଣିଷକୁ ଅନ୍ୟ ଜଣେ ମଣିଷ ଦ୍ୱାରା "ନିର୍ଯ୍ୟାତନା"

ନିଶ୍ଚିତ ଭାବେ ଏକ ଉପକରଣ ଅଟେ । ଅଦ୍ୟ *ନିର୍ଯାତନା* ଶବ୍ଦଟି ମାନବ ସଭ୍ୟତାର ଅନ୍ଧକାର ପାର୍ଶ୍ୱର ସମାର୍ଥକ ହୋଇଯାଇଛି ।

> "ନିର୍ଯାତନା ଆତ୍ମାର ଏକ କ୍ଷତ ଅଟେ ଯାହା ଏତେ ଯନ୍ତ୍ରଣାଦାୟକ ଯେ ବେଳେବେଳେ ଆପଣ ଏହାକୁ ପ୍ରାୟ ସ୍ପର୍ଶ କରିପାରିବେ, କିନ୍ତୁ ଏହା ମଧ୍ୟ ଏତେ ଅଦୃଶ୍ୟ ଯେ ଏହାକୁ ଆରୋଗ୍ୟ କରିବାର କୌଣସି ଉପାୟ ନାହିଁ । ନିର୍ଯାତନା ହେଉଛି ଛାତି ଭିତର ଚାପା ଯନ୍ତ୍ରଣା, ବରଫ ପରି ଥଣ୍ଡା ଏବଂ ଏକ ପଥର ପରି ଭାରି, ପକ୍ଷାଘାତଗ୍ରସ୍ତ ନିଦ ପରି ଏବଂ ଅତଳ ଗହ୍ୱର ପରି ଅନ୍ଧକାର । ନିର୍ଯ୍ୟାତନା ନିରାଶା ଓ ଭୟ ଏବଂ କ୍ରୋଧ ଓ ଘୃଣାର ସମ୍ଭାର ଅଟେ । ଏହା ନିଜକୁ ସାମିଲ କରି ହତ୍ୟା ଏବଂ ବିନାଶ କରିବାର ଇଚ୍ଛା ।
>
> \- ଆଡ୍ରିଆନା ପି. ବାର୍ଟୋ

'ନିର୍ଯ୍ୟାତନା' ଭଳି କୌଣସି ମାନବିକ ଅଧିକାରର ଲଙ୍ଘନ ବିଷୟ ଏତେ ସଂଖ୍ୟକ ସମ୍ମିଳନୀ ତଥା ଘୋଷଣାନାମାର ବିଷୟବସ୍ତୁ ହୋଇନାହିଁ- ସମସ୍ତଙ୍କର ଲକ୍ଷ୍ୟ ଏହାକୁ ସମସ୍ତ ରୂପରେ ସମ୍ପୂର୍ଣ୍ଣ ନିଷେଧ କରିବା ଅଟେ, କିନ୍ତୁ ନିର୍ଯ୍ୟାତନା ଦୂର କରିବା ପାଇଁ ପ୍ରତିଶ୍ରୁତି ଦେବା ସତ୍ତ୍ୱେ, ବାସ୍ତବତା ଏହା ଅଟେ ଯେ ବର୍ତ୍ତମାନ ପୂର୍ବ ଅପେକ୍ଷା ନିର୍ଯ୍ୟାତନା ଅଧିକ ବ୍ୟାପକ । "ହାଜତରେ ନିର୍ଯ୍ୟାତନା" ମାନବୀୟ ମର୍ଯ୍ୟାଦା ଏବଂ ଅବକ୍ଷୟର ଏକ ଖୋଲାଖୋଲି ଲଙ୍ଘନ ଅଟେ ଯାହା ବ୍ୟକ୍ତିବିଶେଷର ବ୍ୟକ୍ତିତ୍ୱକୁ ବହୁ ପରିମାଣରେ ନଷ୍ଟ କରିଦେଇଥାଏ । ଏହା ମାନବ ମର୍ଯ୍ୟାଦା ଉପରେ ଏକ ସୁଚିନ୍ତିତ ଆକ୍ରମଣ ଏବଂ ଯେତେବେଳେ ବି ମାନବ ମର୍ଯ୍ୟାଦା କ୍ଷତିଗ୍ରସ୍ତ ହୁଏ, ସଭ୍ୟତା ଏହାର ଏକ ପାଦ ପଛକୁ ନେଇଥାଏ- ଏହିପରି ପ୍ରତ୍ୟେକ ଅବସରରେ ମାନବତାର ପତାକା ଅର୍ଦ୍ଧନମିତ କରି ଉଡ଼ାଇବା ଆବଶ୍ୟକ ।

ସମସ୍ତ ହାଜତ ଅପରାଧରେ ଯାହା ପ୍ରକୃତ ଚିନ୍ତାର ବିଷୟ କେବଳ ଶାରୀରିକ ଯନ୍ତ୍ରଣା ଦିଆଯିବା ନୁହେଁ, ବରଂ ଜଣେ ବ୍ୟକ୍ତି ପୁଲିସ ଥାନାର ଚାରି କାନ୍ଥ କିମ୍ବା ହାଜତ ଭିତରେ ଭୋଗୁଥିବା ମାନସିକ ଯନ୍ତ୍ରଣା ମଧ୍ୟ ଅଟେ । ପୁଲିସ ହାଜତରେ ଶାରୀରିକ ଆକ୍ରମଣ ହେଉ କିମ୍ବା ବଳାତ୍କାର, ଜଣେ ବ୍ୟକ୍ତି ଅନୁଭବ କରୁଥିବା ଆଘାତର ପରିମାଣ ଆଇନର ଦୃଷ୍ଟିପରିସର ବାହାରେ ।

"ହାଜତ ହିଂସା" ଏବଂ ପୁଲିସ କ୍ଷମତାର ଅପବ୍ୟବହାର କେବଳ ଏହି ଦେଶ ପାଇଁ ନିର୍ଦ୍ଦିଷ୍ଟ ନୁହେଁ ବରଂ ଏହା ବ୍ୟାପକ । ଏହା ଆନ୍ତର୍ଜାତୀୟ ସମ୍ପ୍ରଦାୟର ଚିନ୍ତାର ବିଷୟ ହୋଇଛି କାରଣ ଏହି ସମସ୍ୟା ସାର୍ବଜନୀନ ଏବଂ ଆହ୍ୱାନ ପ୍ରାୟ ବିଶ୍ୱସ୍ତରୀୟ । 1948 ରେ ମାନବିକ ଅଧିକାରର ସାର୍ବଜନୀନ ଘୋଷଣାନାମା, ଯାହା କେତେକ ମୌଳିକ ମାନବିକ ଅଧିକାରର ସୁରକ୍ଷା ଏବଂ ଲିଖିତ ପ୍ରତିଶୃତି ପାଇଁ ବିଶ୍ୱବ୍ୟାପୀ ପ୍ରବୃତ୍ତିର ଉତ୍ଥାନର ସୂତ୍ରପାତ କରିଥିଲା, ଅନୁଚ୍ଛେଦ 5 ରେ ଧାର୍ଯ୍ୟ କରିଛି ଯେ "କାହାକୁ ନିର୍ଯ୍ୟାତନା କିମ୍ବା ନିଷ୍ଠୁର, ଅମାନବୀୟ କିମ୍ବା ଅପମାନଜନକ ବ୍ୟବହାର କିମ୍ବା ଦଣ୍ଡ ଦିଆଯିବ ନାହିଁ ।" ଧର୍ମନିଷ୍ଠ ଘୋଷଣା ସତ୍ତ୍ୱେ, ଅପରାଧ ନିରବଚ୍ଛିନ୍ନ ଭାବରେ ଜାରି ରହିଛି, ଯଦିଓ ପ୍ରତ୍ୟେକ ସଭ୍ୟ ରାଷ୍ଟ୍ର ଏଥିପ୍ରତି ଚିନ୍ତା ପ୍ରଦର୍ଶନ କରୁଛନ୍ତି ଏବଂ ଏହାର ବିଲୋପ ପାଇଁ ପଦକ୍ଷେପ ନେଉଛନ୍ତି ।

ଇଂଲଣ୍ଡରେ, ଅପରାଧ, ଅପରାଧରେ ସହଯୋଗୀ ଏବଂ ମୋକଦ୍ଦମା ସମ୍ପତ୍ତି ସମ୍ବନ୍ଧୀୟ ସୂଚନା ପାଇବାକୁ କିମ୍ବା ଦୋଷ ସ୍ୱୀକାର କରେଇବାକୁ ନିର୍ଯାତନାକୁ ଏକ ସାଧାରଣ ପ୍ରୟୋଗ ଭାବରେ ବିବେଚନା କରାଯାଉଥିଲା, କିନ୍ତୁ ସର୍ବସାଧାରଣ ଆଇନର ବିକାଶ ଏବଂ ମାନବ ଚିନ୍ତାଧାରା ଏବଂ ଆଭିମୁଖ୍ୟକୁ ଅନ୍ତର୍ଭୁକ୍ତ କରୁଥିବା ଅଧିକ ସଂସ୍କାରବାଦୀ ଚିନ୍ତାଧାରା ସହିତ, ଏହିପରି ଅମାନବୀୟ ପ୍ରୟୋଗକୁ ପ୍ରଥମେ ନିରୁତ୍ସାହିତ କରାଯାଇଥିଲା ଏବଂ ପରିଶେଷରେ ଏଠାରେ ସେଠାରେ କିଛି ବିଚ୍ୟୁତି ସତ୍ତ୍ୱେ ପ୍ରାୟ ଦୂର କରାଯାଇଥିଲା । ସାର୍ ସିରିଲ୍ ଫିଲିପ୍ସ କମିଟି- 'ରିପୋର୍ଟ ଅଫ୍ ଏ ରୟାଲ୍ କମିଶନ ଅନ୍ କ୍ରିମିନାଲ୍ ପ୍ରୋସିଡ୍ୟୋର୍' (କମାଣ୍ଡ-ପେପର୍ସ୍ 8092 ଅଫ୍ 1981) ଦ୍ୱାରା ଇଂଲଣ୍ଡରେ ଗିରଫ, ଅଟକ ଏବଂ ପଚରାଉଚରା କରିବାର ପୁଲିସ କ୍ଷମତାକୁ ଗଭୀର ଭାବରେ ଯାଞ୍ଚ କରାଯାଇଥିଲା । ରୟାଲ ଆୟୋଗ ବିବୃତି ଅନୁଦେଶାତ୍ମକ ଅଟେ । ଗିରଫ କରିବାର କ୍ଷମତା ସମ୍ବନ୍ଧରେ, ବିବୃତି ସୁପାରିଶ କରିଛି ଯେ ପରୱାନା ବିନା ଗିରଫ କରିବାର କ୍ଷମତା ଗିରଫ ଦ୍ୱାରା ସାଧନ କରାଯିବାକୁ ଥିବା ଉଦ୍ଦେଶ୍ୟ ସହିତ ସମ୍ପୃକ୍ତ ଏବଂ ସୀମିତ ହେବା ଆବଶ୍ୟକ, ଯେ'ପରିକି, ସନ୍ଦିଗ୍ଧଙ୍କୁ ସାକ୍ଷ୍ୟ ନଷ୍ଟ କରିବାରୁ କିମ୍ବା ସାକ୍ଷୀମାନଙ୍କୁ ଅଯଥା ବାଧା ଦେବାରୁ କିମ୍ବା, ଯେଉଁ ସହ ଅପରାଧୀ ସେ ପର୍ଯ୍ୟନ୍ତ ଗିରଫ ହୋଇ ନାହାଁନ୍ତି, ସେମାନଙ୍କୁ ଚେତାବନୀ ଦେବାକୁ ଅବା ଯେଉଁଠାରେ ଅପରାଧର ପୁନରାବୃତ୍ତି ହେବାର ସନ୍ଦେହର ଏକ ବଳିଷ୍ଠ କାରଣ ଥାଏ ଏବଂ ନିର୍ବିଶେଷରେ, ଯେ କୌଣସି ଇପସିତ ଉଦ୍ଦେଶ୍ୟ ହାସଲ କରିବାକୁ ଥିଲେ ସୁଦ୍ଧା ପ୍ରତ୍ୟେକ ମାମଲାରେ ନୁହେଁ ।

ରୟାଲ ଆୟୋଗ 'ଆବଶ୍ୟକତା ନୀତି' ଆଧାରରେ ଗିରଫ କରିବାର କ୍ଷମତା ଉପରେ କେତେକ ପ୍ରତିବନ୍ଧକ ଲଗାଇବାକୁ ପରାମର୍ଶ ଦେଇଥିଲେ । ରୟାଲ ଆୟୋଗ  କହିଛନ୍ତି:

> ".......ଆମ୍ଭେ ସୁପାରିଶ କରୁଛୁ ଯେ ଏକ ଅପରାଧ ପାଇଁ ଗିରଫ ହେବା ପରେ ଅଟକ ରଖିବାର ନିମ୍ନଲିଖିତ ନିର୍ଣ୍ଣାୟକ ନୀତିଗୁଡ଼ିକରୁ କେବଳ ଗୋଟିଏ କିମ୍ବା ଅଧିକ ପାଇଁ ଜାରି ରହିବା ଉଚିତ୍:
>
> (a) ବ୍ୟକ୍ତି ଜଣକ ନିଜର ପରିଚୟ ଦେବାକୁ ଅନିଚ୍ଛୁକ, ଯାହାଦ୍ୱାରା ତାଙ୍କ ଉପରେ ସମନ ଜାରି କରାଯାଇପାରିବ;
>
> (b) ସେହି ଅପରାଧର ଜାରି କିମ୍ବା ପୁନରାବୃତ୍ତି ରୋକିବାର ଆବଶ୍ୟକତା;
>
> (c) ସ୍ୱୟଂ ଗିରଫ ହୋଇଥିବା ବ୍ୟକ୍ତିଙ୍କୁ କିମ୍ବା ଅନ୍ୟ ବ୍ୟକ୍ତି କିମ୍ବା ସମ୍ପତ୍ତିକୁ ସୁରକ୍ଷା ଦେବାର ଆବଶ୍ୟକତା;
>
> (d) ସେହି ଅପରାଧ ସମ୍ବନ୍ଧୀୟ ପ୍ରମାଣକୁ ସୁରକ୍ଷିତ ରଖିବା କିମ୍ବା ସନ୍ଦିଗ୍ଧ ବ୍ୟକ୍ତିଙ୍କଠାରୁ ପ୍ରଶ୍ନ ଦ୍ୱାରା ଏପରି ପ୍ରମାଣ ହାସଲ କରିବାର ଆବଶ୍ୟକତା ।
>
> (e) ତାଙ୍କ ବିରୁଦ୍ଧରେ କରାଯାଇଥିବା କୌଣସି ଅଭିଯୋଗର ଉତ୍ତର ଦେବା ପାଇଁ ବ୍ୟକ୍ତି ନ୍ୟାୟାଳୟରେ ହାଜର ହେବାରେ ବିଫଳ ହେବାର ସମ୍ଭାବନା ।
>
> ରୟାଲ ଆୟୋଗ ମଧ୍ୟ ପରାମର୍ଶ ଦେଇଥିଲେ:
>
> "ଗିରଫଦାରୀର ବ୍ୟବହାରକୁ ହ୍ରାସ କରିବାରେ ସାହାଯ୍ୟ କରିବା ପାଇଁ ଆମ୍ଭେ ଏଠାରେ ଏକ ଯୋଜନାର ପ୍ରବର୍ତ୍ତନର ମଧ୍ୟ ପ୍ରସ୍ତାବ ଦେବୁ ଯାହା ଓଣ୍ଟାରିଓରେ ଜଣେ ପୁଲିସ  ଅଧିକାରୀଙ୍କୁ ଏକ ଉପସ୍ଥିତି ନୋଟିସ୍ ଜାରି କରିବାକୁ ସକ୍ଷମ କରିବାକୁ ବ୍ୟବହୃତ ହୁଏ । ଯଦି ଗିରଫ କରିବାର କ୍ଷମତା ରହିଛି, ଉଦାହରଣ ସ୍ୱରୂପ, ଆଙ୍ଗୁଳି ଚିହ୍ନ ମୁଦ୍ରିତ ହେବା କିମ୍ବା ଏକ ପରିଚୟ ପରେଡରେ ଅଂଶଗ୍ରହଣ କରିବା, ତେବେ

ଗିରଫଦାରୀର ଆଶ୍ରୟ ନ ନେଇ ପୁଲିସ ଥାନାରେ ଉପସ୍ଥିତି ହାସଲ କରିବା ପାଇଁ ସେହି ପ୍ରକ୍ରିୟାକୁ ବ୍ୟବହାର କରାଯାଇପାରିବ । ଉଭୟ ସନ୍ଦିଗ୍ଧ ଏବଂ ମାମଲାର ତଦନ୍ତ କରୁଥିବା ପୁଲିସ ଅଧିକାରୀଙ୍କ ପାଇଁ ସୁବିଧାଜନକ ସମୟରେ ସାକ୍ଷାତକାର ପାଇଁ ଉପସ୍ଥିତ ରହିବା ପାଇଁ ମଧ୍ୟ ଏହାକୁ ସମ୍ପ୍ରସାରିତ କରାଯାଇପାରିବ......... ।"

ରୟାଲ ଆୟୋଗ ପରାମର୍ଶ ଆଧାରରେ ଇଂଲଣ୍ଡରେ ଗିରଫ, ପଚରାଉଚରା ଏବଂ ଅଟକ ରଖିବାର କ୍ଷମତାକୁ ବର୍ତ୍ତମାନ ସୁବ୍ୟବସ୍ଥିତ କରାଯାଇଛି ଏବଂ ପୁଲିସ ଏବଂ ଫୌଜଦାରୀ ସାକ୍ଷ୍ୟ ଅଧିନିୟମ, 1984 ରେ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ସେଠାରେ ହେପାଜତ ହିଂସା ଘଟଣା ବହୁ ପରିମାଣରେ ହ୍ରାସ ପାଇଛି ।

ଭାରତୀୟ ସମ୍ବିଧାନରେ ମୌଳିକ ଅଧିକାର ଏକ ଗୌରବର ସ୍ଥାନ ଅଧିକାର କରିଛି । ଅନୁଚ୍ଛେଦ 21ରେ କୁହାଯାଇଛି ଯେ "ଆଇନ ଅନୁଯାୟୀ ସ୍ଥାପିତ ପ୍ରକ୍ରିୟା ବ୍ୟତିରେକେ କୌଣସି ବ୍ୟକ୍ତିଙ୍କୁ ତାଙ୍କ ଜୀବନ କିମ୍ବା ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟରୁ ବଞ୍ଚିତ କରାଯିବ ନାହିଁ ।" ତେଣୁ ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ ସମ୍ବିଧାନ ଅଧୀନରେ ଏକ ପବିତ୍ର ଏବଂ ଆଦରଣୀୟ ଅଧିକାର । "ଜୀବନ କିମ୍ବା ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ" ଅଭିବ୍ୟକ୍ତିଟି ମାନବିକ ମର୍ଯ୍ୟାଦା ସହିତ ବଞ୍ଚିବାର ଅଧିକାରକୁ ଅନ୍ତର୍ଭୁକ୍ତ କରିବା ପାଇଁ ଧରାଯାଇଛି ଏବଂ ଏହିପରି ଏହା ରାଜ୍ୟ କିମ୍ବା ଏହାର କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ନିର୍ଯ୍ୟାତନା ଏବଂ ଆକ୍ରମଣ ବିରୁଦ୍ଧରେ ଏକ ଲିଖିତ ପ୍ରତିଶୃତି  ମଧ୍ୟ ଅନ୍ତର୍ଭୁକ୍ତ କରିବ । ଅନୁଚ୍ଛେଦ 22 କେତେକ ମାମଲାରେ ଗିରଫ ଏବଂ ଅଟକ ରଖିବା ବିରୁଦ୍ଧରେ ସୁରକ୍ଷାର ଲିଖିତ ପ୍ରତିଶୃତି  ଦେଇଥାଏ ଏବଂ ଘୋଷଣା କରେ ଯେ ଗିରଫ ହୋଇଥିବା କୌଣସି ବ୍ୟକ୍ତିଙ୍କୁ ଏପରି ଗିରଫ ହେବାର କାରଣ ବିଷୟରେ ସୂଚନା ନ ଦେଇ ହାଜତରେ ରଖାଯିବ ନାହିଁ ଏବଂ ତାଙ୍କୁ ତାଙ୍କର ମନୋନୀତ ଓକିଲଙ୍କ ଦ୍ୱାରା ପରାମର୍ଶ ଏବଂ ନିଜକୁ ପ୍ରତିରକ୍ଷା କରିବାର ଅଧିକାରରୁ ବଞ୍ଚିତ କରାଯିବ ନାହିଁ । ଅନୁଚ୍ଛେଦ 22 ର ଖଣ୍ଡ (2) ନିର୍ଦ୍ଦେଶ ଦିଏ ଯେ ଗିରଫ ହୋଇଥିବା ଏବଂ ହାଜତରେ ଅଟକ ରଖାଯାଇଥିବା ବ୍ୟକ୍ତିଙ୍କୁ ଗିରଫ ହେବାର 24 ଘଣ୍ଟା ମଧ୍ୟରେ, ଗିରଫ ସ୍ଥାନରୁ ମାଜିଷ୍ଟ୍ରେଟଙ୍କ ନ୍ୟାୟାଳୟ ଆସିବା ପାଇଁ ଆବଶ୍ୟକ ସମୟକୁ ବାଦ ଦେଇ, ନିକଟତମ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର କରାଯିବ । ସମ୍ବିଧାନର ଅନୁଚ୍ଛେଦ 20(3) ରେ କୁହାଯାଇଛି ଯେ କୌଣସି ଅପରାଧରେ ଅଭିଯୁକ୍ତ ବ୍ୟକ୍ତିଙ୍କୁ ନିଜ ବିରୁଦ୍ଧରେ ସାକ୍ଷୀ ହେବାକୁ ବାଧ କରାଯିବ ନାହିଁ । ରାଜ୍ୟ ଦ୍ୱାରା କୌଣସି ଅନ୍ୟାୟ ଆକ୍ରମଣରୁ ନିଜର ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟକୁ ରକ୍ଷା କବଚ ଦେବା ଉଦ୍ଦେଶ୍ୟରେ ଏଗୁଡ଼ିକ ଜଣେ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଥିବା କେତେକ ସାମ୍ବିଧାନିକ ସୁରକ୍ଷା କବଚ ବ୍ୟବସ୍ଥା ଅଟନ୍ତି । ସାମ୍ବିଧାନିକ ଲିଖିତ ପ୍ରତିଶୃତି  ସହିତ ସମନ୍ୱୟ ରଖି ଅନେକ ବୈଧାନିକ ବ୍ୟବସ୍ଥାଗୁଡ଼ିକ ନାଗରିକଙ୍କ ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ, ମର୍ଯ୍ୟାଦା ଏବଂ ମୌଳିକ ମାନବିକ ଅଧିକାରର ସୁରକ୍ଷା ପାଇଁ ମଧ୍ୟ ଚେଷ୍ଟା କରନ୍ତି । ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1973 ର ପଞ୍ଚମ ଅଧ୍ୟାୟ ଜଣେ ବ୍ୟକ୍ତିଙ୍କୁ ଗିରଫ କରିବାର କ୍ଷମତା ଏବଂ ଗିରଫ ବ୍ୟକ୍ତିଙ୍କ ସ୍ୱାର୍ଥ ରକ୍ଷା ପାଇଁ ପୁଲିସ ଦ୍ୱାରା ଅନୁସରଣୀୟ ଆବଶ୍ୟକ ରକ୍ଷା କବଚ ବ୍ୟବସ୍ଥା ସହିତ ସମ୍ପୃକ୍ତ । କୌଣସି ମାଜିଷ୍ଟ୍ରେଟଙ୍କ ଠା'ରୁ କୌଣସି ଆଦେଶ କିମ୍ବା ଗିରଫ ପରୱାନା ବିନା ଯେ କୌଣସି ପୁଲିସଙ୍କୁ ସିଆରପିସି ର ଧାରା 41 ବିନିର୍ଦ୍ଦିଷ୍ଟ ପରିସ୍ଥିତିରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରିବାର କ୍ଷମତା ପ୍ରଦାନ କରିଥାଏ । ଧାରା 46 ଗିରଫ କରିବାର ପଦ୍ଧତି ଏବଂ ପ୍ରଣାଳୀ ପ୍ରଦାନ କରେ । ଏହି ଧାରା ଅଧୀନରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରିବା ସମୟରେ କୌଣସି ଔପଚାରିକତାର ଆବଶ୍ୟକତା ନାହିଁ । ଧାରା 49 ଅଧୀନରେ

ବ୍ୟକ୍ତିଙ୍କ ପଳାୟନକୁ ରୋକିବା ପାଇଁ ଆବଶ୍ୟକ ଠାରୁ ଅଧିକ ସଂଯମ ବ୍ୟବହାର କରିବାକୁ ପୋଲିସକୁ ଅନୁମତି ନାହିଁ । ଧାରା 50 ଅନୁଯାୟୀ ଯେ କୌଣସି ବ୍ୟକ୍ତିଙ୍କୁ ବିନା ପରୱାନାରେ ଗିରଫ କରୁଥିବା ପ୍ରତ୍ୟେକ ପୁଲିସ ଅଧିକାରୀଙ୍କୁ ଯେଉଁ ଅପରାଧରେ ଗିରଫ କରାଯାଇଛି ତା'ର ସମ୍ପୂର୍ଣ୍ଣ ବିବରଣୀ ଏବଂ ଏପରି ଗିରଫଦାରୀର କାରଣ ଉକ୍ତ ବ୍ୟକ୍ତିଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ପୁଲିସ ଅଧିକାରୀଙ୍କୁ ଆହୁରି ନିର୍ଦ୍ଦେଶ ଦିଆଯାଇଛି ଯେ ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ଜାମିନରେ ଖଲାସ ହେବା ପାଇଁ ହକଦାର ଏବଂ ଜାମିନ ଅଯୋଗ୍ୟ ଅପରାଧ ପାଇଁ ଗିରଫ ହେବା ଘଟଣାରେ ସେ ଜାମିନଦାରର ବ୍ୟବସ୍ଥା କରିପାରିବେ ।  ଧାରା 56 ରେ ଏକ ବାଧ୍ୟତାମୂଳକ ବ୍ୟବସ୍ଥା ରହିଛି ଯେ ବିନା ପରୱାନାରେ ଗିରଫ କରୁଥିବା ଏହି ପୁଲିସ ଅଧିକାରୀଙ୍କୁ ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ଅନାବଶ୍ୟକ ବିଳମ୍ବ ବିନା ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର କରିବା ଆବଶ୍ୟକ ଏବଂ ଧାରା 57 ଭାରତର ସମ୍ବିଧାନର ଧାରା 22 ର ଖଣ୍ଡ  (2) କୁ ପ୍ରତିଧ୍ୱନିତ କରେ । ଧାରା 53, 54 ଏବଂ 167 ଭଳି ଅନ୍ୟ କେତେକ ବ୍ୟବସ୍ଥାମାନ ମଧ୍ୟ ରହିଛି, ଯାହାର ଉଦ୍ଦେଶ୍ୟ ପୁଲିସ ଦ୍ୱାରା ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ପ୍ରକ୍ରିୟାଗତ ରକ୍ଷା କବଚ ପ୍ରଦାନ କରିବା ଅଟେ । ଯେତେବେଳେ ବି ପୁଲିସ ହାଜତରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରନ୍ତି, ଧାରା 176 ଅନୁଯାୟୀ ମାଜିଷ୍ଟ୍ରେଟ୍ ମୃତ୍ୟୁର କାରଣ ଅନୁସନ୍ଧାନ କରିବା ଆବଶ୍ୟକ ।

ତେବେ ସେ ଯାହା ହେଉ, ଜଣେ ନାଗରିକଙ୍କ ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ ଏବଂ ଜୀବନକୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ସାମ୍ବିଧାନିକ ଏବଂ ବୈଧାନିକ ବ୍ୟବସ୍ଥାମାନ ସତ୍ତ୍ୱେ, ପୁଲିସ  ହାଜତରେ ନିର୍ଯାତନା ଏବଂ ମୃତ୍ୟୁର କ୍ରମବର୍ଦ୍ଧିତ ଘଟଣାଗୁଡ଼ିକ ଏକ ଚିନ୍ତାଜନକ କାରଣ ହୋଇଛି । ଅଭିଜ୍ଞତା ଦର୍ଶାଏ ଯେ ଅନୁସନ୍ଧାନ ସମୟରେ ମାନବିକ ଅଧିକାରର ସବୁଠାରୁ ହାନିକର ଉଲ୍ଲଂଘନ ଘଟିଥାଏ, ଯେତେବେଳେ ପୁଲିସ ପ୍ରମାଣ କିମ୍ବା ସ୍ୱୀକାରୋକ୍ତି ହାସଲ ଉଦ୍ଦେଶ୍ୟରେ ପ୍ରାୟତଃ ନିର୍ଯାତନା ସମେତ ତୃତୀୟ ଡିଗ୍ରୀ ପଦ୍ଧତିର ଆଶ୍ରୟ ନେଇଥା'ନ୍ତି ଏବଂ ଗିରଫଦାରୀକୁ ଲିପିବଦ୍ଧ ନ କରି କିମ୍ବା ସ୍ୱାତନ୍ତ୍ର୍ୟରୁ ବଞ୍ଚିତ କେବଳ ଏକ ଦୀର୍ଘକାଳୀନ ପଚରାଉଚରା ଭାବରେ ବର୍ଣ୍ଣନା କରି ଗିରଫଦାରୀକୁ ଦୃଷ୍ଟିରୁ ଅନ୍ତରାଳ କରିବାର କୌଶଳ ଗ୍ରହଣ କରନ୍ତି । ପ୍ରାୟ ପ୍ରତିଦିନ ପୁଲିସ  କିମ୍ବା ଅନ୍ୟ ସରକାରୀ ସଂସ୍ଥାମାନଙ୍କ ହାଜତରେ ନିର୍ଯ୍ୟାତନା, ଆକ୍ରମଣ, ବଳାତ୍କାର ଏବଂ ମୃତ୍ୟୁର ଅମାନବୀୟ ବିବରଣୀ ବହନ କରୁଥିବା ସକାଳ ଖବରକାଗଜ ପଢ଼ିବା ପ୍ରକୃତରେ ନିରାଶାଜନକ । ହାଜତରେ ନିର୍ଯାତନା ଏବଂ ମୃତ୍ୟୁର କ୍ରମବର୍ଦ୍ଧିଷ୍ଣୁ ଘଟଣା ଏତେ ଭୟଙ୍କର ଅନୁପାତ ଧାରଣ କରିଛି ଯେ ଏହା ଆଇନର ନିୟମ ଏବଂ ଫୌଜଦାରୀ ନ୍ୟାୟ ବ୍ୟବସ୍ଥାର ପ୍ରଶାସନକୁ ପ୍ରଭାବିତ କରୁଛି । ସମ୍ପ୍ରଦାୟ ଯଥାର୍ଥରେ ବିଚଳିତ ଅନୁଭବ କରୁଛି । ନ୍ୟାୟ ପାଇଁ ସମାଜର ବିଳାପ ବେଶ ଉଚ୍ଚ ଗଳାରେ ହେଉଛି ।

ଭାରତରେ ଜାତୀୟ ପୁଲିସ ଆୟୋଗ ତୃତୀୟ ଲିଖିତ ବିବରଣୀରେ ହାଜତରେ ହିଂସା ଏବଂ ବନ୍ଦୀଗୃହ ମୃତ୍ୟୁ ବିଷୟରେ ଗଭୀର ଉଦବେଗ ବ୍ୟକ୍ତ କରିଥିଲେ । ସମଗ୍ର ସମାଜ ଉପରେ ହାଜତ ନିର୍ଯ୍ୟାତନା ସୃଷ୍ଟି କରୁଥିବା ଦମ୍ଭଶୂନ୍ୟ ପ୍ରଭାବକୁ ଏହା ପ୍ରଶଂସା କରିଥିଲା । ଏହା କେତେକ ଅତ୍ୟନ୍ତ ଉପଯୋଗୀ ପରାମର୍ଶ ଦେଇଥିଲା । ଏହା ପ୍ରସ୍ତାବ ଦେଇଥିଲା:

"...... ଏକ ବିଚାରଯୋଗ୍ୟ ମାମଲାର ତଦନ୍ତ ସମୟରେ ଏକ ଗିରଫ ନିମ୍ନଲିଖିତ ଏକ କିମ୍ବା ଅନ୍ୟ ପରିସ୍ଥିତିରେ ନ୍ୟାୟସଙ୍ଗତ ବୋଲି ବିବେଚନା କରାଯାଇପାରେ:

(i) ଏହି ମାମଲାରେ ହତ୍ୟା, ଡକାୟତି, ଲୁଣ୍ଠନ, ବଳାତ୍କାର ଇତ୍ୟାଦି ଭଳି ଗୁରୁତର ଅପରାଧ ସାମିଲ ରହିଛି ଏବଂ ଆତଙ୍କିତ ପୀଡ଼ିତଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ପାଇଁ ଅଭିଯୁକ୍ତକୁ ଗିରଫ କରିବା ଏବଂ ତାଙ୍କ ଗତିବିଧିକୁ ନିୟନ୍ତ୍ରଣାଧୀନରେ ରଖିବା ଆବଶ୍ୟକ ।

(ii) ଅଭିଯୁକ୍ତ ପଳାୟନ କରିବା ଓ ଆଇନ ପ୍ରକ୍ରିୟାରୁ ଖସି ଯିବାର ସମ୍ଭାବନା ରହିଛି ।

(iii) ଅଭିଯୁକ୍ତ ହିଂସାତ୍ମକ ଆଚରଣର ବଶବର୍ତ୍ତୀ ଅଟନ୍ତି ଏବଂ ତାଙ୍କ ଗତିବିଧିକୁ ନିୟନ୍ତ୍ରଣରେ ନ ଅଣାଯିବା ପର୍ଯ୍ୟନ୍ତ ଆହୁରି ଅପରାଧ ଘଟାଇବାର ସମ୍ଭାବନା ରହିଛି ।

(iv) ଅଭିଯୁକ୍ତ ଜଣେ ଅଭ୍ୟାସଗତ ଅପରାଧୀ ଏବଂ ଯଦି ତାଙ୍କୁ ହେପାଜତରେ ନ ରଖାଯାଏ, ତେବେ ସେ ପୁନର୍ବାର ତଦନୁରୂପ ଅପରାଧ ଘଟାଇବାର ସମ୍ଭାବନା ରହିଛି । ବିଭାଗୀୟ ନିର୍ଦ୍ଦେଶ ମାଧ୍ୟମରେ ଜୋର ଦେବା ବାଞ୍ଛନୀୟ ହେବ ଯେ ଗିରଫ କରୁଥିବା ଜଣେ ପୁଲିସ ଅଧିକାରୀ ମଧ୍ୟ ଗିରଫ ହେବାର କାରଣ ମାମଲା ଡାଏରୀରେ ଲିପିବଦ୍ଧ କରିବା ଉଚିତ, ଯାହା ଦ୍ୱାରା ବିନିର୍ଦ୍ଦିଷ୍ଟ ନିର୍ଦ୍ଦେଶାବଳୀ ସହିତ ତାଙ୍କର ଅନୁରୂପତା ସ୍ପଷ୍ଟ ହେବ..... ।"

ପୁଲିସ ଆୟୋଗ ସୁପାରିଶ (ପୂର୍ବୋକ୍ତ) ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ ଏବଂ ସ୍ୱାଧୀନତାର ମୌଳିକ ଅଧିକାର ସହ ସାମ୍ବିଧାନିକ ଆନୁଷଙ୍ଗିକତାକୁ ପ୍ରତିଫଳିତ କରେ । ତେବେ ଏହି ସୁପାରିଶଗୁଡ଼ିକ ଏପର୍ଯ୍ୟନ୍ତ କୌଣସି ବୈଧାନିକ ମାନ୍ୟତା ହାସଲ କରିନାହିଁ ।

*ଜୋଗିନ୍ଦର କୁମାର ବନାମ ରାଜ୍ୟ,* [1994] 4 ଏସସିସି 260, (ଯେଉଁଥିରେ ଆମ୍ଭମାନଙ୍କ ମଧ୍ୟରୁ ଜଣେ, ଯଥା, ଆନନ୍ଦ, ନ୍ୟାୟମୂର୍ତ୍ତି ଏକ ପକ୍ଷ ଥିଲେ) ମାମଲାରେ ଏହି ନ୍ୟାୟାଳୟ ପୁଲିସ ଗିରଫଦାରୀର କ୍ଷମତାର ଅପବ୍ୟବହାରର ଗତିଶୀଳତା ଉପରେ ବିଚାର କରିଥିଲେ ଏବଂ ମତ ଦେଇଥିଲେ:

"କୌଣସି ଗିରଫଦାରୀ କରାଯାଇପାରିବ ନାହିଁ କାରଣ ପୁଲିସ ଅଧିକାରୀଙ୍କ ପାଇଁ ଏପରି କରିବା ବିଧି ସମ୍ମତ ଅଟେ । ଗିରଫ କରିବାର କ୍ଷମତାର ଅସ୍ତିତ୍ୱ ଗୋଟିଏ କଥା । ଏହାର ପ୍ରୟୋଗର ଯଥାର୍ଥତା ସମ୍ପୂର୍ଣ୍ଣ ଭିନ୍ନ କଥା.... କିଛି ଅନୁସନ୍ଧାନ ପରେ କୌଣସି ଅଭିଯୋଗର ସତ୍ୟତା ଏବଂ ଯଥାର୍ଥତା ବିଷୟରେ ଏକ ଯୁକ୍ତିଯୁକ୍ତ ସନ୍ତୋଷ ବିନା ଏବଂ ଉଭୟ ବ୍ୟକ୍ତିଙ୍କ ଦୁଷ୍କର୍ମରେ ସମ୍ପୃକ୍ତି ଏବଂ ଏପରିକି ଗିରଫ କରିବାର ଆବଶ୍ୟକତା ବିଷୟରେ ଏକ ଯୁକ୍ତିଯୁକ୍ତ ବିଶ୍ୱାସ ବିନା କୌଣସି ଗିରଫଦାରୀ କରାଯିବା ଉଚିତ୍ ନୁହେଁ । ଜଣେ ବ୍ୟକ୍ତିଙ୍କଠୁ ତାଙ୍କର ସ୍ୱାତନ୍ତ୍ର୍ୟ ନେଇ ଯିବା ଏକ ଗୁରୁତର ବିଷୟ ।"

*ଜୋଗିନ୍ଦର କୁମାରଙ୍କ* ମାମଲାରେ (ପୂର୍ବୋକ୍ତ) ଜଣେ ଆଇନଜୀବୀଙ୍କୁ ଗିରଫ କରାଯାଇଥିଲା, ଯାହାଙ୍କୁ 7.1.94 ରେ ତଦନ୍ତ ଅଧୀନରେ ଥିବା ଏକ ମାମଲାରେ ପୁଲିସ ଥାନାକୁ ଡକାଯାଇଥିଲା । ତାଙ୍କ ଠାବ ଠିକଣା ବିଷୟରେ କୌଣସି ସନ୍ତୋଷଜନକ ବିବରଣୀ ନ ପାଇବା ପରେ ଅଟକ ଥିବା ଆଇନଜୀବୀଙ୍କ ପରିବାରର ସଦସ୍ୟମାନେ 11.1.94 ରେ ଏହି ନ୍ୟାୟାଳୟ ସମ୍ମୁଖରେ *ବନ୍ଦୀ ଉପସ୍ଥାପନ ଆଜ୍ଞାଦେଶ* ପ୍ରକୃତିର ଆବେଦନ

ମନୋନୀତ କରିଥିଲେ ଏବଂ ନୋଟିସର ଅନୁପାଳନରେ ଆଇନଜୀବୀଙ୍କୁ 14.1.94 ରେ ଏହି ନ୍ୟାୟାଳୟରେ ହାଜର କରାଯାଇଥିଲା । ପୋଲିସଙ୍କ ବିବରଣ ଥିଲା ଯେ 7.1.94 ଏବଂ 14.1.94 ଦିନରେ ଆଇନଜୀବୀ ଆଦୌ ଅଟକରେ ନଥିଲେ କିନ୍ତୁ କେବଳ କିଛି ମାମଲା ଚିହ୍ନଟ କରିବାରେ ପୋଲିସକୁ ସାହାଯ୍ୟ କରୁଥିଲେ । ବନ୍ଦୀ ଜଣକ ଅନ୍ୟ ଭାବେ ନିଜ ମତାମତ ଦୃଢ଼ଭାବେ ରଖିଥିଲେ । ଏହି ନ୍ୟାୟାଳୟ ପୁଲିସ ପକ୍ଷର ବିବରଣରେ ସନ୍ତୁଷ୍ଟ ନଥିଲେ । ଏହା ଲକ୍ଷ୍ୟ କରାଯାଇଥିଲା ଯେ ଯଦିଓ ସେହି ଦିନ *ବନ୍ଦୀ ଉପସ୍ଥାପନ ଆଜ୍ଞାଦେଶ* ଆବେଦନରେ ଆଶ୍ୱସ୍ତି ମଞ୍ଜୁର କରାଯାଇପାରିନଥିଲା, କିନ୍ତୁ ଆଇନଜୀବୀଙ୍କୁ 5 ଦିନ ପାଇଁ *ଅଟକ* ରଖିବାର କୌଣସି ଆବଶ୍ୟକତା ଥିଲା କି ଏବଂ ଯଦି ସେ ଅଟକରେ ନଥିଲେ, ତେବେ ଏହି ନ୍ୟାୟାଳୟକୁ କାହିଁକି ଅବଗତ କରାଯାଇନଥିଲା, ଏହି ପ୍ରଶ୍ନଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଥିଲା, ଯାହାର ଉତ୍ତର ଆବଶ୍ୟକ ଥିଲା । ଏହା ବ୍ୟତୀତ, ଯଦି ତାଙ୍କୁ 5 ଦିନ ଅଟକ ରଖାଯାଇଥିଲା, ତେବେ କେଉଁ କାରଣରୁ ତାଙ୍କୁ ଅଟକ ରଖାଯାଇଥିଲା । ତେଣୁ ନ୍ୟାୟାଳୟ ଗାଜିଆବାଦ ଜିଲ୍ଲା ନ୍ୟାୟାଧୀଶଙ୍କୁ ଏକ ବିସ୍ତୃତ ତଦନ୍ତ କରି 4 ସପ୍ତାହ ମଧ୍ୟରେ ତାଙ୍କର ବିବୃତି ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଗିରଫ ସମୟରେ ଏବଂ ପରେ ମାନବିକ ଅଧିକାରର ଉଲ୍ଲଂଘନ ସମ୍ବନ୍ଧୀୟ ଅଭିଯୋଗ ଉପରେ ନ୍ୟାୟାଳୟ ନିଜର ଚିନ୍ତା ବ୍ୟକ୍ତ କରିଥିଲେ । ଏହା  କହିଲେ:

> "ମାନବାଧିକାରର ପରିଧି ସମ୍ପ୍ରସାରିତ ହେଉଛି । ଏଥି ସହିତ, ଅପରାଧ ହାର ମଧ୍ୟ ବୃଦ୍ଧି ପାଉଛି । ସମ୍ପ୍ରତି, ଏହି ନ୍ୟାୟାଳୟ ନିର୍ବିଚାର ଗିରଫଦାରୀ କାରଣରୁ ମାନବିକ ଅଧିକାରର ଉଲ୍ଲଂଘନ ବିଷୟରେ ଅଭିଯୋଗ ଗ୍ରହଣ କରିଆସୁଛି । ଏହି ଦୁଇ ମଧ୍ୟରେ ଆମ୍ଭେ କିପରି ସନ୍ତୁଳନ ରକ୍ଷା କରିପାରିବା?
>
> ............................................................................ .
>
> ଏହି ଦିଗରେ ଏକ ବାସ୍ତବବାଦୀ ଆଭିମୁଖ୍ୟ ଗ୍ରହଣ କରାଯିବା ଉଚିତ । ଗିରଫଦାରୀ ଆଇନ ହେଉଛି ବ୍ୟକ୍ତିଗତ ଅଧିକାର, ସ୍ୱାତନ୍ତ୍ର୍ୟ ଏବଂ ବିଶେଷାଧିକାର ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଅଟେ । ଗୋଟିଏ ପଟେ, ଏବଂ ଅପର ପକ୍ଷରେ ଏକ ବ୍ୟକ୍ତିବିଶେଷଙ୍କ ତଥା ବ୍ୟକ୍ତିସମୂହଙ୍କ ଅଧିକାର, ସ୍ୱାତନ୍ତ୍ର୍ୟ ଏବଂ ସୁବିଧାଗୁଡ଼ିକୁ ସାମୂହିକ ଭାବରେ ସମତୁଲ ଏବଂ ସନ୍ତୁଳନ କରିବାର ନୈତିକ କର୍ତ୍ତବ୍ୟ, ଆଇନଗତ ବାଧ୍ୟତା ଏବଂ ଦାୟିତ୍ୱ; କେବଳ କ'ଣ ଆବଶ୍ୟକ ଏବଂ କେଉଁଠାରେ ଗୁରୁତ୍ୱ ଦିଆଯିବ ଏବଂ କେଉଁଟି ପ୍ରଥମେ ଆସୁଛି ତାହା ସ୍ଥିର କରିବା ଉପରେ ଗୁରୁତ୍ୱ ଦେବା- ଅପରାଧୀ ନା ସମାଜ, ଆଇନ ଉଲ୍ଲଂଘନକାରୀ ନା ପାଳନକାରୀ ।"

ଏହାପରେ ଏହି ନ୍ୟାୟାଳୟ  ଗିରଫ ମାମଲାରେ କେତେକ ପ୍ରକ୍ରିୟାଗତ "ଆବଶ୍ୟକତା" ନିର୍ଦ୍ଧାରଣ କରିଥିଲେ ।

ଆଇନର ନିୟମ ଦ୍ୱାରା ପରିଚାଳିତ ଏକ ସଭ୍ୟ ସମାଜରେ ହାଜତରେ ମୃତ୍ୟୁ ବୋଧହୁଏ ସବୁଠାରୁ ଜଘନ୍ୟ ଅପରାଧ ମଧ୍ୟରୁ ଗୋଟିଏ । ସମ୍ବିଧାନର ଧାରା 21 ଏବଂ 22(1) ରେ ଅନ୍ତର୍ନିହିତ ଅଧିକାରକୁ ସଜାଗ ଭାବରେ ଏବଂ ନିଷ୍ଠାର ସହ ସୁରକ୍ଷା ଦିଆଯିବା ଆବଶ୍ୟକ । ଆମ୍ଭେ ସମସ୍ୟାକୁ ଇଚ୍ଛାକରି ଏଡ଼ାବାକୁ ଚାହୁଁନାହୁଁ । କୌଣସି ପ୍ରକାରର ନିର୍ଯ୍ୟାତନା କିମ୍ବା ନିଷ୍ଠୁର, ଅମାନବୀୟ କିମ୍ବା ଅପମାନଜନକ ବ୍ୟବହାର ସମ୍ବିଧାନର ଅନୁଚ୍ଛେଦ

21 ର ପ୍ରତିବନ୍ଧକ ମଧ୍ୟରେ ଆସିବ, ତାହା ତଦନ୍ତ, ପଚରାଉଚରା କିମ୍ବା ଅନ୍ୟ କୌଣସି ସମୟରେ ହେଉ । ଯଦି ସରକାର କାର୍ଯ୍ୟକର୍ତ୍ତା ଆଇନ ଭଙ୍ଗକାରୀ ହୁଅନ୍ତି, ତେବେ ଏହା ଆଇନ ପ୍ରତି ଅବମାନନା ସୃଷ୍ଟି କରିବ ଏବଂ ଅରାଜକତାବାଦ ସୃଷ୍ଟି କରିବ ଏବଂ ପ୍ରତ୍ୟେକ ବ୍ୟକ୍ତି ନିଜ ପାଇଁ ଆଇନ ସାଜିବାର ପ୍ରବୃତ୍ତି ରଖିବେ ଯାହା ଦ୍ୱାରା ଅରାଜକତାବାଦ ସୃଷ୍ଟି ହେବ । କୌଣସି ସଭ୍ୟ ରାଷ୍ଟ୍ର ଏପରି ହେବାକୁ ଅନୁମତି ଦେଇପାରିବ ନାହିଁ । ଜଣେ ପୁଲିସ ତାଙ୍କୁ ଗିରଫ କରିବା ମାତ୍ରେ ଜଣେ ନାଗରିକ କ'ଣ ତାଙ୍କ ଜୀବନର ମୌଳିକ ଅଧିକାରକୁ *ଛାଡ଼ି ଦିଅନ୍ତି* ? ଜଣେ ନାଗରିକଙ୍କୁ ଗିରଫ ପରେ ତାଙ୍କ ଜୀବନର ଅଧିକାରକୁ *ସ୍ଥଗିତ ଅବସ୍ଥାରେ* ରଖାଯାଇପାରିବ କି? ଏହି ପ୍ରଶ୍ନଗୁଡ଼ିକ ମାନବାଧିକାର ନ୍ୟାୟଶାସ୍ତ୍ରର ମେରୁଦଣ୍ଡକୁ ସ୍ପର୍ଶ କରେ । ଉତ୍ତର, ବାସ୍ତବରେ, ଏକ ଦୃଢ଼ 'ନା' ହେବା ଆବଶ୍ୟକ । ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 21 ଅଧୀନରେ ଲିଖିତ ପ୍ରତିଶ୍ରୁତି ଦିଆଯାଇଥିବା ମୂଲ୍ୟବାନ ଅଧିକାରକୁ ଦୋଷୀ, ବିଚାରାଧୀନ କଏଦୀ, ବନ୍ଦୀ ଏବଂ ହାଜତରେ ଥିବା ଅନ୍ୟ କଏଦୀମାନଙ୍କୁ ଆଇନ ଦ୍ୱାରା ସ୍ଥାପିତ ପ୍ରକ୍ରିୟା ବ୍ୟତୀତ ଆଇନ ଦ୍ୱାରା ଅନୁମୋଦିତ ଯୁକ୍ତିଯୁକ୍ତ ପ୍ରତିବନ୍ଧକ ଲଗାଇ ପ୍ରତ୍ୟାଖ୍ୟାନ କରାଯାଇପାରିବ ନାହିଁ ।

*ନୀଳାବତୀ ବେହେରା ବନାମ ଓଡ଼ିଶା ରାଜ୍ୟ,* [1993] 2 ଏସସିସି 746, (ଯେଉଁଥିରେ ଆନନ୍ଦ, ନ୍ୟାୟମୂର୍ତ୍ତି ଏକ ପକ୍ଷ ଥିଲେ) ମାମଲାରେ ଏହି ନ୍ୟାୟାଳୟ ଦର୍ଶାଇଥିଲେ ଯେ ବନ୍ଦୀ ଏବଂ ଅଟକବନ୍ଦୀମାନଙ୍କୁ ଅନୁଚ୍ଛେଦ 21 ଅଧୀନରେ ସେମାନଙ୍କର ମୌଳିକ ଅଧିକାରରୁ ବଞ୍ଚିତ କରାଯିବ ନାହିଁ ଏବଂ ଏହା କେବଳ ଆଇନ ଦ୍ୱାରା ଅନୁମୋଦିତ ପ୍ରତିବନ୍ଧକ, ଯାହା ଗିରଫ ଏବଂ ଅଟକବନ୍ଦୀଙ୍କ ମୌଳିକ ଅଧିକାରର ଉପଭୋଗ ଉପରେ ଲାଗୁ କରାଯାଇପାରିବ । ଏହା ପରିଲକ୍ଷିତ ହୋଇଥିଲା:

> "ଏହା ସ୍ୱତଃସିଦ୍ଧ ଯେ ଦୋଷୀ, ବନ୍ଦୀ କିମ୍ବା ବିଚାରାଧୀନ କଏଦୀମାନେ ଅନୁଚ୍ଛେଦ 21 ଅଧୀନରେ ସେମାନଙ୍କର ମୌଳିକ ଅଧିକାରରୁ ବଞ୍ଚିତ ହୁଅନ୍ତି ନାହିଁ ଏବଂ ଏହା କେବଳ ଆଇନ ଦ୍ୱାରା ଅନୁମୋଦିତ ପ୍ରତିବନ୍ଧକ, ଯାହା ଏହିପରି ବ୍ୟକ୍ତିଙ୍କ ଦ୍ୱାରା ମୌଳିକ ଅଧିକାରର ଉପଭୋଗ ଉପରେ ଲାଗୁ କରାଯାଇପାରିବ । ଜଣେ ନାଗରିକ ରାଜ୍ୟର ହେପାଜତରେ ଥିବା ସମୟରେ ଏହା ସୁନିଶ୍ଚିତ କରିବା ଏହାର ଆଇନଗତ ବାଧ୍ୟତା ଅଟେ ଯେ ଆଇନ ଅନୁଯାୟୀ ବ୍ୟତିରେକେ, ଜଣେ ନାଗରିକର ଜୀବନ ଧାରଣର ଅପରିହାର୍ଯ୍ୟ ଅଧିକାର ଯେପରି ଉଲ୍ଲଙ୍ଘନ ନ ହୁଏ । ଆଇନ ଦ୍ୱାରା ସ୍ଥାପିତ ପ୍ରକ୍ରିୟା ବ୍ୟତୀତ ଦୋଷୀ, ବିଚାରାଧୀନ କଏଦୀ କିମ୍ବା ହାଜତରେ ଥିବା ଅନ୍ୟ ବନ୍ଦୀମାନଙ୍କୁ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 21 ଦ୍ୱାରା ଲିଖିତ ପ୍ରତିଶ୍ରୁତି ଦିଆଯାଇଥିବା ବହୁମୂଲ୍ୟ ଅଧିକାରକୁ ମନା କରାଯାଇପାରିବ ନାହିଁ । ପୁଲିସ କିମ୍ବା କାରାଗାର କର୍ତ୍ତୃପକ୍ଷଙ୍କ ଉପରେ ଏକ ବଡ଼ ଦାୟିତ୍ୱ ରହିଛି ଏହା ସୁନିଶ୍ଚିତ କରିବାକୁ ଯେ ଏହାର ହେପାଜତରେ ଥିବା ନାଗରିକ ଯେପରି ତାଙ୍କ ବଞ୍ଚିବାର ଅଧିକାରରୁ ବଞ୍ଚିତ ନ ହୁଅନ୍ତି । ତାଙ୍କର ସ୍ୱାତନ୍ତ୍ର୍ୟ ତାଙ୍କ କାରାବରଣର ସତ୍ୟତା ଦ୍ୱାରା ସ୍ୱଭାବତଃ ପରିବେଷ୍ଟିତ ଏବଂ ତେଣୁ ତାଙ୍କ ପାଇଁ ଛଡ଼ାଯାଇଥିବା ସୀମିତ ସ୍ୱାତନ୍ତ୍ର୍ୟ ପ୍ରତି ତାଙ୍କର ଆଗ୍ରହ ବହୁମୂଲ୍ୟ । ରାଜ୍ୟ ତରଫରୁ ତତ୍ତ୍ୱାବଧାନର କର୍ତ୍ତବ୍ୟ କଡ଼ାକଡ଼ି ଅଟେ ଏବଂ କୌଣସି ବ୍ୟତିକ୍ରମକୁ ସ୍ୱୀକାର କରେ ନାହିଁ । ଆଇନ ଦ୍ୱାରା ସ୍ଥାପିତ ପ୍ରକ୍ରିୟା ବ୍ୟତୀତ ଯଦି ପୁଲିସ

ହେପାଜତରେ ଥିବା ବ୍ୟକ୍ତି ତାଙ୍କ ଜୀବନରୁ ବଞ୍ଚିତ ହୁଅନ୍ତି ତେବେ ଅପରାଧୀ କୈଫିୟତଯୋଗ୍ୟ ଏବଂ ରାଜ୍ୟ ଉତ୍ତରଦାୟୀ ଅଟେ ।

ଏପରି କିଛି ଘଟଣା ଆମ୍ଭ ନଜରକୁ ଆସିଛି, ଯେଉଁଠାରେ କୌଣସି ଅପରାଧର ତଦନ୍ତ ସଂକ୍ରାନ୍ତରେ, ଗିରଫଦାରୀ ଲିପିବଦ୍ଧ ନ କରି, ପୁଲିସ ଜଣେ ବ୍ୟକ୍ତିଙ୍କୁ ବିନା ପରୱାନାରେ ଗିରଫ କରିଛି ଏବଂ ଆହୁରି ତଦନ୍ତ ଉଦ୍ଦେଶ୍ୟରେ ତାଙ୍କଠାରୁ ସୂଚନା ସଂଗ୍ରହ କରିବା ପାଇଁ କିମ୍ବା ମକଦ୍ଦମା ସମ୍ପତ୍ତିର ପୁନରୁଦ୍ଧାର ଉଦ୍ଦେଶ୍ୟରେ କିମ୍ବା ଦୋଷ ସ୍ୱୀକାର କରେଇବା ଇତ୍ୟାଦି ଉଦ୍ଦେଶ୍ୟରେ ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ନିର୍ଯ୍ୟାତନା ଦିଆଯାଇଛି । ଗିରଫ ବ୍ୟକ୍ତିଙ୍କ ଶରୀରରେ ହୋଇଥିବା ନିର୍ଯ୍ୟାତନା ଇତ୍ୟାଦି ଆଘାତ ବେଳେବେଳେ ତାଙ୍କ ମୃତ୍ୟୁର କାରଣ ହୋଇଛି । ହାଜତରେ ମୃତ୍ୟୁ ସାଧାରଣତଃ ବନ୍ଦୀଗୃହ ନଥିରେ ଦର୍ଶାଯାଏ ନାହିଁ ଏବଂ ଶବକୁ ନଷ୍ଟ କରିବା ପାଇଁ କିମ୍ବା ହେପାଜତରୁ ଛଡ଼ା ଯିବା ପରେ ଗିରଫ ହୋଇଥିବା ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବାର ଏକ ମାମଲା ପ୍ରସ୍ତୁତ କରିବାକୁ ପୁଲିସ ଦ୍ୱାରା ସମସ୍ତ ପ୍ରୟାସ କରାଯାଏ । ଭାଇଚାରା ସମ୍ପର୍କ କାରଣରୁ ଏଭଳି ନିର୍ଯ୍ୟାତନା କିମ୍ବା ମୃତ୍ୟୁ ବିରୋଧରେ କୌଣସି ଅଭିଯୋଗକୁ ସାଧାରଣତଃ ପୁଲିସ ଅଧିକାରୀମାନେ ଧ୍ୟାନ ଦିଅନ୍ତି ନାହିଁ । ପୀଡ଼ିତ କିମ୍ବା ତାଙ୍କ ସମ୍ପର୍କୀୟଙ୍କ ଅନୁରୋଧରେ କୌଣସି ଏତଲା ସାଧାରଣତଃ ଗ୍ରହଣ କରାଯାଏ ନାହିଁ ଏବଂ ଏପରିକି ଉଚ୍ଚ ପୁଲିସ ଅଧିକାରୀମାନେ ମଧ୍ୟ ଏହିପରି ଅଭିଯୋଗ ପ୍ରତି ଆଖି ବନ୍ଦ କରିଦିଅନ୍ତି । ଏପରିକି ଯେଉଁଠାରେ ପୀଡିତ କିମ୍ବା ତାଙ୍କ ସମ୍ପର୍କୀୟଙ୍କ ଦ୍ୱାରା ଏକ ଆନୁଷ୍ଠାନିକ ମକଦ୍ଦମା ଆରମ୍ଭ କରାଯାଏ, ସେଠାରେ ନିର୍ଯ୍ୟାତନା କିମ୍ବା ଆଘାତଜନିତ ମୃତ୍ୟୁ ଅଭିଯୋଗର ଯଥାର୍ଥତାକୁ ପ୍ରତିପାଦନ କରିବା ପାଇଁ କୌଣସି ପ୍ରତ୍ୟକ୍ଷ ସାକ୍ଷ୍ୟ ଉପଲବ୍ଧ ନଥାଏ, କାରଣ ପୁଲିସ ବନ୍ଦୀଗୃହ ଯେଉଁଠାରେ ସାଧାରଣତଃ ନିର୍ଯ୍ୟାତନା କିମ୍ବା ଆଘାତ ଦିଆଯାଇଥାଏ ତାହା ଜନସାଧାରଣଙ୍କ ନଜରରୁ ଦୂରରେ ଥାଏ ଏବଂ ଯେଉଁ ପୁଲିସ କିମ୍ବା ସହ-କଏଦୀମାନେ ସାକ୍ଷୀ ଥା'ନ୍ତି ସେମାନେ ପୁଲିସ ବରିଷ୍ଠ ଅଧିକାରୀଙ୍କ ପ୍ରତିଶୋଧର ଭୟ ହେତୁ ଅଭିଯୋଜନ ସାକ୍ଷୀ ଭାବରେ ହାଜର ହେବାକୁ ଏକେବାରେ ଅନିଚ୍ଛୁକ ହୁଅନ୍ତି । ଏହା ପ୍ରାୟତଃ ଦେଖାଯାଏ ଯେ ଯେତେବେଳେ ପୁଲିସ  ହେପାଜତରେ ନିର୍ଯ୍ୟାତନା, ମୃତ୍ୟୁ କିମ୍ବା ଆଘାତ ବିରୋଧରେ ଅଭିଯୋଗ କରାଯାଏ, ସେତେବେଳେ ତୃତୀୟ ଡିଗ୍ରୀ ପଦ୍ଧତିର ଆଶ୍ରୟ ନେବା ପାଇଁ ଦାୟୀ ପୁଲିସ କର୍ମଚାରୀଙ୍କ ବିରୋଧରେ ପ୍ରମାଣ ପ୍ରାପ୍ତ କରିବା କଷ୍ଟକର କାରଣ ସେମାନେ ପୁଲିସ ଥାନା ନଥିର ଦାୟିତ୍ୱରେ ଥା'ନ୍ତି ଯାହା ସେମାନଙ୍କୁ ହେରଫେର କରିବାରେ ଅସୁବିଧା ହୁଏ ନାହିଁ । ଫଳସ୍ୱରୂପ କର୍ତ୍ତବ୍ୟଭ୍ରଷ୍ଟ ଅଧିକାରୀଙ୍କ ବିରୋଧରେ ମକଦ୍ଦମା ସାଧାରଣତଃ ଦୋଷମୁକ୍ତର ନିଷ୍ପତ୍ତି ହୋଇଥାଏ । *ମଧ୍ୟପ୍ରଦେଶ ରାଜ୍ୟ ବନାମ ଶ୍ୟାମସୁନ୍ଦର ତ୍ରିବେଦୀ ଏବଂ ଅନ୍ୟମାନେ*, (1995) 3 ସ୍କେଲ, 343ମାମଲାଟି ଆମ୍ଭ ଦ୍ୱାରା କରାଯାଇଥିବା ଉପରୋକ୍ତ ଅବଲୋକନର ଏକ ଉପଯୁକ୍ତ ଉଦାହରଣ । ସେହି ମାମଲାରେ, ପଚରାଉଚରା ସମୟରେ ନାଥୁ ବଞ୍ଜାରାଙ୍କୁ ରାମପୁରାର ପୁଲିସ ଥାନାରେ ନିର୍ଯ୍ୟାତନା ଦିଆଯାଇଥିଲା । ତାଙ୍କୁ ବ୍ୟାପକ ଆଘାତ ଲାଗିଥିବା କାରଣରୁ ସେ ପୁଲିସ ଥାନା ଭିତରେ ପୁଲିସ ହେପାଜତରେ ମୃତ୍ୟୁବରଣ କରିଥିଲେ । ବିଚାର ସମୟରେ ପ୍ରତିବାଦୀ ପୁଲିସ ଅଧିକାରୀଙ୍କ ଦ୍ୱାରା ସ୍ଥାପିତ ପ୍ରତିରକ୍ଷା ଥିଲା ଯେ ନାଥୁଙ୍କୁ ପୁଲିସ ହାଜତରୁ 13.10.1986 ରେ ପଚରାଉଚରା ପରେ ରୋଜନାମଚାରେ ଇଏକ୍ସ. P/22A ଦରଜପୂର୍ବକ ଅପରାହ୍ନ ପ୍ରାୟ 10.30 ରେ ଛାଡ଼ି ଦିଆଯାଇଥିଲା ଏବଂ 14.10.1981 ରେ ସକାଳ ପ୍ରାୟ 7ଟାରେ, ପ୍ରତିବାଦୀ ସଂଖ୍ୟା 6 ରମେଶଙ୍କ ଏତଲା

ବଳରେ ଏକ ମୃତ୍ୟୁର ଲିଖିତ ବିବରଣ ଇଏକ୍ସ. P/9 ରାମପୁରା ପୁଲିସ ଥାନାରେ ଲିପିବଦ୍ଧ କରାଯାଇଥିଲା ଯେ ଟ୍ୟାଙ୍କ ପାର୍ଶ୍ୱରେ ଥିବା ଏକ ଗଛ ନିକଟରେ "ଜଣେ ଅଜଣା ବ୍ୟକ୍ତିଙ୍କୁ" ଛାତି ଯନ୍ତ୍ରଣାରେ ଛଟପଟ ହେଉଥିବାର ଦେଖିଥିଲେ ଏବଂ ପ୍ରତିବାଦୀ ସଂଖ୍ୟା 6 ତାଙ୍କ ନିକଟରେ ପହଞ୍ଚିବା ମାତ୍ରେ ଉକ୍ତ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିଲା । ପୁଲିସ ଥାନାର ଦାୟିତ୍ୱରେ ଥିବା ପ୍ରତିବାଦୀ ସଂଖ୍ୟା 1, ଏସ୍.ଆଇ. ତ୍ରିବେଦୀଙ୍କ ଦ୍ୱାରା ରୁଜୁ କରାଯାଇଥିବା ପରବର୍ତ୍ତୀ ମାମଲାଟି ଥିଲା ଯେ ପୁଲିସ ଥାନାରୁ ପ୍ରସ୍ଥାନ କରିବା ବିଷୟରେ ସକାଳ 7ଟାରେ ରୋଜନାମଚା ଦରଜ କରିବା ପରେ ସେ (ପ୍ରତିବାଦୀ ସଂଖ୍ୟା 1 -ଶ୍ୟାମସୁନ୍ଦର ତ୍ରିବେଦୀ) ଏବଂ କନଷ୍ଟେବଳ ରାଜାରାମ ପ୍ରତିବାଦୀ ଯେଉଁଠାରେ ମୃତଦେହ ପଡିଥିବାର କୁହାଯାଇଥିଲା ସେହି ସ୍ଥାନକୁ ସିଆରପିସି ର ଧାରା 174 ଅନୁଯାୟୀ ତଦନ୍ତ କରିବା ପାଇଁ ଅଗ୍ରସର ହୋଇଥିଲେ । ସେ ରମେଶ ଚନ୍ଦ୍ର ଏବଂ ଗୋବର୍ଦ୍ଧନ ଦୁଇ ପ୍ରତିବାଦୀଙ୍କୁ ଘଟଣାସ୍ଥଳକୁ ଡକାଇଥିଲେ ଏବଂ ସେମାନଙ୍କ ଉପସ୍ଥିତିରେ ମୃତଦେହର ଏକ ପଞ୍ଚନାମା ଇଏକ୍ସ P/27 ପ୍ରସ୍ତୁତ କରିଥିଲେ ଯେଉଁଥିରେ ମୃତ୍ୟୁର କୌଣସି ନିର୍ଦ୍ଦିଷ୍ଟ କାରଣ ଜଣା ପଡ଼ିନାହିଁ ବୋଲି ମତାମତ ଲିପିବଦ୍ଧ କରାଯାଇଥିଲା ।

ପ୍ରଥମ ଅତିରିକ୍ତ ଦୌରା ଜଜ୍ ସମସ୍ତ ପ୍ରତିବାଦୀମାନଙ୍କୁ ସମସ୍ତ ଅଭିଯୋଗରୁ ନିର୍ଦ୍ଦୋଷରେ ଖଲାସ କରି କହିଥିଲେ ଯେ ପ୍ରତିବାଦୀମାନଙ୍କୁ ଅପରାଧ ସହିତ ଯୋଡ଼ିବା ପାଇଁ *କୌଣସି ପ୍ରତ୍ୟକ୍ଷ ସାକ୍ଷ୍ୟ ନାହିଁ* । ମଧ୍ୟ ପ୍ରଦେଶ ରାଜ୍ୟ ଦୋଷ ମୁକ୍ତି ଆଦେଶ ବିରୋଧରେ ଆବେଦନ କରିଥିଲା ଏବଂ ଉଚ୍ଚ ନ୍ୟାୟାଳୟ ପ୍ରତିବାଦୀ 2 ରୁ 7 ଙ୍କ ଦୋଷମୁକ୍ତିକୁ ବଜାୟ ରଖିଲେ କିନ୍ତୁ ଆଇପିସି ଧାରା 218, 201 ଏବଂ 342 ଅନୁଯାୟୀ ଅପରାଧ ପାଇଁ ପ୍ରତିବାଦୀ ସଂଖ୍ୟା 1, ଶ୍ୟାମସୁନ୍ଦର ତ୍ରିବେଦୀଙ୍କ ଦୋଷମୁକ୍ତି ନିଷ୍ପତ୍ତିକୁ ଖାରଜ କରିଦେଇଥିଲେ । ତେବେ ଆଇପିସିର ଧାରା 302/149 ଏବଂ 147 ଅନୁଯାୟୀ ଅପରାଧ ପାଇଁ ତାଙ୍କ ଦୋଷମୁକ୍ତିକୁ ବଜାୟ ରଖାଯାଇଥିଲା । ରାଜ୍ୟ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ନ୍ୟାୟାଳୟରେ ଏକ ଆବେଦନ ଦାଖଲ କରିଥିଲା । ଏହି ନ୍ୟାୟାଳୟ ଜାଣିବାକୁ ପାଇଲେ ଯେ ଅଭିଯୋଜନଙ୍କ ଦ୍ୱାରା ନିମ୍ନଲିଖିତ ପରିସ୍ଥିତି ପ୍ରତ୍ୟେକ ଯୁକ୍ତିଯୁକ୍ତ ସନ୍ଦେହ ବାହାରେ ସ୍ଥାପିତ ହୋଇଛି ଏବଂ ପି.ଡବ୍ଲ୍ୟୁ. 1, 3, 4, 8 ଏବଂ 18 ଙ୍କର ପ୍ରତ୍ୟକ୍ଷ ସାକ୍ଷ୍ୟ ସହିତ ସେହି ପରିସ୍ଥିତି କେବଳ ପ୍ରତିବାଦୀମାନଙ୍କ ଦୋଷର ଅନୁମାନ ସହିତ ଅନୁରୂପ ଥିଲା ଏବଂ ସେମାନଙ୍କ ନିର୍ଦ୍ଦୋଷତା ସହିତ ଅସଙ୍ଗତ ଥିଲା:

(a) ମୃତ ବ୍ୟକ୍ତିଙ୍କୁ ଜୀବନ୍ତ ଥାନାକୁ ଅଣାଯାଇଥିଲା ଏବଂ ଶେଷ ଥର ପାଇଁ ତାଙ୍କୁ ସେଠାରେ 13.10.81 ରେ ଜୀବନ୍ତ ଦେଖିବାକୁ ମିଳିଥିଲା;

(b) ମୃତ ବ୍ୟକ୍ତିଙ୍କ ଶବକୁ ଡାକ୍ତରଖାନା ନେବା ପାଇଁ ଅପରାହ୍ନ ପ୍ରାୟ 2 ଟା ବେଳେ 14.10.81 ରେ ପୁଲିସ ଥାନାରୁ ବାହାର କରାଯାଇଥିଲା;

(c) ପ୍ରତିବାଦୀ ସଂଖ୍ୟା 1 ଏସ୍.ଆଇ. ତ୍ରିବେଦୀ, ପ୍ରତିବାଦୀ ସଂଖ୍ୟା 3 ରାମ ନରେଶ ଶୁକ୍ଳା, , ପ୍ରତିବାଦୀ ସଂଖ୍ୟା 4 ରାଜାରାମ, ଏବଂ ପ୍ରତିବାଦୀ ସଂଖ୍ୟା 5 ଗନିଉଦ୍ଦିନ୍ ପୁଲିସ ଥାନାରେ ଉପସ୍ଥିତ ଥିଲେ ଏବଂ ନାଥୁ-ବଞ୍ଜାରାଙ୍କ ଶବକୁ ନଷ୍ଟ କରିବା ପାଇଁ ସମସ୍ତେ ହାତ ମିଳାଇଥିଲେ;

(d) ପ୍ରତିବାଦୀ ସଂଖ୍ୟା 1 ଏସ୍.ଆଇ. ତ୍ରିବେଦୀ, ମିଥ୍ୟା ପ୍ରମାଣ ସୃଷ୍ଟି କରିଥିଲେ ଏବଂ ଅପରାଧକୁ ଘୋଡ଼ାଇବା ଉଦ୍ଦେଶ୍ୟରେ ସାକ୍ଷ୍ୟ ସ୍ୱରୂପ ଦଲିଲ ଆକାରରେ ମନଗଢ଼ା ମିଥ୍ୟା ସୂତ୍ରମାନ ସୃଷ୍ଟି କରିଥିଲେ ଏବଂ ସେହି ବିଷୟ ପାଇଁ ଦୋଷୀ;

(e) ପ୍ରତିବାଦୀ ଏସ୍.ଆଇ. ତ୍ରିବେଦୀ ଏଥିରେ ପ୍ରତିବାଦୀପକ୍ଷ ତାଙ୍କର କେତେକ ଅଧସ୍ତନ କର୍ମଚାରୀମାନଙ୍କ ସହ ମନ୍ତ୍ରଣାପୂର୍ବକ, ମୃତ ବ୍ୟକ୍ତିଙ୍କୁ 'ଅଚିହ୍ନା ଶବ' ବୋଲି ବର୍ଣ୍ଣନା କରି ତରବରିଆ ଭାବେ ଶବ ଦାହ କରିବା ପାଇଁ ପଦକ୍ଷେପ ନେଇଥିଲେ, ଯଦିଓ ମୃତ ବ୍ୟକ୍ତିଙ୍କ ପରିଚୟ, ଯେତେବେଳେ ଦୀର୍ଘ ସମୟ ଧରି ପଚରାଉଚରା କରିଥିଲେ, ସେମାନେ ବେଶ୍ ଭଲ ଭାବରେ ଜାଣିଥିଲେ ।

ଏବଂ ମତ ଦେଇଥିଲେ ଯେ:

> "ଉଚ୍ଚ ନ୍ୟାୟାଳୟଙ୍କ ଅବଲୋକନ ଯେ ଅପରାଧରେ ଏହି ପ୍ରତିବାଦୀମାନଙ୍କର ଉପସ୍ଥିତି ଏବଂ ଅଂଶଗ୍ରହଣ ସନ୍ଦେହଜନକ ବୋଲି ନଥିରେ ଥିବା ପ୍ରମାଣରୁ ପ୍ରମାଣିତ ହୁଏ ନାହିଁ ଏବଂ ଅଭିଯୋଜନଙ୍କ ଦ୍ୱାରା ସ୍ଥାପିତ କଥିତ କାହାଣୀର ପରିସ୍ଥିତିର ସରଳୀକରଣ କଲେ ଏକ ଅବାସ୍ତବ କାହାଣୀ ବୋଲି ଜଣାପଡ଼େ ।

ଆମ୍ଭମାନଙ୍କ ମଧ୍ୟରୁ ଜଣେ (ଯଥା, ଆନନ୍ଦ, ନ୍ୟାୟମୂର୍ତ୍ତି) ନ୍ୟାୟାଳୟ ତରଫରୁ କହିବାବେଳେ କହିଥିଲେ:

> ବିଚାରଣ କରୁଥିବା ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟ, ଯଦି ଆମ୍ଭେ ସମ୍ମାନପୂର୍ବକ ଏହା କହିପାରିବା, ନଥିରେ ଥିବା ପ୍ରମାଣକୁ ମୂଲ୍ୟାୟନ କରିବାରେ ସମ୍ବେଦନଶୀଳତାର ସମ୍ପୂର୍ଣ୍ଣ ଅଭାବ ଏବଂ 'ଉଦାସୀନତା'ର ମନୋଭାବ ପ୍ରଦର୍ଶନ କରିଥିଲେ ଏବଂ ଏହିପରି କିଛି ପୁଲିସ ଥାନାରେ, ବେଆଇନ ହେବା ସତ୍ତ୍ୱେ, ବ୍ୟବହୃତ ହେଉଥିବା ବର୍ବରୋଚିତ ତୃତୀୟ ଡିଗ୍ରୀ ପଦ୍ଧତିକୁ କ୍ଷମାଦାନ ଦେଇଥିଲେ । ଅଭିଯୋଗ ପକ୍ଷ ଦ୍ୱାରା ଯୁକ୍ତିଯୁକ୍ତ ପ୍ରତ୍ୟେକଟି ସନ୍ଦେହ ବାହାରେ ପ୍ରମାଣ ପ୍ରତିଷ୍ଠା ଉପରେ ଅତିରଞ୍ଜନ ପ୍ରତି ଆନୁଗତ୍ୟ ଏବଂ ଅତ୍ୟାଗ୍ରହ, ବର୍ତ୍ତମାନର ମାମଲା ପରି ଏକ ନିର୍ଦ୍ଦିଷ୍ଟ ମାମଲାର ମୂଳ ବାସ୍ତବତା, ତଥ୍ୟ ପରିସ୍ଥିତି ଏବଂ ସ୍ୱତନ୍ତ୍ର ପରିସ୍ଥିତିକୁ ଅଣଦେଖା କରିବା, ପ୍ରାୟତଃ ନ୍ୟାୟର ଅପପ୍ରୟୋଗ ଅଟେ ଏବଂ ନ୍ୟାୟ ପ୍ରଦାନ ବ୍ୟବସ୍ଥାକୁ ଏକ ସନ୍ଦିଗ୍ଧ ରୂପ ଦିଏ । ସର୍ବଶେଷ ବିଶ୍ଳେଷଣରେ ସମାଜ କ୍ଷତିଗ୍ରସ୍ତ ହୁଏ ଏବଂ ଜଣେ ଅପରାଧୀ ଉତ୍ସାହିତ ହୁଏ । ପୁଲିସ ହାଜତରେ ନିର୍ଯାତନା, ଯାହା ସମ୍ପ୍ରତି ସମୟରେ ବୃଦ୍ଧି ପାଉଛି, ନ୍ୟାୟାଳୟର ଏହି ପ୍ରକାରର ଅବାସ୍ତବ ଆଭିମୁଖ୍ୟ ଦ୍ୱାରା ପ୍ରୋତ୍ସାହନ ପାଇଥାଏ କାରଣ ଏହା ପୋଲିସର ମନରେ ବିଶ୍ୱାସକୁ ଦୃଢ଼ କରିଥାଏ ଯେ ଯଦି ଜଣେ ବୃଦ୍ଧ କଏଦୀ ବନ୍ଦୀଗୃହରେ ମୃତ୍ୟୁବରଣ କରନ୍ତି, ତେବେ ସେମାନଙ୍କର କୌଣସି କ୍ଷତି ହେବ ନାହିଁ, କାରଣ ସେମାନଙ୍କୁ ସିଧାସଳଖ ନିର୍ଯ୍ୟାତନା ସହିତ ଜଡିତ କରିବା ପାଇଁ ଅଭିଯୋଗ ପକ୍ଷ ପାଖରେ କ୍ୱଚିତ୍ କୌଣସି ପ୍ରମାଣ ଉପଲବ୍ଧ ହେବ । ଅଦାଲତମାନେ ଏହି ସତ୍ୟକୁ ଅଣଦେଖା କରିବା ଉଚିତ ନୁହେଁ ଯେ ପୁଲିସ ହାଜତରେ ମୃତ୍ୟୁ ସମ୍ଭବତଃ ଏକ ସଭ୍ୟ ସମାଜରେ ସବୁଠାରୁ ଜଘନ୍ୟ ପ୍ରକାରର ଅପରାଧ, ଆଇନର ନିୟମ ଦ୍ୱାରା ପରିଚାଳିତ ଏବଂ ଏକ ଶୃଙ୍ଖଳିତ ସଭ୍ୟ ସମାଜ ପାଇଁ ଏକ ଗୁରୁତର ବିପଦ ସୃଷ୍ଟି କରେ ।"

ଏହି ନ୍ୟାୟାଳୟ ସେତେବେଳେ ପରାମର୍ଶ ଦେଇଥିଲେ:

ନ୍ୟାୟାଳୟଗୁଡ଼ିକ ମଧ୍ୟ ସେମାନଙ୍କ ଦୃଷ୍ଟିକୋଣ ଏବଂ ମନୋବୃତ୍ତିରେ ପରିବର୍ତ୍ତନ ଆଣିବା ଆବଶ୍ୟକ, ବିଶେଷ କରି ହାଜତ ଅପରାଧ ସହ ଜଡ଼ିତ ମାମଲାଗୁଡ଼ିକରେ ଏବଂ ହାଜତ ଅପରାଧ ମାମଲାଗୁଡ଼ିକର ମୁକାବିଲା କରିବା ସମୟରେ ସେମାନେ ଅଧିକ ସମ୍ବେଦନଶୀଳତା ପ୍ରଦର୍ଶନ କରିବା ଉଚିତ ଏବଂ ଏକ ସଂକୀର୍ଣ୍ଣ ପ୍ରାୟୋଗିକ ପରିବର୍ତ୍ତେ ଏକ ବାସ୍ତବବାଦୀ ଆଭିମୁଖ୍ୟ ଗ୍ରହଣ କରିବା ଉଚିତ, ଯାହା ଦ୍ୱାରା ଦୋଷୀମାନେ ସେମାନଙ୍କ କ୍ଷମତା ମଧ୍ୟରେ ଯଥାସମ୍ଭବ ପଳାୟନ କରିବେ ନାହିଁ ଯାହା ଦ୍ୱାରା ଅପରାଧର ଶିକାର ହୋଇଥିବା ବ୍ୟକ୍ତି ସନ୍ତୁଷ୍ଟ ହେବେ ଯେ ଶେଷରେ ଆଇନର ଗରିମାପୂର୍ଣ୍ଣ ଜୟଲାଭ ହୋଇଛି ।"

ରାଜ୍ୟ ଆବେଦନକୁ ଅନୁମତି ଦିଆଯାଇଥିଲା ଏବଂ ପ୍ରତିବାଦୀ 1, 3, 4 ଏବଂ 5 ଙ୍କ ଦୋଷମୁକ୍ତି ନିଷ୍ପତ୍ତିକୁ ରଦ୍ଦ କରାଯାଇଥିଲା । ଆଇପିସିର ଧାରା 304 ଭାଗ II/34 ଅଧୀନରେ ଅପରାଧ ସମେତ ବିଭିନ୍ନ ଅପରାଧ ପାଇଁ ପ୍ରତିବାଦୀମାନଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା ଏବଂ ବିଭିନ୍ନ ଅବଧିର କାରାଦଣ୍ଡ ଏବଂ 20, 000 ରୁ ଆରମ୍ଭ କରି 50, 000 ଟଙ୍କା ପର୍ଯ୍ୟନ୍ତ ଜୋରିମାନାର ଦଣ୍ଡାଦେଶ ଦିଆଯାଇଥିଲା । ଏହି ଜୋରିମାନା ନାଥୁ ବଞ୍ଜାରାଙ୍କ ଉତ୍ତରାଧିକାରୀଙ୍କୁ କ୍ଷତିପୂରଣ ଆକାରରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଆହୁରି ମଧ୍ୟ ନିର୍ଦ୍ଦେଶିତ ହୋଇଥିଲା:

"ଯଦି ଅଭିଯୁକ୍ତ ପ୍ରତିବାଦୀଙ୍କ ଦ୍ୱାରା ଜୋରିମାନା ଜମା କରାଯାଏ, ତେବେ ବିଚାରଣ ନ୍ୟାୟାଳୟ ନିଶ୍ଚିତ କରିବେ ଯେ ମୃତ ନାଥୁ ବଞ୍ଜାରାଙ୍କ ଉତ୍ତରାଧିକାରୀଙ୍କୁ ଏହାର ଦେୟ ପ୍ରଦାନ କରାଯାଇଛି, ଏବଂ ନ୍ୟାୟାଳୟ ଏପରି ସମସ୍ତ ସତର୍କତା ଅବଲମ୍ବନପୂର୍ବକ ଦେଖିବା ଆବଶ୍ୟକ ଯେ ଟଙ୍କା ଭୁଲ ହାତରେ ଯେପରି ପଡ଼ିବାକୁ ଦିଆଯିବ ନାହିଁ ଏବଂ ମୃତ ନାଥୁ ବଞ୍ଜାରାଙ୍କ ପରିବାରର ସଦସ୍ୟଙ୍କ ଉପକାରରେ ବ୍ୟବହୃତ ହେବ, ଏବଂ ଯଦି ଉପଯୁକ୍ତ ଏବଂ ସମୀଚୀନ ବୋଲି ବିବେଚନା କରିବେ ଏବଂ ବ୍ୟାବହାରିକ ବୋଲି ମନେ କରିବେ ତେବେ ବିଚାରଣ ନ୍ୟାୟାଳୟ ମୃତ ବ୍ୟକ୍ତିଙ୍କ ଉତ୍ତରାଧିକାରୀଙ୍କ ସହ ପରାମର୍ଶ କରି ଜାତୀୟକରଣ ବ୍ୟାଙ୍କ କିମ୍ବା ଡାକଘରେ ଜମା ଦ୍ୱାରା ପ୍ରଦାନ କରିବେ ।

ଏହା କହିବା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ନାହିଁ ଯେ ଯେତେବେଳେ ଅପରାଧ ଦଣ୍ଡରହିତ ହୁଏ, ଅପରାଧୀମାନଙ୍କୁ ଉତ୍ସାହିତ କରାଯାଏ ଏବଂ ସମାଜ କ୍ଷତିଗ୍ରସ୍ତ ହୁଏ । ଅପରାଧର ଶିକାର ହୋଇଥିବା ବ୍ୟକ୍ତି କିମ୍ବା ତାଙ୍କ ସମ୍ପର୍କୀୟ ହତାଶ ହୁଅନ୍ତି ଏବଂ ଆଇନ ପ୍ରତି ଅବମାନନା ବଢ଼େ । ଏହି ଦିଗଗୁଡ଼ିକୁ ବିଚାରକୁ ନେଇ ଆଇନ ଆୟୋଗ ନିଜର 113 ତମ ଲିଖିତ ବିବରଣୀରେ ଭାରତୀୟ ସାକ୍ଷ୍ୟ ଅଧିନିୟମରେ ଧାରା 114 B ସାମିଲ କରିବା ଲାଗି ସୁପାରିଶ କରିଥିଲେ । ଆଇନ ଆୟୋଗ ଏହାର 113 ତମ ଲିଖିତ ବିବରଣୀରେ ସୁପାରିଶ କରିଛନ୍ତି ଯେ ଜଣେ ବ୍ୟକ୍ତିଙ୍କୁ ଶାରୀରିକ ଆଘାତ ଦେଇଥିବା ଆରୋପରେ ଆରୋପିତ ଅପରାଧ ପାଇଁ ଜଣେ ପୁଲିସ ଅଧିକାରୀଙ୍କ ବିରୋଧରେ ମକଦ୍ଦମା ଚଳାଇବା ସମୟରେ, ଯଦି ପ୍ରମାଣ ଥାଏ ଯେ ବ୍ୟକ୍ତିଜଣକ ପୁଲିସ ହାଜତରେ ଥିବା ସମୟରେ ଆଘାତପ୍ରାପ୍ତ ହୋଇଥିଲା, ତେବେ ନ୍ୟାୟାଳୟ *ଅନୁମାନ କରିପାରିବେ* ଯେ ସେହି ସମୟ ମଧ୍ୟରେ ସେହି ବ୍ୟକ୍ତିଙ୍କ ହାଜତରେ ଥିବା ପୁଲିସ ଅଧିକାରୀଙ୍କ ଦ୍ୱାରା ଆଘାତ ଦିଆଯାଇଥିଲା । ଆୟୋଗ ଆହୁରି ମଧ୍ୟ ସୁପାରିଶ କରିଛନ୍ତି ଯେ ନ୍ୟାୟାଳୟ, ପ୍ରାକ୍ ଧାରଣାର ପ୍ରଶ୍ନ ଉପରେ ବିଚାର କରିବା ସମୟରେ, ହାଜତ

ଅବଧି, ପୀଡିତଙ୍କ ଦ୍ୱାରା ଦିଆଯାଇଥିବା ବିବୃତି, ଡାକ୍ତରୀ ପ୍ରମାଣ ଏବଂ ମାଜିଷ୍ଟ୍ରେଟ୍ ଯେଉଁ ପ୍ରମାଣ ଲିପିବଦ୍ଧ କରିଥାଇପାରନ୍ତି ତତ୍ ସମେତ ସମସ୍ତ ପ୍ରାସଙ୍ଗିକ ପରିସ୍ଥିତିକୁ ଧ୍ୟାନ ଦେବା ଉଚିତ୍ । ପ୍ରମାଣଭାରର ପରିବର୍ତ୍ତନକୁ ଏହିପରି ସମର୍ଥନ କରାଯାଇଥିଲା । *ଶ୍ୟାମ ସୁନ୍ଦର ତ୍ରିବେଦୀଙ୍କ ମାମଲାରେ* (ପୂର୍ବୋକ୍ତ) ଏହି ନ୍ୟାୟାଳୟ ମଧ୍ୟ ଆଶା ବ୍ୟକ୍ତ କରିଥିଲେ ଯେ ସରକାର ଏବଂ ବିଧାନ ମଣ୍ଡଳ ଆଇନ ଆୟୋଗଙ୍କ ସୁପାରିଶ ଉପରେ ଗମ୍ଭୀରତାର ସହ ବିଚାର କରିବେ । ଦୁର୍ଭାଗ୍ୟବଶତଃ, ପ୍ରସ୍ତାବିତ ସଂଶୋଧନ ଏଯାବତ୍ ବିଧାନରେ ଅନ୍ତର୍ଭୁକ୍ତ ହୋଇନାହିଁ । ସଂଶୋଧନର ଆବଶ୍ୟକତା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ନାହିଁ - ହାଜତରେ ହିଂସା, ନିର୍ଯ୍ୟାତନା ଏବଂ ହାଜତରେ ମୃତ୍ୟୁରେ ତୀବ୍ର ବୃଦ୍ଧି, ସଂଶୋଧନ ପାଇଁ ଅତ୍ୟାବଶ୍ୟକତାକୁ ଯଥାର୍ଥ ସାବ୍ୟସ୍ତ କରେ ଏବଂ ଆମ୍ଭେ ଏହା ପ୍ରତି ସଂସଦର ଧ୍ୟାନ ଆକର୍ଷଣ କରୁଛୁ ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ପୁଲିସ ଏକ ଆଇନଗତ କର୍ତ୍ତବ୍ୟ ଅଧୀନରେ ଅଛି ଏବଂ ଅପରାଧୀମାନଙ୍କୁ ଗିରଫ କରିବା ଏବଂ ଏକ ଅପରାଧର ତଦନ୍ତ ସମୟରେ ତାଙ୍କୁ ପଚରାଉଚରା କରିବାର ବୈଧ ଅଧିକାର ଅଛି, କିନ୍ତୁ ଏହା ମନେ ରଖିବାକୁ ହେବ ଯେ ଅପରାଧ ସମାଧାନ ଉଦ୍ଦେଶ୍ୟରେ ପଚରାଉଚରା ଏବଂ ଅନୁସନ୍ଧାନ ସମୟରେ ତୃତୀୟ ଡିଗ୍ରୀ ପଦ୍ଧତି ବ୍ୟବହାର କରିବାକୁ କିମ୍ବା ହାଜତରେ ଅଭିଯୁକ୍ତମାନଙ୍କୁ ନିର୍ଯ୍ୟାତନା ଦେବାକୁ ଆଇନ ଅନୁମତି ଦିଏ ନାହିଁ । ପରିଣାମ ପନ୍ଥାକୁ ସାର୍ଥକ କରିପାରିବ ନାହିଁ । ତଦନ୍ତକୁ ଫଳପ୍ରଦ କରିବା ପାଇଁ ଏକ ଅପରାଧର ପଚରାଉଚରା ଏବଂ ତଦନ୍ତ ପ୍ରକୃତ ଅର୍ଥରେ ଉଦ୍ଦେଶ୍ୟମୂଳକ ହେବା ଉଚିତ୍ । ଜଣେ ବ୍ୟକ୍ତିଙ୍କୁ ନିର୍ଯାତନା ଦେଇ ଏବଂ ତୃତୀୟ ଡିଗ୍ରୀ ପଦ୍ଧତି ବ୍ୟବହାରପୂର୍ବକ, ଆମର ଆଇନଗତ ଆଦେଶର ଆବଶ୍ୟକତା ଯାହା ନିଷେଧ କରେ, ପୁଲିସ ତାହା ବନ୍ଦ ଦ୍ୱାର ପଛରେ ପୂରଣ କରିବ । କୌଣସି ସମାଜ ଏହାକୁ ଅନୁମତି ଦେଇପାରିବ ନାହିଁ ।

ପୁଲିସ କ୍ଷମତାର ଅପବ୍ୟବହାରକୁ ଆମ୍ଭେ କିପରି ରୋକିପାରିବା? କାର୍ଯ୍ୟାନୁଷ୍ଠାନର ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ବୋଧହୁଏ ଦୁଇଟି ସମ୍ଭାବ୍ୟ ରକ୍ଷା କବଚ ବ୍ୟବସ୍ଥା ଯାହା ଉପରେ ଏହି ନ୍ୟାୟାଳୟ ନିଶ୍ଚୟ ଗୁରୁତ୍ୱ ଦେବା ଉଚିତ । ମୌଳିକ ମାନବୀୟ ମୂଲ୍ୟବୋଧ ସହିତ ଅନୁରୂପ ପୁଲିସ ବାହିନୀର କାର୍ଯ୍ୟ ସଂସ୍କୃତି, ପ୍ରଶିକ୍ଷଣ ଏବଂ ଆଭିମୁଖ୍ୟକୁ ସଠିକ ଭାବେ ବିକଶିତ କରିବା ଉପରେ ମଧ୍ୟ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ପୁଲିସର ପ୍ରଶିକ୍ଷଣ ପଦ୍ଧତିର ପୁନର୍ଗଠନ ଆବଶ୍ୟକ । ଏହି ଶକ୍ତିକୁ ମୌଳିକ ମାନବୀୟ ମୂଲ୍ୟବୋଧ ଦ୍ୱାରା ଅନୁପ୍ରାଣିତ କରାଯିବା ଏବଂ ସାମ୍ବିଧାନିକ ନୈତିକତା ପ୍ରତି ସମ୍ବେଦନଶୀଳ କରିବାର ଆବଶ୍ୟକତା ରହିଛି । ତଦନ୍ତ ପରିଚାଳନା କରୁଥିବା ପୁଲିସ କର୍ମଚାରୀଙ୍କ ମନୋଭାବ ଏବଂ ଆଭିମୁଖ୍ୟକୁ ପରିବର୍ତ୍ତନ କରିବା ପାଇଁ ପ୍ରୟାସ କରାଯିବା ଆବଶ୍ୟକ ଯାହା ଦ୍ୱାରା ସେମାନେ ପଚରାଉଚରା ସମୟରେ ମୌଳିକ ମାନବିକ ମୂଲ୍ୟବୋଧକୁ ତ୍ୟାଗ କରିବେ ନାହିଁ ଏବଂ ପଚରାଉଚରାର ସନ୍ଦେହଜନକ ପଦ୍ଧତି ଆପଣାଇବେ ନାହିଁ । ସ୍ୱଚ୍ଛତା ଆଣିବା ଉଦ୍ଦେଶ୍ୟରେ, ପଚରାଉଚରା ବେଳେ ଗିରଫ ବ୍ୟକ୍ତିଙ୍କ ଓକିଲଙ୍କ ସମୟ ସମୟରେ ଉପସ୍ଥିତି ପୁଲିସକୁ ତୃତୀୟ ଡିଗ୍ରୀ ପଦ୍ଧତି ବ୍ୟବହାର କରିବାରୁ ଅଟକାଇପାରେ ।

ପୁଲିସ ବ୍ୟତୀତ, ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ଉପକୂଳବର୍ତ୍ତୀ ରକ୍ଷୀ, କେନ୍ଦ୍ରୀୟ ସଂରକ୍ଷିତ ପୁଲିସ ବାହିନୀ (ସିଆରପିଏଫ୍), ସୀମା ସୁରକ୍ଷା ବାହିନୀ (ବିଏସ୍ଏଫ୍) ଭଳି ଅନେକ ସରକାରୀ କର୍ତ୍ତୃପକ୍ଷ ମଧ୍ୟ ଅଛନ୍ତି । କେନ୍ଦ୍ରୀୟ ଔଦ୍ୟୋଗିକ ସୁରକ୍ଷା ବାହିନୀ (ସିଆଇଏସ୍ଏଫ୍), ରାଜ୍ୟ ସଶସ୍ତ୍ର ପୁଲିସ, ଗୁଇନ୍ଦା ସଂସ୍ଥା ଯେପରିକି ଗୁପ୍ତ ସୂଚନା ସଂସ୍ଥା, ଆର୍.ଏ.ଡବ୍ଲ୍ୟୁ., କେନ୍ଦ୍ରୀୟ ଅନୁସନ୍ଧାନ ସଂସ୍ଥା (ସିବିଆଇ), ସିଆଇଡି, ଟ୍ରାଫିକ୍ ପୁଲିସ, ଆରୋହଣକାରୀ ପୁଲିସ ଏବଂ ଆଇଟିବିପି, ଯାହାର ଆର୍ଥିକ ଅପରାଧ, ଅତ୍ୟାବଶ୍ୟକ ସାମଗ୍ରୀ ଅଧିନିୟମ, ଅବକାରୀ ଏବଂ ସୀମା ଶୁଳ୍କ ଅଧିନିୟମ, ବିଦେଶୀ ମୁଦ୍ରା ନିୟନ୍ତ୍ରଣ ଅଧିନିୟମ ଇତ୍ୟାଦି ଅଧୀନରେ ଅପରାଧ ଅନୁସନ୍ଧାନ ସଂକ୍ରାନ୍ତରେ ଜଣେ ବ୍ୟକ୍ତିଙ୍କୁ ଅଟକ ରଖିବା ଏବଂ ତାଙ୍କୁ ପଚରାଉଚରା କରିବାର କ୍ଷମତା ରହିଛି । ଏହି କର୍ତ୍ତୃପକ୍ଷମାନଙ୍କ ହେପାଜତରେ ନିର୍ଯାତନା ଏବଂ ମୃତ୍ୟୁର ଉଦାହରଣମାନ ମଧ୍ୟ ଅଛି । *ରି ଡେଥ୍ ଅଫ୍ ସତ୍ତିନ୍ଦର ସିଂହ ଗ୍ରୋଭର',* [1995] ସପ୍ଲି. 4 ଏସସିସି 450, (ଯେଉଁଥିରେ କୁଳଦୀପ ସିଂହ, ନ୍ୟାୟମୂର୍ତ୍ତି ଜଣେ ପକ୍ଷ ଥିଲେ) ମାମଲାରେ ଏହି ନ୍ୟାୟାଳୟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ହାଜତରେ ଥିବା ସମୟରେ ସତ୍ତିନ୍ଦର ସିଂହ ଗ୍ରୋଭରଙ୍କ ମୃତ୍ୟୁ ବିଷୟରେ ସ୍ୱତଃପ୍ରବୃତ୍ତ ନୋଟିସ ନେଇଥିଲେ । ଅତିରିକ୍ତ ଜିଲ୍ଲା ନ୍ୟାୟଧୀଶଙ୍କ ଦ୍ୱାରା କରାଯାଇଥିବା ତଦନ୍ତ ପରେ, ଯାହା ତଦନ୍ତ ଏବଂ ଅଭିଯୋଜନ ପାଇଁ ଏକ ପ୍ରଥମ ଦୃଷ୍ଟିଗତ ମାମଲା ପ୍ରକାଶ କରିଥିଲା, ଏହି ନ୍ୟାୟାଳୟ ସିବିଆଇକୁ ଏକ ଏଫ୍ଆଇଆର୍ ଦାଖଲ କରିବାକୁ ଏବଂ ଅତିରିକ୍ତ ଜିଲ୍ଲା ନ୍ୟାୟଧୀଶଙ୍କ ଲିଖିତ ବିବରଣୀରେ ନାମିତ ସମସ୍ତ ବ୍ୟକ୍ତିଙ୍କ ବିରୋଧରେ ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଭାରତ ସଂଘ/ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ମଧ୍ୟ ମଧ୍ୟବର୍ତ୍ତୀକାଳୀନ ପର୍ଯ୍ୟାୟରେ ମୃତ ବ୍ୟକ୍ତିଙ୍କ ବିଧବା ପତ୍ନୀଙ୍କୁ *ଅନୁଗ୍ରହ ରାଶି* ଆକାରରେ 2 ଲକ୍ଷ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏଭଳି ମାମଲାରେ ଗିରଫ ହୋଇଥିବା ବ୍ୟକ୍ତିଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଆଇନର ପ୍ରାସଙ୍ଗିକ ବ୍ୟବସ୍ଥାଗୁଡ଼ିକର ସଂଶୋଧନ ମଧ୍ୟ ଏକ ପ୍ରକୃତ ଆବଶ୍ୟକତା ।

ଆଉ ଏକ ଦିଗ ମଧ୍ୟ ରହିଛି, ଯାହା ଉପରେ ଆମ୍ଭେ ଧ୍ୟାନ ଦେବା ଆବଶ୍ୟକ । ବିଶେଷ କରି ଆଇନ ଶୃଙ୍ଖଳାର ପତନ ପରିସ୍ଥିତି, ସାମ୍ପ୍ରଦାୟିକ ଦଙ୍ଗା, ରାଜନୈତିକ ଅସ୍ଥିରତା, ଛାତ୍ର ଅଶାନ୍ତି, ଆତଙ୍କବାଦୀ କାର୍ଯ୍ୟକଳାପ ଏବଂ ଅନ୍ୟ କେତେଗୁଡ଼ିଏ ମଧ୍ୟରେ ଅଣ୍ଡରୱାର୍ଲ୍ଡ ଏବଂ ସଶସ୍ତ୍ର ଦଳ ଏବଂ ଅପରାଧୀଙ୍କ ବର୍ଦ୍ଧିତ ସଂଖ୍ୟାକୁ ଦୃଷ୍ଟିରେ ରଖି ଭାରତରେ ପୋଲିସକୁ ଏକ କଠିନ ଏବଂ ସୂକ୍ଷ୍ମ କାର୍ଯ୍ୟ କରିବାକୁ ପଡୁଥିବା ବିଷୟରେ ଆମ୍ଭେ ସଚେତନ ଅଟୁ । ଉଗ୍ରବାଦୀ, ଆତଙ୍କବାଦୀ, ନିଶାଦ୍ରବ୍ୟ କାରବାରକାରୀ, ଚୋରା ଚାଲାଣକାରୀ ଭଳି ଅନେକ କଠୋର ଅପରାଧୀ, ଯେଉଁମାନେ ଅପରାଧୀ ଗୋଷ୍ଠୀଗୁଡ଼ିକୁ ସଂଗଠିତ କରିଛନ୍ତି, ସେମାନେ ସମାଜରେ ନିଜର ଦୃଢ଼ ମୂଳଦୁଆ ପକାଇଛନ୍ତି । କିଛି ମହଲରେ ଏହା କୁହାଯାଇଛି ଯେ ଅଧିକରୁ ଅଧିକ ଉଦାରୀକରଣ ଏବଂ ମୌଳିକ ଅଧିକାରର ପ୍ରବର୍ତ୍ତନ ଦ୍ୱାରା ଏଭଳି ବର୍ଗର କଠୋର ଅପରାଧୀଙ୍କ ଦ୍ୱାରା କରାଯାଇଥିବା ଅପରାଧ ଚିହ୍ନଟ କରିବାରେ ଅସୁବିଧା ସୃଷ୍ଟି ହେବ । ସେହି ମହଲଗୁଡ଼ିକରେ ଏହା ଅନୁଭବ କରାଯାଏ ଯେ ଯଦି ଆମ୍ଭେ ସେମାନଙ୍କର ମୌଳିକ ଅଧିକାର ଏବଂ ମାନବିକ ଅଧିକାରର ସୁରକ୍ଷା ଉପରେ ଅତ୍ୟଧିକ ଗୁରୁତ୍ୱ ଦେଉ, ତେବେ ଏହିପରି ଅପରାଧୀମାନେ କୌଣସି ତଥ୍ୟ କିମ୍ବା ଅପରାଧପ୍ରବଣତାର ଲେଶମାତ୍ର ପ୍ରକାଶ ନ କରି ମୁକ୍ତ ହୋଇପାରନ୍ତି, ଫଳସ୍ୱରୂପ ଅପରାଧ ଦଣ୍ଡରହିତ ହେବ ଏବଂ ସର୍ବଶେଷ ବିଶ୍ଳେଷଣରେ ସମାଜ କ୍ଷତିଗ୍ରସ୍ତ ହେବ । ଚିନ୍ତା ପ୍ରକୃତ ଏବଂ ସମସ୍ୟା ବାସ୍ତବ ଅଟେ । ଏଭଳି ପରିସ୍ଥିତିର ମୁକାବିଲା କରିବା ପାଇଁ ନ୍ୟାୟର ଲକ୍ଷ୍ୟ ହାସଲ କରିବାକୁ ଏକ ସନ୍ତୁଳିତ ଆଭିମୁଖ୍ୟର ଆବଶ୍ୟକତା ରହିଛି । ସମାଜର ଆଶାକୁ ଦୃଷ୍ଟିରେ ରଖି ଏହା ଆହୁରି ଅଧିକ ଯେ ପୁଲିସ ଅପରାଧୀମାନଙ୍କୁ

କୌଶଳପୂର୍ବକ ଏବଂ ପ୍ରଭାବଶାଳୀ ଢଙ୍ଗରେ ମୁକାବିଲା କରିବା ଉଚିତ ଏବଂ ଅପରାଧରେ ସମ୍ପୃକ୍ତ ଥିବା ଲୋକଙ୍କୁ ବିଚାରକୁ ଆଣିବା ଉଚିତ୍ । ତେବେ, ରୋଗ ଅପେକ୍ଷା ଆରୋଗ୍ୟ ଅଧିକ ପୀଡ଼ାଦାୟୀ ହୋଇପାରିବ ନାହିଁ ।

*ମିରାଣ୍ଡା* ବନାମ *ଆରିଜୋନା,* 384 ୟୁଏସ 436 ମାମଲାରେ ଏପରି ଏକ ପ୍ରସଙ୍ଗରେ ଆମେରିକାର ସର୍ବୋଚ୍ଚ ନ୍ୟାୟାଳୟର ପ୍ରତିକ୍ରିୟା ଶିକ୍ଷଣୀୟ ଅଟେ । ନ୍ୟାୟାଳୟ  କହିଲେ:

> "ଏହି ମାମଲାଗୁଡ଼ିକରେ ପୁନଃ ପୁନଃ ତର୍କ କରାଯାଏ ଯେ ସମାଜରେ ପଚରା ଉଚୁରା କରିବାର ଆବଶ୍ୟକତା ବିଶେଷାଧିକାର ଠାରୁ ଅଧିକ । ଏହି ତର୍କ ଏହି ନ୍ୟାୟାଳୟ ପାଇଁ ଅପରିଚିତ ନୁହେଁ । *ଚେମ୍ବର୍ସ* ବନାମ *ଫ୍ଲୋରିଡା,* 309 ୟୁଏସ 227, 240=41, 84 ଏଲ. ଇଡି  716, 724, 60 ଏସ-ସିଟି 472 (1940) ଉଦାହରଣ ସ୍ୱରୂପ, ଦେଖନ୍ତୁ । ଆମ୍ଭର ଉପରୋକ୍ତ ଆଲୋଚନାର ସମ୍ପୂର୍ଣ୍ଣ ମୁଖ୍ୟ ବିଷୟବସ୍ତୁ ଦର୍ଶାଏ ଯେ *ସମ୍ବିଧାନ* ସରକାରଙ୍କ କ୍ଷମତା ସହ ମୁହାଁମୁହିଁ କରିବା ସମୟରେ  *ଏକ ବ୍ୟକ୍ତିବିଶେଷର ଅଧିକାରକୁ ନିର୍ଦ୍ଧାରିତ କରିଛି* ଯେତେବେଳେ ପଞ୍ଚମ ସଂଶୋଧନରେ ଏହା ବ୍ୟବସ୍ଥା କରିଥିଲା ଯେ ଜଣେ ବ୍ୟକ୍ତିଙ୍କୁ ନିଜ ବିରୁଦ୍ଧରେ ସାକ୍ଷୀ ହେବାକୁ ବାଧ କରାଯାଇପାରିବ ନାହିଁ । *ସେହି ଅଧିକାରକୁ ସଂକ୍ଷିପ୍ତ କରାଯାଇପାରିବ ନାହିଁ*।"

(ଆମ୍ଭର ଗୁରୁତ୍ୱ)

ଏହା କହିବା କିଛି ଲାଭ ହେବ ନାହିଁ ଯେ ଜଣେ ବ୍ୟକ୍ତିର ସ୍ୱାତନ୍ତ୍ର୍ୟ ରାଷ୍ଟ୍ରର ସୁରକ୍ଷା ପ୍ରତି ସମର୍ପିତ ହେବା ଆବଶ୍ୟକ । ବିଭିନ୍ନ ବିଧାନ ଅଧୀନରେ ନିର୍ଦ୍ଧାରିତ ବିଭିନ୍ନ ପରିସ୍ଥିତିରେ ରାଜ୍ୟର ସୁରକ୍ଷା ସ୍ୱାର୍ଥରେ ବ୍ୟକ୍ତିବିଶେଷଙ୍କ ପ୍ରତିରୋଧମୂଳକ ଅଟକ ଅଧିକାରକୁ ଅଦାଲତ ଦ୍ୱାରା ସମର୍ଥନ କରାଯାଇଛି । ରାଷ୍ଟ୍ରର ସ୍ୱାର୍ଥରେ ବନ୍ଦୀ, ଅପରାଧୀ କିମ୍ବା ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ପଚରାଉଚରା କରିବାର ଅଧିକାର, ଜଣେ ବ୍ୟକ୍ତିର ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟର ଅଧିକାର ଉପରେ ପ୍ରାଧାନ୍ୟ ଦେବା ଆବଶ୍ୟକ । ଲାଟିନ ସିଦ୍ଧାନ୍ତ *ସାଲସ ପୋପୁଲି ଏଷ୍ଟ ସୁପ୍ରିମା ଲେକ୍ସ* (ଲୋକଙ୍କ ସୁରକ୍ଷା ସର୍ବୋଚ୍ଚ ଆଇନ ଅଟେ) ଏବଂ *ସାଲସ ରିପବ୍ଲିକା ଏଷ୍ଟ ସୁପ୍ରିମା ଲେକ୍ସ* (ରାଷ୍ଟ୍ରର ସୁରକ୍ଷା ସର୍ବୋଚ୍ଚ ଆଇନ ଅଟେ) ସହ-ବିଦ୍ୟମାନ ଏବଂ କେବଳ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରାସଙ୍ଗିକ ନୁହେଁ, ବରଂ ଏହି ମତବାଦର କେନ୍ଦ୍ରରେ ରହିଛି ଯେ **ଜଣେ ବ୍ୟକ୍ତିର କଲ୍ୟାଣ ସମାଜର କଲ୍ୟାଣ ପ୍ରତି ସମର୍ପଣ ହେବା** ଆବଶ୍ୟକ । ତେବେ ସେ ଯାହା ହେଉ, ରାଜ୍ୟର କାର୍ଯ୍ୟାନୁଷ୍ଠାନ "ସଠିକ୍, ନ୍ୟାୟସଙ୍ଗତ ଏବଂ ନିରପେକ୍ଷ" ହେବା ଆବଶ୍ୟକ । କୌଣସି ପ୍ରକାରର ସୂଚନା ବାହାର କରିବା ପାଇଁ କୌଣସି ପ୍ରକାରର *ନିର୍ଯ୍ୟାତନା* ପ୍ରୟୋଗ କରିବା 'ସଠିକ୍, ନ୍ୟାୟସଙ୍ଗତ କିମ୍ବା ନିରପେକ୍ଷ' ହେବ ନାହିଁ ଏବଂ ତେଣୁ, ଅନୁଚ୍ଛେଦ 21 ପ୍ରତି ଆକ୍ରମଣାତ୍ମକ ହେଉଥିବାରୁ ସ୍ୱୀକାର୍ଯ୍ୟ ହେବ ନାହିଁ । ଏପରି ଅପରାଧଲିପ୍ତ-ସନ୍ଦିଗ୍ଧଙ୍କୁ ନିହାତି ପଚରାଉଚରା କରାଯିବା ଆବଶ୍ୟକ- ପ୍ରକୃତରେ ଏକ ସ୍ଥାୟୀ ଏବଂ କୌଶଳପୂର୍ଣ୍ଣ ଅନୁସନ୍ଧାନର ସାପେକ୍ଷରେ- ତେବେ ସେ ଯାହା ହେଉ, ଆଇନର ସ୍ଥିରୀକୃତ ବ୍ୟବସ୍ଥା ଅନୁସାରେ । ତେବେ ସେ ଯାହା ହେଉ, ସୂଚନା ବାହାର କରିବାକୁ , ବଳପୂର୍ବକ ଦୋଷ ସ୍ୱୀକାର କରେଇବାକୁ କିମ୍ବା ତାଙ୍କ ସହଯୋଗୀ, ଅସ୍ତ୍ରଶସ୍ତ୍ର ଇତ୍ୟାଦି ବିଷୟରେ କିଛି ଜାଣିବାକୁ ତାଙ୍କୁ *ନିର୍ଯାତନା* ଦିଆଯାଇପାରିବ ନାହିଁ *କିମ୍ବା ତୃତୀୟ ଡିଗ୍ରୀ ପଦ୍ଧତିର ପ୍ରୟୋଗ କରା ଯାଇପାରିବ ନାହିଁ କିମ୍ବା ହଟେଇ ଦିଆ ଯାଇପାରିବ ନାହିଁ* । ଆଇନ ଦ୍ୱାରା

ଅନୁମୋଦିତ ପଦ୍ଧତି ବ୍ୟତୀତ ତାଙ୍କର ସାମ୍ବିଧାନିକ ଅଧିକାରକୁ ସଂକ୍ଷିପ୍ତ କରାଯାଇପାରିବ ନାହିଁ, ଯଦିଓ ଜଣେ ସାଧାରଣ ଅପରାଧୀଙ୍କ ତୁଳନାରେ ଏହିପରି ବ୍ୟକ୍ତିଙ୍କ ପଚରାଉଚରା ପଦ୍ଧତିରେ କାର୍ଯ୍ୟାବଳୀର ପ୍ରକୃତିରେ ଗୁଣାତ୍ମକ ପାର୍ଥକ୍ୟ ରହିବ । ଆତଙ୍କବାଦର ଆହ୍ୱାନକୁ ଅଭିନବ ଚିନ୍ତାଧାରା ଏବଂ ଆଭିମୁଖ୍ୟ ସହିତ ମୁକାବିଲା କରାଯିବା ଆବଶ୍ୟକ । ଆତଙ୍କବାଦର ମୁକାବିଲାର ଜବାବ ରାଷ୍ଟ୍ରୀୟ ଆତଙ୍କବାଦ ନୁହେଁ । ରାଷ୍ଟ୍ରୀୟ ଆତଙ୍କବାଦ କେବଳ 'ଆତଙ୍କବାଦ' କୁ ବୈଧତା ପ୍ରଦାନ କରିବ । ଏହା ରାଜ୍ୟ, ସମ୍ପ୍ରଦାୟ ଏବଂ ସର୍ବୋପରି ଆଇନର ନିୟମ ପକ୍ଷେ ହାନିକର ହେବ । ତେଣୁ ରାଜ୍ୟ ନିଶ୍ଚିତ କରିବ ଯେ ଆତଙ୍କବାଦର ମୁକାବିଲା ପାଇଁ ଏହା ଦ୍ୱାରା ନିୟୋଜିତ ବିଭିନ୍ନ ସଂସ୍ଥା ଆଇନର ସୀମା ମଧ୍ୟରେ କାର୍ଯ୍ୟ କରିବେ ଏବଂ ନିଜେ ନିଜ ପାଇଁ ଆଇନ ସାଜିବେ ନାହିଁ । ଆତଙ୍କବାଦୀ ନିର୍ଦ୍ଦୋଷ ନାଗରିକଙ୍କ ମାନବିକ ଅଧିକାର ଲଙ୍ଘନ କରିଛି ବୋଲି ତାଙ୍କୁ ଦଣ୍ଡ ପାଇବାକୁ ଉତ୍ତରଦାୟୀ କରାଯାଇପାରେ କିନ୍ତୁ ଆଇନ ଦ୍ୱାରା ଅନୁମତିପ୍ରାପ୍ତ ଉପାୟ ଅବଲମ୍ବନ ବ୍ୟତୀତ ଏହା ତାଙ୍କ ମାନବିକ ଅଧିକାରର ଲଙ୍ଘନକୁ ଯଥାର୍ଥ ସାବ୍ୟସ୍ତ କରିପାରିବ ନାହିଁ । ତେଣୁ ଅନୁସନ୍ଧାନର କୌଶଳପୂର୍ଣ୍ଣ ପଦ୍ଧତି ବିକଶିତ କରିବା ଏବଂ ଆହ୍ୱାନକୁ ମୁକାବିଲା କରିବା ପାଇଁ ଅନୁସନ୍ଧାନକାରୀଙ୍କୁ ସଠିକ୍ ଭାବରେ ପଚରାଉଚରା କରିବା ପାଇଁ ତାଲିମ ଦେବା ଆବଶ୍ୟକ ।

ଆମ୍ଭେ ଯେଉଁ ବୈଧାନିକ ଓ ସାମ୍ବିଧାନିକ ଆବଶ୍ୟକତା ବିଷୟରେ ଉଲ୍ଲେଖ କରିଛୁ, ଏହା ବ୍ୟତୀତ ଆମ୍ଭର ମତ ଏହିକି ଯେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ଆଣିବା ପାଇଁ ଗିରଫ ଏବଂ ଅଟକର ସମସ୍ତ ମାମଲାଗୁଡ଼ିକର ସମସାମୟିକ ଅଭିଲେଖନ/ଧ୍ୱନିଲେଖନ ଏବଂ ବିଜ୍ଞପ୍ତି ପାଇଁ ଉପଯୁକ୍ତ ଆଇନଗତ ଉପାୟମାନର ଢାଞ୍ଚା ଗଠନ କରିବା ଉପଯୋଗୀ ଏବଂ ପ୍ରଭାବଶାଳୀ ହେବ । ଏହା ବାଞ୍ଛନୀୟ ଯେ ଜଣେ ବ୍ୟକ୍ତିଙ୍କୁ ଗିରଫ କରୁଥିବା ଅଧିକାରୀ ଗିରଫ ସମୟରେ ତାଙ୍କ ଗିରଫଦାରୀର ଏକ ସ୍ମାରକପତ୍ର ଅତି କମରେ ଜଣେ ସାକ୍ଷୀଙ୍କ ଉପସ୍ଥିତିରେ ଅତି କମରେ ଜଣେ ସାକ୍ଷୀଙ୍କ ଉପସ୍ଥିତିରେ ପ୍ରସ୍ତୁତ କରିବା ଉଚିତ, ଯିଏ ଗିରଫ ବ୍ୟକ୍ତିଙ୍କ ପରିବାରର ସଦସ୍ୟ କିମ୍ବା ଯେଉଁଠାରୁ ତାଙ୍କୁ ଗିରଫ କରାଯାଇଛି ସେହି ଅଞ୍ଚଳର ଜଣେ ମାନ୍ୟଗଣ୍ୟ ବ୍ୟକ୍ତି ହୋଇପାରନ୍ତି । ଗିରଫ ହେବାର ତାରିଖ ଏବଂ ସମୟ ସ୍ମାରକପତ୍ରରେ ଲିପିବଦ୍ଧ କରାଯିବ ଯାହା ମଧ୍ୟ ଗିରଫ ବ୍ୟକ୍ତିଙ୍କ ଦ୍ୱାରା ପ୍ରତି-ହସ୍ତାକ୍ଷର ହୋଇଥିବା ଆବଶ୍ୟକ ।

ତେଣୁ, ପ୍ରତିଷେଧକ ପଦକ୍ଷେପ ସ୍ୱରୂପ ଗିରଫ କିମ୍ବା ଅଟକ ରଖିବା ସମ୍ବନ୍ଧୀୟ ସମସ୍ତ ମାମଲାଗୁଡ଼ିକରେ ଆଇନଗତ ବ୍ୟବସ୍ଥା ନ ହେବା ପର୍ଯ୍ୟନ୍ତ ନିମ୍ନଲିଖିତ ସର୍ତ୍ତାବଳୀ ଜାରି କରିବା ଉଚିତ ବୋଲି ଆମ୍ଭେ ବିବେଚନା କରୁଛୁ:

(1) ଗିରଫକାରୀଙ୍କୁ ଗିରଫ କରିଥିବା ଏବଂ ପଚରାଉଚରା ପରିଚାଳନା କରୁଥିବା ପୁଲିସ କର୍ମଚାରୀମାନେ ସେମାନଙ୍କର ପଦବୀ ସହିତ ସଠିକ୍, ଦୃଶ୍ୟମାନ ଏବଂ ସ୍ୱଷ୍ଟ ପରିଚୟ ଏବଂ ନାମ ଚିହ୍ନପତ୍ର ବହନ କରିବା ଉଚିତ୍ । ଗିରଫ ବ୍ୟକ୍ତିଙ୍କ ପଚରାଉଚରା ପରିଚାଳନା କରୁଥିବା ଏହିପରି ସମସ୍ତ ପୁଲିସ କର୍ମଚାରୀମାନଙ୍କ ବିବରଣୀ ଏକ ବିବରଣ ଖାତାରେ ଲିପିବଦ୍ଧ କରାଯିବା ଆବଶ୍ୟକ ।

(2) ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ଗିରଫ କରୁଥିବା ପୁଲିସ ଅଧିକାରୀ ଗିରଫ ସମୟରେ ଏକ ଗିରଫ ସ୍ମାରକ ପତ୍ର ପ୍ରସ୍ତୁତ କରିବେ ଏବଂ ଏପରି ସ୍ମାରକ ପତ୍ର ଅତିକମରେ ଜଣେ ସାକ୍ଷୀଙ୍କ ଦ୍ୱାରା ପ୍ରତିସ୍ୱାକ୍ଷରିତ ହେବ, ଯିଏ ଗିରଫ ହୋଇଥିବା ବ୍ୟକ୍ତିଙ୍କ ପରିବାରର ସଦସ୍ୟ ହୋଇପାରନ୍ତି କିମ୍ବା ଯେଉଁଠାରୁ ଗିରଫ କରାଯାଇଛି ସେହି ଅଞ୍ଚଳର ଜଣେ ମାନ୍ୟଗଣ୍ୟ ବ୍ୟକ୍ତି ହୋଇପାରନ୍ତି । ଏହା ମଧ୍ୟ ଗିରଫ ବ୍ୟକ୍ତିଙ୍କ ଦ୍ୱାରା ପ୍ରତି-ହସ୍ତାକ୍ଷର ହେବ ଏବଂ ଏଥିରେ ଗିରଫ ହେବାର ସମୟ ଏବଂ ତାରିଖ ରହିବ ।

(3) ଜଣେ ବ୍ୟକ୍ତି ଯିଏ ଗିରଫ ହୋଇଛନ୍ତି କିମ୍ବା ଅଟକ ହୋଇଛନ୍ତି ଏବଂ ଏକ ପୁଲିସ ଥାନା କିମ୍ବା ପଚରାଉଚରା କେନ୍ଦ୍ର କିମ୍ବା ଅନ୍ୟ ବନ୍ଦୀଗୃହର ହେପାଜତରେ ସେ ଅଛନ୍ତି, ତାଙ୍କୁ ଗିରଫ କରାଯାଇଛି ଏବଂ ତାଙ୍କୁ ସେହି ନିର୍ଦ୍ଦିଷ୍ଟ ସ୍ଥାନରେ ଅଟକ ରଖାଯାଇଛି ବୋଲି ସେ ତାଙ୍କର ଜଣେ ବନ୍ଧୁ କିମ୍ବା ସମ୍ପର୍କୀୟ କିମ୍ବା ତାଙ୍କର ପରିଚିତ କିମ୍ବା ଅନ୍ୟ ଜଣେ ଶୁଭାକାଂକ୍ଷୀ ବ୍ୟକ୍ତିଙ୍କୁ ଯଥାଶୀଘ୍ର ଜଣାଇବାର ଅଧିକାର ପାଇବେ, ଯଦି ଗିରଫଦାରୀର ସ୍ମାରକପତ୍ରର ଅନୁପ୍ରମାଣକାରୀ ସାକ୍ଷୀ ସ୍ୱୟଂ ଗିରଫ ହୋଇଥିବା ବ୍ୟକ୍ତିଙ୍କ ବନ୍ଧୁ କିମ୍ବା ସମ୍ପର୍କୀୟ ହୋଇନଥାନ୍ତି ।

(4) ଯେଉଁ କ୍ଷେତ୍ରରେ ଗିରଫ ବ୍ୟକ୍ତିଙ୍କ ନିକଟତମ ବନ୍ଧୁ କିମ୍ବା ସମ୍ପର୍କୀୟ ଜିଲ୍ଲା କିମ୍ବା ସହର ବାହାରେ ରୁହନ୍ତି, ଜିଲ୍ଲାର ଆଇନ ସହାୟତା ସଂଗଠନ ଏବଂ ସମ୍ପୃକ୍ତ ଅଞ୍ଚଳର ପୁଲିସ ଥାନା ମାଧ୍ୟମରେ ଗିରଫ ହେବାର 8 ରୁ 12 ଘଣ୍ଟା ମଧ୍ୟରେ ତାରବାର୍ତ୍ତା ପ୍ରେରଣ ମାଧ୍ୟମରେ ସେମାନଙ୍କୁ ଗିରଫ ବ୍ୟକ୍ତିଙ୍କ ଗିରଫ ହେବାର ସମୟ, ସ୍ଥାନ ଏବଂ ହାଜତ ସ୍ଥାନ ବିଷୟରେ ପୁଲିସ ଦ୍ୱାରା ସୂଚିତ କରାଯିବା ଆବଶ୍ୟକ ।

(5) ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ଏହି ଅଧିକାର ବିଷୟରେ ଅବଗତ କରାଯିବା ଆବଶ୍ୟକ ଯେ ତାଙ୍କୁ ଗିରଫ କରାଯିବା କିମ୍ବା ଅଟକ ରଖାଯିବା ମାତ୍ରେ ଯାହାକୁ ତାଙ୍କ ଗିରଫ କିମ୍ବା ଅଟକ ବିଷୟରେ ସୂଚନା ଦିଆଯିବ ।

(6) ଅଟକ ସ୍ଥାନରେ ଥିବା ଡାଏରୀରେ ଅଟକ ବ୍ୟକ୍ତିଙ୍କ ଗିରଫ ବିଷୟରେ ଏକ ଦରଜ କରାଯିବା ଆବଶ୍ୟକ ଯାହା ଗିରଫ ବ୍ୟକ୍ତିଙ୍କ ଯେଉଁ ନିକଟତମ ବନ୍ଧୁଙ୍କୁ ଗିରଫ ବିଷୟରେ ସୂଚନା ଦିଆଯାଇଥିବ ତାଙ୍କ ନାମ ଏବଂ ଗିରଫ ବ୍ୟକ୍ତି ଯେଉଁ ପୁଲିସ ଅଧିକାରୀଙ୍କ ହେପାଜତରେ ଥିବେ ତାଙ୍କ ନାମ ଏବଂ ସବିଶେଷ ବିବରଣୀ ମଧ୍ୟ ପ୍ରକାଶ କରିବ ।

(7) ଗିରଫ ହୋଇଥିବା ବ୍ୟକ୍ତି, ଯେଉଁଠାରେ ସେ ଏ'ପରି ଅନୁରୋଧ କରନ୍ତି, ଗିରଫ ସମୟରେ ମଧ୍ୟ ତାଙ୍କର ପରୀକ୍ଷା କରାଯିବା ଉଚିତ ଏବଂ ତାଙ୍କ ଶରୀରରେ ଯଦି କୌଣସି ବଡ଼ ଏବଂ ଛୋଟ ଆଘାତ ଥାଏ, ତେବେ ସେହି ସମୟରେ ସେଗୁଡ଼ିକୁ ଲିପିବଦ୍ଧ କରାଯିବା ଆବଶ୍ୟକ । "ତଦାରଖ ଜ୍ଞାପକପତ୍ର" ଉଭୟ ଗିରଫ ବ୍ୟକ୍ତି ଏବଂ ଗିରଫ କରିଥିବା ପୁଲିସ ଅଧିକାରୀଙ୍କ ଦ୍ୱାରା ସ୍ୱାକ୍ଷରିତ ହେବା ଆବଶ୍ୟକ ଏବଂ ଏହାର ନକଲ ଗିରଫ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଥାଏ ।

(8) ସମ୍ପୃକ୍ତ ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳର ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକଙ୍କ ଦ୍ୱାରା ନିଯୁକ୍ତ ଏକ ଅନୁମୋଦିତ ଡାକ୍ତରମାନଙ୍କ ବିଶାରଦ ଦଳର ଜଣେ ଡାକ୍ତରଙ୍କ ଦ୍ୱାରା ପ୍ରତି 48 ଘଣ୍ଟାରେ ଜଣେ ତାଲିମପ୍ରାପ୍ତ ଡାକ୍ତରଙ୍କ ଜରିଆରେ ଗିରଫ ବ୍ୟକ୍ତିଙ୍କ ଡାକ୍ତରୀ ପରୀକ୍ଷା କରାଯିବା ଉଚିତ୍ । ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ସମସ୍ତ ତହସିଲ ଏବଂ ଜିଲ୍ଲା ପାଇଁ ମଧ୍ୟ ଏଭଳି ତାଲିକା ବ୍ୟବସ୍ଥା ପ୍ରସ୍ତୁତ କରିବା ଉଚିତ ।

(9) ଉପରେ ଉଲ୍ଲେଖ କରାଯାଇଥିବା ଗିରଫ ସ୍ମାରକପତ୍ର ସମେତ ସମସ୍ତ ଦଲିଲର ନକଲ ଇଲାକା ମାଜିଷ୍ଟ୍ରେଟଙ୍କ ନଥି ପାଇଁ ପଠାଯିବା ଉଚିତ ।

(10) ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ପଚରାଉଚରା ସମୟରେ ତାଙ୍କ ଓକିଲଙ୍କୁ ଭେଟିବାକୁ ଅନୁମତି ଦିଆଯାଇପାରେ, ଯଦିଓ ପୁରା ପଚରାଉଚରା ସମୟରେ ନୁହେଁ ।

(11) ସମସ୍ତ ଜିଲ୍ଲା ଏବଂ ରାଜ୍ୟ ମୁଖ୍ୟାଳୟ ଦ୍ୱାରା ଏକ ପୁଲିସ ନିୟନ୍ତ୍ରଣ କକ୍ଷ ପ୍ରଦାନ କରାଯିବା ଉଚିତ, ଯେଉଁଠାରେ ଗିରଫ ହୋଇଥିବା ବ୍ୟକ୍ତିଙ୍କ ଗିରଫ ଏବଂ ହାଜତ ସ୍ଥାନ ସମ୍ବନ୍ଧୀୟ ସୂଚନା ଗିରଫ ହେବାର 12 ଘଣ୍ଟା ମଧ୍ୟରେ ଅଧିକାରୀଙ୍କ ଦ୍ୱାରା ସୂଚିତ କରାଯିବ ଏବଂ ପୁଲିସ ନିୟନ୍ତ୍ରଣ କକ୍ଷରେ ଏହା ଏକ ସ୍ପଷ୍ଟ ଭାବେ ଦୃଶ୍ୟମାନ ବିଜ୍ଞପ୍ତି ଫଳକରେ ପ୍ରଦର୍ଶିତ ହେବା ଉଚିତ ।

ଏଠାରେ ଉପରୋକ୍ତ ଆବଶ୍ୟକତାଗୁଡ଼ିକର ଅନୁପାଳନ କରିବାରେ ବିଫଳତା ସମ୍ପୃକ୍ତ ଅଧିକାରୀଙ୍କୁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଆଇନ ଅନୁଯାୟୀ ଉତ୍ତର ରଖିବାକୁ ବାଧ୍ୟ କରିବା ସହ ଆହୁରି ମଧ୍ୟ, ତାଙ୍କୁ ନ୍ୟାୟାଳୟର ଅବମାନନା ପାଇଁ ଦଣ୍ଡିତ କରାଯିବ ଏବଂ ଏହି ପ୍ରସଙ୍ଗରେ ଆଞ୍ଚଳିକ ଅଧିକାର ଥିବା ଦେଶର ଯେକୌଣସି ଉଚ୍ଚ ନ୍ୟାୟାଳୟରେ ନ୍ୟାୟାଳୟର ଅବମାନନା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ।

ଉପରୋକ୍ତ ଆବଶ୍ୟକତାଗୁଡ଼ିକ ସମ୍ବିଧାନର ଧାରା 21 ଏବଂ 22(1) ରୁ ଆସିଛି ଏବଂ ଏହାକୁ କଡ଼ାକଡ଼ି ଭାବେ ପାଳନ କରିବାର ଆବଶ୍ୟକତା ରହିଛି । ଏଗୁଡ଼ିକ ଅନ୍ୟ ସରକାରୀ ସଂସ୍ଥାଗୁଡ଼ିକ ପାଇଁ ମଧ୍ୟ ସମାନ ଭାବେ ଲାଗୁ ହେବ, ଯେଉଁଗୁଡ଼ିକ ବିଷୟରେ ପୂର୍ବରୁ ଉଲ୍ଲେଖ କରାଯାଇଛି ।

ସାମ୍ବିଧାନିକ ଏବଂ ବୈଧାନିକ ରକ୍ଷା କବଚ ବ୍ୟବସ୍ଥା ସହିତ ଅଧିକନ୍ତୁ ଏହି ଆବଶ୍ୟକତାଗୁଡ଼ିକ ଅଛି ଏବଂ ଗିରଫ ବ୍ୟକ୍ତିଙ୍କ ଅଧିକାର ଏବଂ ମର୍ଯ୍ୟାଦାର ରକ୍ଷା କବଚ ସମ୍ବନ୍ଧରେ ସମୟ ସମୟରେ ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ଅନ୍ୟାନ୍ୟ ନିର୍ଦ୍ଦେଶଗୁଡ଼ିକୁ ନ୍ୟୁନ କରେ ନାହିଁ ।

ଉପରୋକ୍ତ *ଆବଶ୍ୟକତାଗୁଡ଼ିକ* ପ୍ରତ୍ୟେକ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ପୁଲିସ ମହାନିର୍ଦ୍ଦେଶକ ଏବଂ ଗୃହ ସଚିବଙ୍କୁ ନିକଟକୁ ପଠାଯିବ ଏବଂ ସେମାନଙ୍କ ଅଧୀନସ୍ଥ ପ୍ରତ୍ୟେକ ଥାନାକୁ ଏହାକୁ ପ୍ରସାରିତ କରିବା ଏବଂ ପ୍ରତ୍ୟେକ ଥାନାକୁ ଏକ ସ୍ପଷ୍ଟ ସ୍ଥାନରେ ସୂଚିତ କରିବା ସେମାନଙ୍କର ଆଇନଗତ ବାଧ୍ୟତା ହେବ । ଏହି ଆବଶ୍ୟକତାଗୁଡ଼ିକର ଦୂରଦର୍ଶନର ଜାତୀୟ ନେଟୱାର୍କରେ ପ୍ରଦର୍ଶିତ କରାଯିବା ଏବଂ ସାଧାରଣ ଜନତାଙ୍କ ସୂଚନା ପାଇଁ ଏହି ଆବଶ୍ୟକତାଗୁଡ଼ିକୁ ସନ୍ନିବିଷ୍ଟ କରି ସ୍ଥାନୀୟ ଭାଷାରେ ପ୍ରଚାରପତ୍ରର ପ୍ରକାଶନ ଓ ବଣ୍ଟନ କରାଯିବା ବ୍ୟତୀତ *ଆବଶ୍ୟକତାଗୁଡ଼ିକର* ଆକାଶବାଣୀରେ ପ୍ରସାରଣ ମଧ୍ୟ ଉପଯୋଗୀ ହେବ ଏବଂ ବ୍ୟାପକ ସ୍ୱାର୍ଥ **ସାଧନ** କରିବ । ଗିରଫ ବ୍ୟକ୍ତିଙ୍କ ଅଧିକାର ବିଷୟରେ ସଚେତନତାର ସୃଷ୍ଟି କରିବା ଆମ୍ଭ ମତରେ ହାଜତ ଅପରାଧର ଧୃଷ୍ଟତାକୁ ମୁକାବିଲା କରିବାରେ ଏବଂ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ଆଣିବା ପାଇଁ ସଠିକ୍ ଦିଗରେ ଏକ ପଦକ୍ଷେପ ହେବ । ଏହା ଆଶା କରାଯାଏ ଯେ ଏହି ଆବଶ୍ୟକତାଗୁଡ଼ିକ, ଯଦି ସମ୍ପୂର୍ଣ୍ଣ ଭାବେ ସମାପ୍ତ ନ ହୁଏ, ତେବେ ପଚରାଉଚରା ଏବଂ ତଦନ୍ତ ସମୟରେ ସନ୍ଦେହଜନକ ପଦ୍ଧତିର ବ୍ୟବହାରକୁ ରୋକିବାରେ ସାହାଯ୍ୟ କରିବ, ଯାହା ହାଜତରେ ଅପରାଧ ଘଟାଇବାକୁ ବାଟ କଢ଼ାଇବ ।

*ଶାସ୍ତିମୂଳକ ଉପାୟମାନ*

*ୟୁବି ଜୁସ୍ ଇବି ରିମେଡିଅମ-* ବିନା ପ୍ରତିକାରରେ କୌଣସି ଭୁଲ୍ ନଥାଏ । ଆଇନ ଚାହେଁ ଯେ ପ୍ରତ୍ୟେକ କ୍ଷେତ୍ରରେ ଯେଉଁଠାରେ ଜଣେ ବ୍ୟକ୍ତି ଅନ୍ୟାୟର ଶିକାର ଏବଂ କ୍ଷତିଗ୍ରସ୍ତ ହୁଅନ୍ତି, ତାଙ୍କ ନିମନ୍ତେ ଏକ ପ୍ରତିକାର ରହିବା ଆବଶ୍ୟକ । କୌଣସି କାର୍ଯ୍ୟାନୁଷ୍ଠାନର ଅବୈଧତାର କେବଳ ଘୋଷଣା କିମ୍ବା ହାଜତରେ ହିଂସା କିମ୍ବା ବନ୍ଦୀଗୃହରେ ମୃତ୍ୟୁର ସନ୍ଧାନ, ଜଣେ ବ୍ୟକ୍ତିଙ୍କୁ କୌଣସି ଅର୍ଥପୂର୍ଣ୍ଣ ପ୍ରତିକାର ପ୍ରଦାନ କରେ ନାହିଁ ଯାହାର ଜୀବନର ମୌଳିକ ଅଧିକାର ଉପେକ୍ଷା ହୋଇଛି । ଆହୁରି ଅନେକ କିଛି କରିବାର ଆବଶ୍ୟକତା ରହିଛି ।

ଭାରତୀୟ ଦଣ୍ଡ ସଂହିତାରେ କେତେକ ଶାସ୍ତିମୂଳକ ବ୍ୟବସ୍ଥା ରହିଛି, ଯାହା ଜୀବନର ଅଧିକାରର ଲଙ୍ଘନକୁ ଦଣ୍ଡ ଦେବା ପାଇଁ ଉଦ୍ଦିଷ୍ଟ । ଧାରା 220 ଜଣେ ଅଧିକାରୀ କିମ୍ବା କର୍ତ୍ତୃପକ୍ଷଙ୍କୁ ଦଣ୍ଡ ପ୍ରଦାନ କରିଥାଏ ଯିଏ ଏକ ଭ୍ରଷ୍ଟ କିମ୍ବା ବିଦ୍ୱେଷପୂର୍ଣ୍ଣ ଉଦ୍ଦେଶ୍ୟରେ ଜଣେ ବ୍ୟକ୍ତିଙ୍କୁ ଅଟକ ରଖିଥା'ନ୍ତି କିମ୍ବା କାରାଗାରରେ ରଖିଥା'ନ୍ତି । ଯେଉଁ ବ୍ୟକ୍ତିମାନେ କ୍ଷତ କିମ୍ବା ଗୁରୁତର ଆଘାତ ଦିଅନ୍ତି କିମ୍ବା ଅପରାଧ କରିଥିବା ସମ୍ପର୍କରେ ଦୋଷ ସ୍ୱୀକାର କରାନ୍ତି କିମ୍ବା ସୂଚନାମାନ ବଳପୂର୍ବକ ଆଦାୟ କରନ୍ତି ସେମାନଙ୍କୁ ଦଣ୍ଡ ଦେବା ପାଇଁ ଧାରା 330 ଏବଂ 331 ରେ ବ୍ୟବସ୍ଥାମାନ ରହିଛି । ଧାରା 330 ର ଦୃଷ୍ଟାନ୍ତ (a) ଏବଂ (b) ଜଣେ ପୁଲିସ ଅଧିକାରୀଙ୍କୁ ଦୋଷୀ ସାବ୍ୟସ୍ତ କରେ ଯିଏ ଜଣେ ବ୍ୟକ୍ତିଙ୍କୁ ଏକ ଅପରାଧ ଘଟାଇଥିବାର ସ୍ୱୀକାରୋକ୍ତି ପାଇଁ ପ୍ରବର୍ତ୍ତାଇବା କିମ୍ବା ଚୋରି ହୋଇଥିବା ସମ୍ପତ୍ତିକୁ ଜମା କରିଥିବା ସ୍ଥାନଗୁଡିକ ଦେଖାଇବାକୁ ପ୍ରବର୍ତ୍ତାଇବା ପାଇଁ ନିର୍ଯାତନା ଦେଇଥିବେ । ତେଣୁ ଭାରତୀୟ ଦଣ୍ଡ ସଂହିତାର ଧାରା 330, ସିଧାସଳଖ ପଚରାଉଚରା ଏବଂ ତଦନ୍ତ ସମୟରେ ଦିଆଯାଉଥିବା ନିର୍ଯ୍ୟାତନାକୁ ଦଣ୍ଡନୀୟ କରେ । ତେବେ, ଏହି ବୈଧାନିକ ବ୍ୟବସ୍ଥା ନାଗରିକମାନଙ୍କ ପ୍ରତି କରାଯାଇଥିବା ଭୁଲର କ୍ଷତିପୂରଣ ପାଇଁ ପର୍ଯ୍ୟାପ୍ତ ନୁହେଁ । ପ୍ରତ୍ୟେକ ଅପରାଧ କ୍ଷେତ୍ରରେ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ରାଜ୍ୟର ଏକ ଆଇନଗତ ବାଧ୍ୟତା, କିନ୍ତୁ ଅପରାଧର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ଆର୍ଥିକ କ୍ଷତିପୂରଣ ମଧ୍ୟ ଦିଆଯିବା ଆବଶ୍ୟକ । ନ୍ୟାୟାଳୟ, ଯେଉଁଠାରେ ମୌଳିକ ଅଧିକାରର ଉଲ୍ଲଙ୍ଘନ ସ୍ଥାପିତ ହୋଇଛି, ତେଣୁକରି, ମାତ୍ର ଗୋଟିଏ ଘୋଷଣା ପ୍ରଦାନପୂର୍ବକ ଅଟକି ଯାଇପାରିବ ନାହିଁ । ଏହା ଆଗକୁ ଆହୁରି ବଢ଼ିବା ଉଚିତ ଏବଂ ଦେୱାନୀ କାର୍ଯ୍ୟାନୁଷ୍ଠାନ ଭଳି କ୍ଷୟକ୍ଷତି ମାଧ୍ୟମରେ ନୁହେଁ, ବରଂ ନାଗରିକଙ୍କ ଜୀବନର ମୌଳିକ ଅଧିକରଗୁଡ଼ିକୁ ସୁରକ୍ଷା ନ ଦେଇ ରାଜ୍ୟ ଦ୍ୱାରା ସାର୍ବଜନୀନ କର୍ତ୍ତବ୍ୟର ଭଙ୍ଗ କାରଣରୁ ହୋଇଥିବା ଅନ୍ୟାୟ ପାଇଁ ସର୍ବ ସାଧାରଣ ଆଇନ ଅଧୀନରେ କ୍ଷତିପୂରଣ ପ୍ରଦାନ କରିବା ଉଚିତ । କରାଯାଇଥିବା ଅନ୍ୟାୟ ପାଇଁ କ୍ଷତିପୂରଣ ପ୍ରଦାନ ଏବଂ ଆଇନଗତ କ୍ଷତି ପାଇଁ ନ୍ୟାୟିକ ପ୍ରତିକାର ଦେବା ନ୍ୟାୟିକ ବିବେକର ଏକ ବାଧ୍ୟତା ଅଟେ ।

ନାଗରିକ ଏବଂ ରାଜନୈତିକ ଅଧିକାର ଉପରେ ଆନ୍ତର୍ଜାତୀୟ ଚୁକ୍ତିନାମା, 1966 (ଆଇସିସିପିଆର) ର ଅନୁଚ୍ଛେଦ 9(5) ପ୍ରଦାନ କରେ ଯେ "ବେଆଇନ ଗିରଫଦାରୀ କିମ୍ବା ଅଟକାଦେଶର ଶିକାର ହୋଇଥିବା ଯେକୌଣସି ବ୍ୟକ୍ତି କ୍ଷତିପୂରଣ ପାଇବାର ପ୍ରବର୍ତ୍ତନୀୟ ଅଧିକାର ପାଇବେ ।" ଅବଶ୍ୟ, 1979 ମସିହାରେ ଭାରତ ସରକାର ଏହାର ଅନୁମୋଦନ ସମୟରେ (ଆଇସିସିପିଆର ର) ଏହି ପ୍ରଭାବର ଏକ ନିର୍ଦ୍ଦିଷ୍ଟ ସର୍ତ୍ତ କରିଥିଲେ ଯେ ଭାରତୀୟ ଆଇନ ବ୍ୟବସ୍ଥା ବେଆଇନ ଗିରଫ କିମ୍ବା ଅଟକ ପୀଡ଼ିତଙ୍କ ପାଇଁ କ୍ଷତିପୂରଣର ଅଧିକାରକୁ

ଅନୁମୋଦନ ଦିଏ ନାହିଁ ଏବଂ ଏହିପରି ଉକ୍ତ ଚୁକ୍ତିର ଏକ ପକ୍ଷ ହୋଇନଥିଲା । ତେବେ ଜଣେ ନାଗରିକଙ୍କ ଜୀବନର ମୌଳିକ ଅଧିକାରର ଉଲ୍ଲଙ୍ଘନ ପାଇଁ କ୍ଷତିପୂରଣ ପ୍ରଦାନ କରୁଥିବା ଅନେକ ମାମଲାରେ ଏହି ନ୍ୟାୟାଳୟ ଦ୍ୱାରା ନିର୍ଦ୍ଧାରିତ ଆଇନକୁ ଦୃଷ୍ଟିରେ ରଖି ସେହି ସର୍ତ୍ତ ବର୍ତ୍ତମାନ ଏହାର ପ୍ରାସଙ୍ଗିକତା ହରାଇଛି । {ସୁବିଧା ସହିତ ଦେଖନ୍ତୁ *ରୁଦଲ୍ ଶାହା* ବନାମ *ବିହାର ରାଜ୍ୟ,* [1983] 4 ଏସସିସି, 141; *ସେବାସ୍ତିଆନ୍ ଏମ୍. ହୋଙ୍ଗ୍ରେ* ବନାମ *ଭାରତ ସଂଘ,* [1984] 3 ଏସସିସି 339 ଏବଂ [1984] 3 ଏସସିସି 82; *ଭୀମ ସିଂ* ବନାମ *ଜାମ୍ମୁ-କାଶ୍ମୀର ରାଜ୍ୟ,* [1984] (ସପ୍ଲି.) ଏସସିସି 504 ଏବଂ [1985] 4 ଏସସିସି 677 ଏବଂ *ସାହେଲି* ବନାମ *ପୁଲିସ ଆୟୁକ୍ତ ଦିଲ୍ଲୀ,* [1990] 1 ଏସସିସି, 422 । ଜୀବନର ମୌଳିକ ଅଧିକାରର ଲଙ୍ଘନ ପାଇଁ କ୍ଷତିପୂରଣ ପ୍ରଦାନ କରିବା ପାଇଁ ବାସ୍ତବରେ ଭାରତର ସମ୍ବିଧାନରେ କୌଣସି ସ୍ପଷ୍ଟ ବ୍ୟବସ୍ଥା ନାହିଁ, ତଥାପି, ବ୍ୟକ୍ତିଗତ ସ୍ୱାଧୀନତା କିମ୍ବା ପ୍ରତିଷ୍ଠିତ ଅସାମ୍ବିଧାନିକ ଭାବେ ଜୀବନ ଅଧିକାରରୁ ବଞ୍ଚିତ ମାମଲାରେ ଏହି ନ୍ୟାୟାଳୟ ନ୍ୟାୟିକ ଭାବରେ କ୍ଷତିପୂରଣର ଅଧିକାର ବିକଶିତ କରିଛନ୍ତି । [ଦେଖନ୍ତୁ: *ନୀଳାବତୀ ବେହେରା* ବନାମ *ରାଜ୍ୟ,* (ପୂର୍ବୋକ୍ତ)]

ପ୍ରାୟ ଦୁଇ ଦଶନ୍ଧି ପୂର୍ବରୁ ଏହାର ସରକାରୀ କର୍ମଚାରୀମାନଙ୍କ ଆଇନ ବିରୁଦ୍ଧ କାର୍ଯ୍ୟ ପାଇଁ ସରକାରଙ୍କ ଦାୟିତ୍ୱ ସାଧାରଣତଃ ସୀମିତ ଥିଲା ଏବଂ ପ୍ରପୀଡିତ ବ୍ୟକ୍ତି ଆଇନ ବିରୁଦ୍ଧ କାର୍ଯ୍ୟ ସ୍ଥଳେ ତାଙ୍କ ଅଧିକାରକୁ ଏକ ଦେୱାନୀ ମକଦ୍ଦମା ଦାୟର କରି କାର୍ଯ୍ୟକାରୀ କରିପାରୁଥିଲେ ଏବଂ ସେଠାରେ ପୁଣି ସାର୍ବଭୌମ ପ୍ରତିରୋଧକ ଶକ୍ତିର ପ୍ରତିରକ୍ଷା ବ୍ୟବସ୍ଥାକୁ ଅନୁମତି ଦିଆଯାଉଥିଲା । ବଞ୍ଚିବାର ମୌଳିକ ଅଧିକାର କିମ୍ବା ସର୍ବନିମ୍ନ ମୌଳିକ ମାନବିକ ଅଧିକାରଗୁଡ଼ିକର ଲଙ୍ଘନ ପାଇଁ, ଏହି ନ୍ୟାୟାଳୟ ଏହି ମତ ଗ୍ରହଣ କରିଛନ୍ତି ଯେ ସରକାରୀ କର୍ମଚାରୀମାନଙ୍କ ଆଇନ ବିରୁଦ୍ଧ କାର୍ଯ୍ୟ ତଥା ଭାରତର ସମ୍ବିଧାନର ଅନୁଚ୍ଛେଦ 21 ଦ୍ୱାରା ସୁନିଶ୍ଚିତ ଅଧିକାରଗୁଡ଼ିକର ପ୍ରତିଷ୍ଠିତ ଲଙ୍ଘନ ପାଇଁ ସାର୍ବଭୌମ ପ୍ରତିରୋଧକ ଶକ୍ତିର ପ୍ରତିରକ୍ଷା ରାଜ୍ୟ ପାଇଁ ଉପଲବ୍ଧ ନୁହେଁ । *ନୀଳାବତୀ ବେହେରା* ବନାମ *ରାଜ୍ୟ,* (ପୂର୍ବୋକ୍ତ) ମାମଲାରେ *କସ୍ତୁରୀ ଲାଲ ରଲିଆ ରାମ ଜୈନ* ବନାମ *ୟୁ.ପି. ରାଜ୍ୟ,* [1965] 1 ଏସସିଆର, 375 ମାମଲାରେ ଏହି ନ୍ୟାୟାଳୟର ନିର୍ଣ୍ଣୟକୁ ଏହିପରି ବ୍ୟାଖ୍ୟା କରାଯାଇଥିଲା, ଯେଉଁଥିରେ ରାଜ୍ୟର କର୍ମଚାରୀମାନଙ୍କ ଦ୍ୱାରା କରାଯାଇଥିବା ଆଇନ ବିରୁଦ୍ଧ କାର୍ଯ୍ୟ ପାଇଁ ରାଜ୍ୟର ପରୋକ୍ଷ ଦାୟିତ୍ୱ ମାମଲାରେ ସାର୍ବଭୌମ ପ୍ରତିରକ୍ଷା ଆଳକୁ ସମର୍ଥନ କରାଯାଇଥିଲା:

> "ଏହି ପରିପ୍ରେକ୍ଷୀରେ, ଏହା କହିବା ଯଥେଷ୍ଟ ଯେ *କସ୍ତୁରିଲାଲ* ମାମଲାରେ ସ୍ୱ କର୍ମଚାରୀମାନଙ୍କ ଆଇନ ବିରୁଦ୍ଧ କାର୍ଯ୍ୟ ପାଇଁ ରାଜ୍ୟର ସାର୍ବଭୌମ ପ୍ରତିରକ୍ଷା ଆଳକୁ ସମର୍ଥନ କରି ଏହି ନ୍ୟାୟାଳୟର ନିର୍ଣ୍ଣୟ, ଆଇନ ବିରୁଦ୍ଧ କାର୍ଯ୍ୟର ଉତ୍ତରଦାୟିତ୍ୱ କ୍ଷେତ୍ର ମଧ୍ୟରେ ସୀମିତ ରହିଛି, ଯାହା ମୌଳିକ ଅଧିକାରର ଉଲ୍ଲଂଘନ ପାଇଁ ରାଜ୍ୟର ଉତ୍ତରଦାୟିତ୍ୱଠାରୁ ଭିନ୍ନ, ଯେଉଁଥିରେ ସାର୍ବଭୌମ ପ୍ରତିରକ୍ଷାର ମତବାଦର ସାମ୍ବିଧାନିକ ଯୋଜନାରେ କୌଣସି ପ୍ରୟୋଗ ନାହିଁ, ଏବଂ ସମ୍ବିଧାନର ଅନୁଚ୍ଛେଦ 32 ଏବଂ 226 ଅଧୀନରେ ସାମ୍ବିଧାନିକ ପ୍ରତିକାର ପ୍ରତି ଏକ ପ୍ରତିରକ୍ଷା ନୁହେଁ, ଯାହା ମୌଳିକ ଅଧିକାରର ଉଲ୍ଲଂଘନ ପାଇଁ କ୍ଷତିପୂରଣ ପ୍ରଦାନକୁ ସମର୍ଥ କରେ, ଯେତେବେଳେ କ୍ଷତିପୂରଣ ପ୍ରଦାନ ଏକମାତ୍ର ମୌଳିକ ଅଧିକାରର କାର୍ଯ୍ୟକାରିତାର ବ୍ୟାବହାରିକ ମାଧ୍ୟମ ହିଁ ହୋଇପାରେ । ରୁଦୁଲ ଶାହ ଏବଂ ଅନ୍ୟମାନେ ମାମଲାରେ ଏହି ନ୍ୟାୟାଳୟର ନିଷ୍ପତ୍ତି ସମ୍ବିଧାନର ଅନୁଚ୍ଛେଦ 32 ଏବଂ 226 ଅଧୀନରେ ସାମ୍ବିଧାନିକ ପ୍ରତିକାରରେ ମୌଳିକ ଅଧିକାରର ଉଲ୍ଲଂଘନ ପାଇଁ କ୍ଷତିପୂରଣ ପ୍ରଦାନ ସହିତ ସମ୍ପୃକ୍ତ । ଅନ୍ୟପକ୍ଷରେ,

କସ୍ତୁରିଲାଲ ସରକାରୀ କର୍ମଚାରୀମାନଙ୍କ ଭୁଲ ହେତୁ ଜବତ ହୋଇଥିବା ଏବଂ ମାଲିକଙ୍କୁ ଫେରସ୍ତ କରାଯାଇନଥିବା ସାମଗ୍ରୀର ମୂଲ୍ୟ ସହ ସମ୍ବନ୍ଧିତ, ସାଧାରଣ ପ୍ରକ୍ରିୟା ଅଧୀନରେ ରୂପାନ୍ତରଣର ଆଇନ ବିରୁଦ୍ଧ ଚ୍ୟୁତି ପାଇଁ କ୍ଷତିପୂରଣର ଏକ ଦାବି  ଏବଂ ମୌଳିକ ଅଧିକାରର ଲଙ୍ଘନ ପାଇଁ କ୍ଷତିପୂରଣର ଦାବି ନୁହେଁ । ତେଣୁ କସ୍ତୁରିଲାଲ ଏହି ପ୍ରସଙ୍ଗରେ ପ୍ରଯୁଜ୍ୟ ନୁହେଁ ଏବଂ ପ୍ରଭେଦନୀୟ ।"

ଜୀବନ ଏବଂ ସ୍ୱାତନ୍ତ୍ର୍ୟର ମୌଳିକ ଅଧିକାରରୁ ଅସାମ୍ବିଧାନିକ ବଞ୍ଚିତ ହେଲେ କ୍ଷତିପୂରଣ ପାଇଁ ସର୍ବ ସାଧାରଣ ଆଇନରେ ଦାବି ଯାହାର ସୁରକ୍ଷାର ଲିଖିତ ପ୍ରତିଶୃତି  ସମ୍ବିଧାନ ଅଧୀନରେ ଦିଆଯାଇଛି, ତାହା କଠୋର ଦାୟିତ୍ୱ ଉପରେ ଆଧାରିତ ଏକ ଦାବି ଏବଂ ସରକାରୀ କର୍ମଚାରୀଙ୍କ ଆଇନ ବିରୁଦ୍ଧ କାର୍ଯ୍ୟ ପାଇଁ କ୍ଷତିପୂରଣ ବାବଦରେ ଘରୋଇ ଆଇନରେ ଉପଲବ୍ଧ ଦାବି ଅତିରିକ୍ତ ଅଟେ । ସର୍ବ ସାଧାରଣ ଆଇନ କାର୍ଯ୍ୟାନୁଷ୍ଠାନ ଘରୋଇ ଆଇନ କାର୍ଯ୍ୟାନୁଷ୍ଠାନଠାରୁ ଭିନ୍ନ ଉଦ୍ଦେଶ୍ୟ ସାଧନ କରେ । ସମ୍ବିଧାନର ଅନୁଚ୍ଛେଦ 21 ଅନୁଯାୟୀ ଲିଖିତ ପ୍ରତିଶୃତି ଦିଆଯାଇଥିବା ଅପରିହାର୍ଯ୍ୟ ଅଧିକାରଗୁଡ଼ିକର ପ୍ରତିଷ୍ଠିତ ଉଲ୍ଲଂଘନ ପାଇଁ କ୍ଷତିପୂରଣ ପ୍ରଦାନ କରିବା ସର୍ବ ସାଧାରଣ ଆଇନରେ  ଉପଲବ୍ଧ ଏକ ପ୍ରତିକାର, କାରଣ ସର୍ବ ସାଧାରଣ ଆଇନ ଉଦ୍ଦେଶ୍ୟ କେବଳ ସାର୍ବଜନୀନ ଅଧିକାରକୁ ଉନ୍ନତ କରିବା ନୁହେଁ, ବରଂ ନାଗରିକମାନଙ୍କୁ ଆଶ୍ୱସ୍ତ କରିବା ମଧ୍ୟ ଯେ ସେମାନେ ଏକ ଆଇନଗତ ବ୍ୟବସ୍ଥା ଅଧୀନରେ ରହୁଛନ୍ତି ଯେଉଁଥିରେ ସେମାନଙ୍କର ଅଧିକାର ଏବଂ ସ୍ୱାର୍ଥ ସୁରକ୍ଷିତ ଏବଂ ସଂରକ୍ଷିତ ରହିବ । ଅନୁଚ୍ଛେଦ 21 ଅନୁଯାୟୀ ଲିଖିତ ପ୍ରତିଶୃତି  ଦିଆଯାଇଥିବା ମୌଳିକ ଅଧିକାରର *ପ୍ରତିଷ୍ଠିତ* ଲଙ୍ଘନ ପାଇଁ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 21 ଏବଂ 226 ଅନୁଯାୟୀ କାର୍ଯ୍ୟାନୁଷ୍ଠାନରେ କ୍ଷତିପୂରଣ ପ୍ରଦାନ କରିବା, ଅନ୍ୟାୟକାରୀ କାର୍ଯ୍ୟକର୍ତ୍ତାମାନଙ୍କୁ ଦଣ୍ଡିତ କରିବା ଏବଂ ନାଗରିକମାନଙ୍କ ମୌଳିକ ଅଧିକାରଗୁଡ଼ିକର ସୁରକ୍ଷା ଦିଗରେ ନିଜର ସାର୍ବଜନୀନ କର୍ତ୍ତବ୍ୟ ନିର୍ବାହ କରିବାରେ ବିଫଳ ହୋଇଥିବା ରାଜ୍ୟ ଉପରେ ସାର୍ବଜନିକ ଅନ୍ୟାୟ କାର୍ଯ୍ୟ ପାଇଁ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବା ସର୍ବ ସାଧାରଣ ଆଇନ ଅଧୀନରେ ନ୍ୟାୟାଳୟଗୁଡ଼ିକର ଏକ କାର୍ଯ୍ୟ  ଅଟେ ।

ପୀଡ଼ିତମାନଙ୍କୁ କେବଳ ଦେୱାନୀ ଆଇନରେ ଉପଲବ୍ଧ ପ୍ରତିକାରଗୁଡ଼ିକ ଆଡ଼େ ଠେଲି ଦେବାର ପୁରୁଣା ମତବାଦ ନାଗରିକମାନଙ୍କ ଅପରିହାର୍ଯ୍ୟ ଅଧିକାରର ରକ୍ଷକ ଏବଂ ତତ୍ତ୍ୱାବଧାୟକ ଭାବରେ ନ୍ୟାୟାଳୟର ଭୂମିକାକୁ ଅତ୍ୟଧିକ ସୀମିତ କରିଥାଏ । ନାଗରିକମାନଙ୍କ ସାମାଜିକ ଆକାଂକ୍ଷାକୁ ପୂରଣ କରିବା ନ୍ୟାୟାଳୟର ଆଇନଗତ ବାଧ୍ୟତା ଅଟେ,  କାରଣ ନ୍ୟାୟାଳୟ ଓ ଆଇନ ଲୋକମାନଙ୍କ ପାଇଁ ତଥା ସେମାନଙ୍କ ଆକାଂକ୍ଷାକୁ ପୂରଣ କରିବାକୁ ପ୍ରତ୍ୟାଶିତ ଅଟନ୍ତି । ଏକ ବିଚାରାଳୟ କଠୋର ବାସ୍ତବତା ପାଖରେ ନିଜର ସଚେତନତା ଏବଂ ସଜୀବତାକୁ ରୁଦ୍ଧ କରିପାରିବ ନାହିଁ । ଅପରାଧୀକୁ କେବଳ ଦଣ୍ଡ ଦେବା ଦ୍ୱାରା ପୀଡ଼ିତଙ୍କ ପରିବାରକୁ ଅଧିକ ଆଶ୍ୱସ୍ତି ମିଳିପାରିବ ନାହିଁ- କ୍ଷତି ପାଇଁ ଦେୱାନୀ କାର୍ଯ୍ୟାନୁଷ୍ଠାନ ଏକ ଦୀର୍ଘ ତଥା ଜଟିଳ ନ୍ୟାୟିକ ପ୍ରକ୍ରିୟା । ତେଣୁ, ନାଗରିକଙ୍କ ଜୀବନର ଅପରିହାର୍ଯ୍ୟ ଅଧିକାରର ଉଲ୍ଲଙ୍ଘନକୁ ବିଚାର କରି ନ୍ୟାୟାଳୟ ଦ୍ୱାରା ପ୍ରତିକାର ପାଇଁ ଆର୍ଥିକ କ୍ଷତିପୂରଣ ଏକ ଉପଯୋଗୀ ଏବଂ ବେଳେବେଳେ ମୃତ ପୀଡିତାଙ୍କ ପରିବାର ସଦସ୍ୟଙ୍କ କ୍ଷତ ଉପରେ ମଲମ ପ୍ରୟୋଗ କରିବାର ଏକମାତ୍ର ପ୍ରଭାବଶାଳୀ ପ୍ରତିକାର, ଯେଉଁମାନେ ହୁଏତ ପରିବାରର ରୋଜଗାରକ୍ଷମ ହୋଇଥାଇପାରନ୍ତି ।

*ନୀଳାବତୀ ବେହେରାଙ୍କ ମାମଲାରେ* (ପୂର୍ବୋକ୍ତ) ଏହା କୁହାଯାଇଥିଲା:

"ଭାରତର ସମ୍ବିଧାନର ଅନୁଚ୍ଛେଦ 21 ଅନୁଯାୟୀ ଲିଖିତ ପ୍ରତିଶ୍ରୁତି ଦିଆଯାଇଥିବା ତାଙ୍କ ଅଧିକାରର ଉଲ୍ଲଂଘନ କିମ୍ବା ଆକ୍ରମଣ ପାଇଁ ହାଜତରେ ମୃତ୍ୟୁ ବରଣ କରିଥିବା ବ୍ୟକ୍ତିଙ୍କ ଉତ୍ତରାଧିକାରୀମାନଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ବିଜ୍ଞାପନ, ରାଜ୍ୟର ଆଇନ ବିରୁଦ୍ଧ କାର୍ଯ୍ୟ ପାଇଁ କ୍ଷତିପୂରଣ ଦାବି କରିବାକୁ ତାଙ୍କୁ ଦେୱାନୀ ମକଦ୍ଦମାର ସାଧାରଣ ପ୍ରତିକାର ଆଡ଼କୁ ଠେଲି ଦେବା ସର୍ବଦା ଯଥେଷ୍ଟ ନୁହେଁ କାରଣ ଘରୋଇ ଆଇନରେ ସେହି ପ୍ରତିକାର ପ୍ରକୃତରେ ପୀଡ଼ିତ ପକ୍ଷଙ୍କ ପାଇଁ ଉପଲବ୍ଧ ଅଟେ । ସମ୍ବିଧାନର ଅନୁଚ୍ଛେଦ 21 ଅଧୀନରେ ଅପରିହାର୍ଯ୍ୟ ଅଧିକାରର ଲଙ୍ଘନ ବିଷୟରେ ଅଭିଯୋଗ କରୁଥିବା ନାଗରିକଙ୍କୁ କୁହାଯାଇପାରିବ ନାହିଁ ଯେ ଜୀବନର ମୌଳିକ ଅଧିକାରର ପ୍ରତିଷ୍ଠିତ ଲଙ୍ଘନ ପାଇଁ ସେ ରିଟ୍ କ୍ଷେତ୍ରାଧିକାରିତା ପ୍ରୟୋଗ କରୁଥିବା ଅଦାଲତ ଦ୍ୱାରା ସର୍ବ ସାଧାରଣ ଆଇନ ଅନୁଯାୟୀ କୌଣସି ଉପଶମ ପାଇପାରିବେ ନାହିଁ । ସର୍ବ ସାଧାରଣ ଆଇନ କାର୍ଯ୍ୟାନୁଷ୍ଠାନର ପ୍ରାଥମିକ ଉତ୍ସ ବିଶେଷାଧିକାର ରିଟରୁ ଉତ୍ପନ୍ନ ହୁଏ ଏବଂ ଅଦାଲତମାନେ, ତେଣୁ, ଆଇନର ନିୟମକୁ ସଂରକ୍ଷଣ ଏବଂ ସୁରକ୍ଷା ଉଦ୍ଦେଶ୍ୟରେ ପରିସ୍ଥିତି ଅନୁଯାୟୀ ଏହାକୁ ଢାଞ୍ଚା ଦେଇ ସର୍ବ ସାଧାରଣ ଆଇନରେ ଆଶ୍ୱସ୍ତି ଦେବା ପାଇଁ ନୂତନ ସୂତ୍ରମାନ ବିକଶିତ କରିବାକୁ ଅଛନ୍ତି, ଯେତେବେଳେ 1949 ରେ ତାଙ୍କର ପ୍ରଥମ ହାମଲିନ୍ ବକ୍ତବ୍ୟକୁ "ଆଇନ ଅଧୀନରେ ସ୍ୱାଧୀନତା" ଶୀର୍ଷକ ଅଧୀନରେ ସମାପ୍ତ କରିଥିଲେ ଲର୍ଡ ଡେନିଂ ତାଙ୍କ ନିଜ ଶୈଳୀରେ ଚେତାବନୀ ଦେଇଥିଲେ:

"କେହି ଅନୁମାନ କରିପାରିବେ ନାହିଁ ଯେ କାର୍ଯ୍ୟ ନିର୍ବାହୀ ଆମ୍ଭ ସମସ୍ତଙ୍କର ସାଧାରଣ ପାପ ପାଇଁ କେବେ ଦୋଷୀ ହେବେ ନାହିଁ । ଆପଣ ନିଶ୍ଚିତ ହୋଇପାରନ୍ତି ଯେ "ସେମାନେ ବେଳେବେଳେ ଏପରି କାର୍ଯ୍ୟ କରିବେ ଯାହା ସେମାନେ କରିବା ଉଚିତ ନୁହେଁ: ଏବଂ ସେମାନେ ଯାହା କରିବା ଉଚିତ ତାହା କରିବେ ନାହିଁ । କିନ୍ତୁ ଏହା ଦ୍ୱାରା ଯଦି ଏବଂ କେତେବେଳେ ଆମ୍ଭ ଭିତରୁ କେହି ଅନ୍ୟାୟ ଭୋଗୁଛନ୍ତି, ତେବେ ପ୍ରତିକାର କ'ଣ? ଆମର ବ୍ୟକ୍ତିଗତ ସ୍ୱାଧୀନତାକୁ ସୁରକ୍ଷିତ ରଖିବା ପାଇଁ ଆମ୍ଭର ପ୍ରକ୍ରିୟା ଦକ୍ଷ, କ୍ଷମତାର ଅପବ୍ୟବହାରକୁ ରୋକିବା ପାଇଁ ଆମ୍ଭର ପ୍ରକ୍ରିୟା ନୁହଁ । ଯେପରି କୋଇଲା ବାହାର କରିବା ପାଇଁ ଆଉ ଫାଉଡ଼ା-କୋଦାଳ ଉପଯୁକ୍ତ ନୁହେଁ, ସେହିପରି ପରମ ଆଦେଶ, ନିମ୍ନତର ଅଦାଲତରେ ବିଚାର ହୋଇଥିବା ମକଦ୍ଦମାର ନଥିପତ୍ର ଉଚ୍ଚତର ଅଦାଲତକୁ ପଠାଇବା ପାଇଁ ଉଚ୍ଚତର ଅଦାଲତର ନିର୍ଦ୍ଦେଶନାମା ଏବଂ ମାମଲା ଉପରେ କାର୍ଯ୍ୟାନୁଷ୍ଠାନମାନ ମଧ୍ୟ ନୂତନ ଯୁଗରେ ସ୍ୱାଧୀନତା ଜୟଲାଭ ପାଇଁ ଉପଯୁକ୍ତ ନୁହେଁ । ସେଗୁଡ଼ିକ ନୂତନ ତଥା ଅତ୍ୟାଧୁନିକ ସଂଗଠିତ ପ୍ରଣାଳୀ, ଘୋଷଣା, ନିଷେଧାଜ୍ଞା ଏବଂ ଅବହେଳା ପାଇଁ କାର୍ଯ୍ୟାନୁଷ୍ଠାନ ଦ୍ୱାରା ବଦଳାଯିବା ଆବଶ୍ୟକ ..... ଏହା ସଂସଦର କାମ ନୁହେଁ .... ନ୍ୟାୟାଳୟ ଏହା କରିବା ଉଚିତ । ଆଗକୁ ଆସୁଥିବା ସମସ୍ତ ବଡ଼ କାର୍ଯ୍ୟଗୁଡ଼ିକ ମଧ୍ୟରୁ ଏହା ହେଉଛି ସବୁଠାରୁ ବଡ଼ କାର୍ଯ୍ୟ । କାର୍ଯ୍ୟ ନିର୍ବାହୀର ନୂତନ କ୍ଷମତାକୁ ସଠିକ୍ ଭାବରେ ପ୍ରୟୋଗ କଲେ ଏହା କଲ୍ୟାଣକାରୀ ସ୍ଥିତିକୁ ଅଗ୍ରଗତି କରିବ; କିନ୍ତୁ ଏହାର ଅପବ୍ୟବହାର ଏକଛତ୍ରବାଦୀ ସ୍ଥିତିକୁ ବାଟ କଢ଼ାଏ । ଏହି ଦେଶରେ କସ୍ମିନକାଳେ କାହାକୁ ଏପରି ଅନୁମତି ଦିଆଯିବା ଉଚିତ୍ ନୁହେଁ ।"

ନାଗରିକଙ୍କ ମୌଳିକ ଅଧିକାରର ସୁରକ୍ଷା କରିବାରେ ବିଫଳ ହୋଇଥିବାରୁ ରାଜ୍ୟ ବିରୁଦ୍ଧରେ ଆର୍ଥିକ କ୍ଷତିପୂରଣ ପ୍ରଦାନ କରି ଭୁଲ ପ୍ରତିକାର କରିବାର ସମାନ ଆଭିମୁଖ୍ୟ ଆୟର୍ଲାଣ୍ଡର ଅଦାଲତ ଦ୍ୱାରା ଗ୍ରହଣ କରାଯାଇଛି, ଯାହାର ଏକ ଲିଖିତ ସମ୍ବିଧାନ ଅଛି, ଯାହା ମୌଳିକ ଅଧିକାରର ଲିଖିତ ପ୍ରତିଶୃତି ଦିଏ, କିନ୍ତୁ ଯେଉଁଥିରେ ଭାରତୀୟ ସମ୍ବିଧାନ ପରି ସେହି ଅଧିକାରର ଉଲ୍ଲଂଘନ ପାଇଁ ପ୍ରତିକାରର କୌଣସି ବ୍ୟବସ୍ଥା ନାହିଁ । ଏହା, ତେବେ ସେ ଯାହା ହେଉ, ଆୟର୍ଲାଣ୍ଡର ନ୍ୟାୟାଳୟମାନଙ୍କୁ ପ୍ରତିକାର ବିକାଶ କରିବାରେ ବାଧା ଦେଇନାହିଁ, ଯେଉଁଥିରେ କ୍ଷତିପୁରଣ ପ୍ରଦାନ ଅନ୍ତର୍ଭୁକ୍ତ, କେବଳ ଉଲ୍ଲଂଘନରେ ଦୋଷୀ ବ୍ୟକ୍ତିଙ୍କ ବିରୁଦ୍ଧରେ ନୁହେଁ, ବରଂ ସ୍ୱୟଂ ରାଜ୍ୟ ବିରୁଦ୍ଧରେ ମଧ୍ୟ ।

*ଦ ଷ୍ଟେଟ୍ (ଆଟ୍ ଦି ପ୍ରସିକ୍ୟୁସନ୍ ଅଫ୍ କ୍ୱିନ୍) ବନାମ ରିଆନ,* (1965) **ଆଇଆର୍** 70 122 ରେ ଓ'ଡାଲାଇ ମୁଖ୍ୟ ନ୍ୟାୟାଧୀଶଙ୍କ ସୂଚନାତ୍ମକ ଏବଂ ଶିକ୍ଷଣୀୟ ଅବଲୋକନ ସ୍ୱତନ୍ତ୍ର ଦୃଷ୍ଟିପାତ ପାଇବାକୁ ଯୋଗ୍ୟ । ମାନ୍ୟବର ମୁଖ୍ୟ ନ୍ୟାୟାଧୀଶ କହିଲେ:

> "ନାଗରିକଙ୍କ ମୌଳିକ ଅଧିକାରର ଲିଖିତ ପ୍ରତିଶୃତି ଦେବା ସମ୍ବିଧାନର ଉଦ୍ଦେଶ୍ୟ ନଥିଲା ଯେ ଏହି ଅଧିକାରଗୁଡ଼ିକୁ ଶୂନ୍ୟ କରିବା କିମ୍ବା ଏଡ଼ି ଯିବା ଉଚିତ । ଏହାର ଉଦ୍ଦେଶ୍ୟ ଥିଲା ଯେ ବ୍ୟକ୍ତିଙ୍କୁ ବସ୍ତୁନିଷ୍ଠ ଅଧିକାର ସୁନିଶ୍ଚିତ କରାଯାଉ ଏବଂ ନ୍ୟାୟାଳୟ ସେହି ଅଧିକାରଗୁଡ଼ିକର ତତ୍ତ୍ୱାବଧାରକ ହୁଅନ୍ତୁ । ଏକ ଆବଶ୍ୟକୀୟ ଅନୁସିଦ୍ଧାନ୍ତ ସ୍ୱରୂପ, *ଏହା ସୂଚିତ କରେ ଯେ କେହି ଦଣ୍ଡରୁ ଅବ୍ୟାହିତ ସହିତ ଏହି ଅଧିକାରଗୁଡ଼ିକୁ ଶୂନ୍ୟ କରିପାରିବେ ନାହିଁ କିମ୍ବା ଏଡ଼ାଇ ପାରିବେ ନାହିଁ, ଏବଂ ଏହି ପ୍ରସଙ୍ଗରେ ସମ୍ବିଧାନର ପ୍ରତିରକ୍ଷା ଆବଶ୍ୟକ କରୁଥିବା ପରି ନ୍ୟାୟାଳୟର କ୍ଷମତା ମଧ୍ୟ ପର୍ଯ୍ୟାପ୍ତ ଅଟେ ।"*

(ଗୁରୁତ୍ୱ ଦିଆଗଲା)

*ବାୟର୍ନ ବନାମ ଆୟର୍ଲାଣ୍ଡ,* (1972) ଆଇଆର୍ 241 ରେ, ପୃଷ୍ଠା 264 ରେ ୱାଲ୍ଶ, ନ୍ୟାୟମୂର୍ତ୍ତି ମତ ଦେଲେ:

> "ସମ୍ବିଧାନର ଅନେକ ଅଂଶରେ ନାଗରିକଙ୍କ ସୁବିଧା ପାଇଁ କେତେକ ବ୍ୟବସ୍ଥା କରିବା କର୍ତ୍ତବ୍ୟ ରାଜ୍ୟ ଉପରେ ନ୍ୟସ୍ତ କରାଯାଇଛି ଯାହା ନାଗରିକମାନଙ୍କୁ ଅଧିକାର ପ୍ରଦାନ କରେ ଏବଂ ଯଦି ସମ୍ବିଧାନରେ କିଛି ବିପରୀତ ବ୍ୟବସ୍ଥା ନ ଦେଖାଯାଏ, *ତେବେ ସମ୍ବିଧାନ ଏହି ଅଧିକାରଗୁଡିକର କାର୍ଯ୍ୟକାରିତା ପାଇଁ ଏକ ପ୍ରତିକାର ସୃଷ୍ଟି କରିଛି ବୋଲି ବିବେଚନା କରାଯିବା ଆବଶ୍ୟକ । ଏହା ଅନୁସୃତ ଯେ, ଯେଉଁଠାରେ ଅଧିକାରଟି ରାଜ୍ୟ ଦ୍ୱାରା ଲିଖିତ ପ୍ରତିଶ୍ରୁତି  ଦିଆଯାଇଥିବା ଏକ ପ୍ରତିକାର, ତେବେ ରାଜ୍ୟ ବିରୁଦ୍ଧରେ ପ୍ରତିକାର ଲୋଡ଼ା ଯିବ ଯଦି ଧାର୍ଯ୍ୟ ହୋଇଥିବା ସାମ୍ବିଧାନିକ ଆଇନଗତ କର୍ତ୍ତବ୍ୟ ନିର୍ବାହ କରିବାରେ ବିଫଳତା ହୋଇଛି ।*

(ଗୁରୁତ୍ୱ ଦିଆଗଲା)

*ମହାରାଜ ବନାମ ତ୍ରିନିଦାଦ ଏବଂ ଟୋବାଗୋର ଆଟର୍ଣ୍ଣି ଜେନେରାଲ,* (1978) 2 All ଇ.ଆର୍. 670 ମାମଲାରେ, ପ୍ରିଭି ପରିଷଦ ତ୍ରିନିଦାଦ ଏବଂ ଟୋବାଗୋ ସମ୍ବିଧାନର ଧାରା 6 ର ବ୍ୟାଖ୍ୟା ଦ୍ୱାରା ରାୟ ଦେଇଥିଲେ

ଯେ ଯଦିଓ ସ୍ପଷ୍ଟ ଭାବରେ ପ୍ରଦାନ କରାଯାଇନାହିଁ, ଏଥିରେ ମୌଳିକ ମାନବିକ ଅଧିକାର ଏବଂ ମୌଳିକ ସ୍ୱାଧୀନତାର ଉଲ୍ଲଂଘନ ପାଇଁ 'ପ୍ରତିକାର' ମାଧ୍ୟମରେ ଆର୍ଥିକ କ୍ଷତିପୂରଣ ପାଇଁ ଏକ ଆଦେଶକୁ ଅନୁମତି ଦିଆଯାଇଥିଲା । ଲର୍ଡ, ଡିପ୍ଲକ୍ ସଂଖ୍ୟାଗରିଷ୍ଠଙ୍କ ସପକ୍ଷରେ କହିଲେ:

> "ଆଟର୍ଣ୍ଣି ଜେନେରାଲଙ୍କ ତରଫରୁ ଯୁକ୍ତି କରାଯାଇଥିଲା ଯେ ଧାରା 6(2) ଆର୍ଥିକ କ୍ଷତିପୂରଣ ପାଇଁ ଏକ ଆଦେଶକୁ ଅନୁମତି ଦିଏ ନାହିଁ ଯଦିଓ ଏହି ପ୍ରକାରର ପ୍ରତିକାର *ଜୌଣ୍ଡୌ* ବନାମ *ଗୁଭାନା ଆଟର୍ଣ୍ଣି ଜେନେରାଲ* ରେ ନିର୍ଦ୍ଦେଶ ଦିଆଯାଇଥିଲା । ଉପଧାରାରେ 'ଉକ୍ତ ପୂର୍ବବର୍ତ୍ତୀ ଧାରାଗୁଡ଼ିକର କୌଣସି ବ୍ୟବସ୍ଥାର କାର୍ଯ୍ୟାନ୍ୱୟନ କିମ୍ବା କାର୍ଯ୍ୟାନ୍ୱୟନକୁ ସୁରକ୍ଷିତ କରିବା' ଉଦ୍ଦେଶ୍ୟରେ ନିର୍ଭରଶୀଳତା ରଖାଯାଇଥିଲା, ଯେଉଁ ଉଦ୍ଦେଶ୍ୟରେ ଆଦେଶ ଇତ୍ୟାଦି ଦିଆଯାଇପାରିବ । କ୍ଷତିପୂରଣ ପ୍ରଦାନ ପାଇଁ ଏକ ଆଦେଶ, ଯାହା ଉଲ୍ଲଂଘନ କରାଯାଇଥିବା ଅଧିକାରର କାର୍ଯ୍ୟକାରିତା ନୁହେଁ, ବୋଲି ଉପସ୍ଥାପନ କରାଯାଇଥିଲା । ମାନ୍ୟବର ନ୍ୟାୟମୂର୍ତ୍ତିମାନଙ୍କ ମତରେ, ଯେତେବେଳେ ଧାରା 1 ଅଧୀନରେ ସୁରକ୍ଷିତ ଅଧିକାର ଉଲ୍ଲଙ୍ଘନ ହୋଇଥାଏ, ସେତେବେଳେ କ୍ଷତିପୂରଣ ପ୍ରଦାନ ପାଇଁ ଏକ ଆଦେଶ ସ୍ପଷ୍ଟ ଭାବରେ 'ପ୍ରତିକାର' ର ଏକ ରୂପ, ଯାହାକୁ ଜଣେ ବ୍ୟକ୍ତି ଧାରା 6 (1) ଅଧୀନରେ ଦାବି କରିବାକୁ ହକଦାର ଏବଂ ଏହା ସମାଧାନର ଏକମାତ୍ର ବ୍ୟାବହାରିକ ରୂପ ହୋଇପାରେ, ଯେହେତୁ ବର୍ତ୍ତମାନ ସୁଦ୍ଧା ଏହା ତତ୍କାଳୀନ ମାମଲାରେ ଅଛି । ଏପରି ଆଦେଶ ଦେବା ପାଇଁ ଉଚ୍ଚ ନ୍ୟାୟାଳୟକୁ ଧାରା 6(2) ର ପାରା (a) ଦ୍ୱାରା କ୍ଷେତ୍ରାଧିକାର ପ୍ରଦାନ କରାଯାଇଛି, ଯଥା 'ଏହି ଧାରାର ଉପଧାରା (1) ର ଆଦେଶରେ କୌଣସି ବ୍ୟକ୍ତିଙ୍କ ଦ୍ୱାରା କରାଯାଇଥିବା କୌଣସି ଆବେଦନ ଶୁଣିବା ଏବଂ ସ୍ଥିର କରିବା' । ଆଦେଶ ଦେବା, ରିଟ୍ ଜାରି କରିବା ଏବଂ ନିର୍ଦ୍ଦେଶ ଦେବା ପାଇଁ ଅତ୍ୟନ୍ତ ବିଜ୍ଞତାର ସହ ପରିଚାଳିତ କ୍ଷମତା ଏହାର ସହାୟକ ।"

ଏହାପରେ ଲର୍ଡ ଡିପ୍ଲକ୍ ନିରୀକ୍ଷଣ କରିଥିଲେ (680 ପୃଷ୍ଠାରେ):

> "ପରିଶେଷରେ, ମାନ୍ୟବର ନ୍ୟାୟମୂର୍ତ୍ତିବୃନ୍ଦ ଧାରା 16 ଅଧୀନରେ ଆଦାୟଯୋଗ୍ୟ ଆର୍ଥିକ କ୍ଷତିପୂରଣର ସାଧନ ବିଷୟରେ କିଛି କହିବେ ଯେଉଁଠାରେ ଦାବିଦାରଙ୍କ ସାମ୍ବିଧାନିକ ଅଧିକାରର ଉଲ୍ଲଂଘନ ଯଥୋଚିତ ଆଇନ ପ୍ରକ୍ରିୟା ବ୍ୟତୀତ ଅନ୍ୟଥା ସ୍ୱାଧୀନତାରୁ ବଞ୍ଚିତ ହେବା ଦ୍ୱାରା ଗଠିତ । ମିଥ୍ୟା କାରାବରଣର ନିର୍ଯାତନା ପାଇଁ କ୍ଷତିପୂରଣ ପାଇଁ ଦାବିଟି ଘରୋଇ ଆଇନରେ ଏକ ଦାବି ନୁହେଁ, ଯାହା ଅଧୀନରେ ଅସୁଲଯୋଗ୍ୟ କ୍ଷତିଗୁଡ଼ିକ ବ୍ୟାପକ ଅଟେ ଏବଂ ପ୍ରତିଷ୍ଠା ହରାଇବାର କ୍ଷତିକୁ ଅନ୍ତର୍ଭୁକ୍ତ କରିବ । ଏହା କେବଳ ସ୍ୱାଧୀନତାରୁ ବଞ୍ଚିତ ହେବାର କ୍ଷତିପୂରଣ ପାଇଁ ସର୍ବ ସାଧାରଣ ଆଇନରେ ଏକ ଦାବି ।"

*ସିମ୍ପସନ୍* ବନାମ *ଆଟର୍ଣ୍ଣି ଜେନେରାଲ ମାମଲାରେ,* [ବେଜେଣ୍ଟଙ୍କ ମାମଲା](1994) ଏନଜେଡଏଲଆର. 667) ନ୍ୟୁଜିଲ୍ୟାଣ୍ଡର ଅପିଲ ନ୍ୟାୟାଳୟ ବିଭିନ୍ନ କ୍ଷେତ୍ରାଧିକାରିତାର କର୍ତ୍ତୃପକ୍ଷମାନଙ୍କ ଏକ ଶୃଙ୍ଖଳାକୁ ଦର୍ଶିତ କରି ଏହି ପ୍ରସଙ୍ଗକୁ ଅତ୍ୟନ୍ତ ବିସ୍ତୃତ ଭାବରେ ସମ୍ପାଦନ କରିଥିଲେ । ଏହା ପୁଲିସ ଅଧିକାରୀଙ୍କ ଦ୍ୱାରା କରାଯାଇଥିବା ବେଆଇନ ତଲାସି ପରି କ୍ଷତିପୂରଣ ସାପେକ୍ଷ କର୍ତ୍ତବ୍ୟଚ୍ୟୁତି ପାଇଁ ପରାର୍ଥ ଦାୟିତ୍ୱ ମତବାଦ ପ୍ରୟୋଗକୁ ବିଚାର

କରିଥିଲେ, ଯାହା ନ୍ୟୁଜିଲ୍ୟାଣ୍ଡ ଅଧିକାରପତ୍ର ଅଧିନିୟମ, 1990 କୁ ଉଲ୍ଲଂଘନ କରେ । ଅଧିକାରପତ୍ର ଦ୍ୱାରା ଲିଖିତ ପ୍ରତିଶ୍ରୁତି  ଦିଆଯାଇଥିବା ଅଧିକାର ଏବଂ ସ୍ୱାଧୀନତାର କାର୍ଯ୍ୟକାରିତା ସହିତ କାରବାର କରୁଥିବାବେଳେ, ଯେଉଁଥିପାଇଁ କୌଣସି ନିର୍ଦ୍ଦିଷ୍ଟ ପ୍ରତିକାର ପ୍ରଦାନ କରାଯାଇ ନଥିଲା । ହାର୍ଡି ବଏଜ୍, ନ୍ୟାୟମୂର୍ତ୍ତି ପର୍ଯ୍ୟବେକ୍ଷଣ କରିଥିଲେ:

> "ନ୍ୟୁଜିଲ୍ୟାଣ୍ଡ ଅଧିକାରପତ୍ର ଅଧିନିୟମ ଯଦି ଏହା ଏକ ଶୂନ୍ୟ ବିବୃତି ଛଡ଼ା ଅଧିକ କିଛି ନୁହେଁ, ଏହା ରାଷ୍ଟ୍ରମୁଖ୍ୟଙ୍କ ଦ୍ୱାରା ଏକ ଅଙ୍ଗୀକାର ଯେ ଯେଉଁମାନେ ସରକାରଙ୍କ ତିନୋଟି ଶାଖାରେ ତାଙ୍କର କାର୍ଯ୍ୟ, କ୍ଷମତା ଏବଂ କର୍ତ୍ତବ୍ୟ ପ୍ରୟୋଗ କରନ୍ତି ସେମାନେ ବିଧେୟକ ଦ୍ୱାରା ସ୍ୱୀକୃତ ଔଚିତ୍ୟ ପାଳନ କରିବେ । ମୁଁ ସେହି ସମ୍ପୂର୍ଣ୍ଣ ଅଙ୍ଗୀକାରକୁ ଏହାର ମୂଲ୍ୟ ପାଇଁ ପ୍ରକୃତରେ ଜରୁରୀ ବୋଲି ବିବେଚନା କରେ, ଯେ ନ୍ୟାୟାଳୟମାନେ କେବଳ ନିଜ କର୍ତ୍ତବ୍ୟ ନିର୍ବାହ କରିବାରେ ବିଧେୟକୁ ପାଳନ କରିବେ ନାହିଁ ବରଂ ଯେଉଁଠାରେ ଅଧିକାରର ଉଲ୍ଲଂଘନ ହୋଇଛି ସେଠାରେ ଉପଯୁକ୍ତ ତଥା ପ୍ରଭାବଶାଳୀ ପ୍ରତିକାର ପ୍ରଦାନ କରିବାକୁ ମଧ୍ୟ ସକ୍ଷମ ହୋଇପାରିବେ । ଏହା ଏକ ଲିଖିତ ସମ୍ବିଧାନର ସର୍ତ୍ତାବଳୀ ଉପରେ ନିର୍ଭର କରିବା ଉଚିତ ବୋଲି ଭାବିବାର କୌଣସି କାରଣ  ମୁଁ ଦେଖୁନାହିଁ । *ମୌଳିକ ମାନବିକ ଅଧିକାର ଉପଭୋଗ କରିବାକୁ ପ୍ରତ୍ୟେକ ନାଗରିକ ହକଦାର ଅଟନ୍ତି, ଏବଂ ସେଗୁଡ଼ିକର ସୁରକ୍ଷା ପ୍ରତ୍ୟେକ ସଭ୍ୟ ରାଷ୍ଟ୍ରର ଆଇନଗତ ବାଧ୍ୟତା ଅଟେ । ସେଗୁଡ଼ିକ ସମାଜ ଗଠନରେ ଅନ୍ତର୍ନିହିତ ତଥା ଅତ୍ୟାବଶ୍ୟକ* । ସେଗୁଡ଼ିକ ଯେଉଁ ଆଇନଗତ କିମ୍ବା ସାମ୍ବିଧାନିକ ଆକାରରେ ଘୋଷିତ ହୋଇଛନ୍ତି, ତାହା ଉପରେ ନିର୍ଭର କରନ୍ତି ନାହିଁ । ପ୍ରିଭି ପରିଷଦ ଏବଂ ଆୟର୍ଲାଣ୍ଡ ଏବଂ ଭାରତର ନ୍ୟାୟାଳୟମାନଙ୍କୁ ମାମଲାଗୁଡ଼ିକରେ ଉପସଂହାରରେ ଯେଉଁ ଯୁକ୍ତି ପହଞ୍ଚାଇଛି (ଏବଂ ସେଗୁଡ଼ିକ କେବଳ ଏକ ନମୁନା ମାତ୍ର), ଯାହାକୁ ମୁଁ ଉଲ୍ଲେଖ କରିଛି ତାହା ମୋ ମତରେ ନ୍ୟୁଜିଲ୍ୟାଣ୍ଡ ଅଧିକାରପତ୍ର ଅଧିନିୟମ ପ୍ରତି ସମାନ ଭାବରେ ବୈଧ ଅଟେ ଯଦି ଏହା ଜୀବନ ଏବଂ ଅର୍ଥ ପାଇବାକୁ ଅଛି ।
>
> (ଗୁରୁତ୍ୱ ଦିଆଗଲା)

ଅପିଲ ନ୍ୟାୟାଳୟ ଆଇରିସ ନ୍ୟାୟାଳୟ, ପ୍ରିଭି ପରିଷଦର ରାୟ ଉପରେ ନିର୍ଭର କରିଥିଲା ତଥା *ନୀଳାବତୀ ବେହେରା* ବନାମ *ରାଜ୍ୟ,* (ପୂର୍ବୋକ୍ତ) ରେ ଧାର୍ଯ୍ୟ ହୋଇଥିବା ଆଇନକୁ ଏହିପରି ଉଲ୍ଲେଖ କରିଥିଲେ:

> "ଅନ୍ୟ ଏକ ବହୁମୂଲ୍ୟ କ୍ଷମତା ଭାରତରୁ ଆସିଅଛି, ଯେଉଁଠାରେ ସମ୍ବିଧାନ ସର୍ବୋଚ୍ଚ ନ୍ୟାୟାଳୟକୁ ଏହା ଅଧୀନରେ ଲିଖିତ ପ୍ରତିଶ୍ରୁତି ଦିଆଯାଇଥିବା ଅଧିକାରକୁ କାର୍ଯ୍ୟକାରୀ କରିବାକୁ କ୍ଷମତା ପ୍ରଦାନ କରେ । *ନୀଳାବତୀ ବେହେରା* ବନାମ *ଓଡ଼ିଶା ରାଜ୍ୟ,* (1993) ସିଆରଏଲ. ଏଲଜେ 2899 ମାମଲାରେ, ପୁଲିସ ହାଜତରେ ପିଟିପିଟି ମାରି ଦିଆଯାଇଥିବା ଜଣେ ଯୁବକଙ୍କ ମାଆଙ୍କୁ ସର୍ବୋଚ୍ଚ ନ୍ୟାୟାଳୟ ରାଜ୍ୟ ବିରୁଦ୍ଧରେ କ୍ଷତିପୂରଣ ପ୍ରଦାନ କରିଥିଲେ । ନ୍ୟାୟାଳୟ କହିଥିଲେ ଯେ ଏହାର ପ୍ରବର୍ତ୍ତନ କ୍ଷମତା "ନୂତନ ସାଧନ ପ୍ରସ୍ତୁତ କରିବା" ପାଇଁ ଏକ କର୍ତ୍ତବ୍ୟ ଧାର୍ଯ୍ୟ କରିଛି, ଯେଉଁଗୁଡ଼ିକ ମଧ୍ୟରୁ କ୍ଷତିପୂରଣ ଏକ ଉପଯୁକ୍ତ ସାଧନ ଥିଲା

ଯେଉଁଠାରେ ଏହା ହିଁ ସମାଧାନର ଏକମାତ୍ର ମାଧ୍ୟମ ରୂପେ ଉପଲବ୍ଧ ଥିଲା । ଏହା ଦୋଷପୂର୍ଣ୍ଣ କାର୍ଯ୍ୟର ପ୍ରତିକାର ନଥିଲା, ବରଂ ସାର୍ବଭୌମ ପ୍ରତିରକ୍ଷା ନୀତି ଲାଗୁ ହେଉନଥିବା ମୌଳିକ ଅଧିକାରର ଉଲ୍ଲଙ୍ଘନ ପାଇଁ କଠୋର ଉତ୍ତରଦାୟିତ୍ୱ ଉପରେ ଆଧାରିତ ଏକ ସର୍ବ ସାଧାରଣ ଆଇନ ଥିଲା । ପୃଷ୍ଠା 2912 ରେ ଆନନ୍ଦ, ନ୍ୟାୟମୂର୍ତ୍ତିଙ୍କ ଏହି ଅବଲୋକନଗୁଡ଼ିକ ଉପରେ ଏକ ନଜର ପକାଯାଇପାରେ ।

ପୀଡ଼ିତମାନଙ୍କୁ କେବଳ ଦେୱାନୀ ଆଇନରେ ଉପଲବ୍ଧ ପ୍ରତିକାରଗୁଡ଼ିକ ଆଡ଼କୁ ଠେଲି ଦେବାର ପୁରୁଣା ମତବାଦ ନାଗରିକମାନଙ୍କ ଅପରିହାର୍ଯ୍ୟ ଅଧିକାରର ରକ୍ଷକ ଏବଂ ତତ୍ତ୍ୱାବଧାୟକ ସ୍ୱରୂପ ନ୍ୟାୟାଳୟର ଭୂମିକାକୁ ସୀମିତ କରିଥାଏ । ନାଗରିକମାନଙ୍କ ସାମାଜିକ ଆକାଂକ୍ଷାକୁ ପୂରଣ କରିବା ନ୍ୟାୟାଳୟର ଆଇନଗତ ବାଧ୍ୟତା ଅଟେ, କାରଣ ନ୍ୟାୟାଳୟ ଏବଂ ଆଇନ ଲୋକମାନଙ୍କ ପାଇଁ ତଥା ସେମାନଙ୍କ ଆକାଂକ୍ଷାକୁ ପୂରଣ କରିବାକୁ ପ୍ରତ୍ୟାଶିତ ଅଟନ୍ତି । ସର୍ବ ସାଧାରଣ ଆଇନର ଉଦ୍ଦେଶ୍ୟ କେବଳ ସାର୍ବଜନୀନ ଅଧିକାରକୁ ଉନ୍ନତ କରିବା ନୁହେଁ ବରଂ ନାଗରିକମାନଙ୍କୁ ଆଶ୍ୱସ୍ତ କରିବା ମଧ୍ୟ ଯେ ସେମାନେ ଏକ ଆଇନଗତ ବ୍ୟବସ୍ଥା ଅଧୀନରେ ଅଛନ୍ତି ଯାହାର ଉଦ୍ଦେଶ୍ୟ ସେମାନଙ୍କର ସ୍ୱାର୍ଥ ରକ୍ଷା କରିବା ଏବଂ ସେମାନଙ୍କର ଅଧିକାରଗୁଡ଼ିକର ସଂରକ୍ଷିତ କରିବା ।

*ସିମ୍ପସନଙ୍କ ମାମଲାରେ* (ପୂର୍ବୋକ୍ତ) ଆବେଦନ ନ୍ୟାୟାଳୟର ପାଞ୍ଚ ଜଣ ସଦସ୍ୟମାନଙ୍କ ମଧ୍ୟରୁ ପ୍ରତ୍ୟେକ ଏକ ପୃଥକ ରାୟ ଦେଇଥିଲେ କିନ୍ତୁ ଅଧିକାରପତ୍ର ଅଧିନିୟମ ଅଧୀନରେ ଲିଖିତ ପ୍ରତିଶ୍ରୁତି ଦିଆଯାଇଥିବା ତାଙ୍କ ଅଧିକାରର ଉଲ୍ଲଂଘନ ପାଇଁ, ଅଧିକାରପତ୍ର ଅଧିନିୟମର ବିଧେୟକରେ ସେହି ସଂକ୍ରାନ୍ତରେ ଏକ ସ୍ପଷ୍ଟ ବ୍ୟବସ୍ଥାର ଅନୁପସ୍ଥିତି ସତ୍ତ୍ୱେ ପୀଡ଼ିତଙ୍କୁ ଆର୍ଥିକ କ୍ଷତିପୂରଣ ପ୍ରଦାନ ବିଷୟରେ ସର୍ବସମ୍ମତିକ୍ରମେ ଏକପ୍ରକାର ମତ ଦେଇଥିଲେ ।

ତେଣୁ, ମୋଟାମୋଟି ଭାବେ କହିବାକୁ ଗଲେ, ଏବେ ଅଧିକାଂଶ ନ୍ୟାୟିକ କ୍ଷେତ୍ରରେ ଏହା ଏକ ସ୍ୱୀକୃତିପ୍ରାପ୍ତ ପ୍ରସ୍ତାବ ଯେ ସରକାରୀ କର୍ମଚାରୀଙ୍କ ଦ୍ୱାରା ନାଗରିକଙ୍କ ଜୀବନର ମୌଳିକ ଅଧିକାରର *ପ୍ରତିଷ୍ଠିତ* ଉଲ୍ଲଙ୍ଘନର ପ୍ରତିକାରସ୍ୱରୂପ ଆର୍ଥିକ କିମ୍ବା ବିତ୍ତୀୟ କ୍ଷତିପୂରଣ ଏକ ଉପଯୁକ୍ତ ଏବଂ ବାସ୍ତବରେ ଏକ ପ୍ରଭାବଶାଳୀ ଏବଂ ବେଳେବେଳେ ସମ୍ଭବତଃ ଏକମାତ୍ର ଉପଯୁକ୍ତ ପ୍ରତିକାର ଅଟେ ଏବଂ ସେମାନଙ୍କ କାର୍ଯ୍ୟ ପାଇଁ ରାଜ୍ୟ ପରୋକ୍ଷ ଭାବରେ ଉତ୍ତରଦାୟୀ । ନାଗରିକଙ୍କ ଦାବି କଠୋର ଦାୟିତ୍ୱର ନୀତି ଉପରେ ଆଧାରିତ, ଯେଉଁଥିରେ ସାର୍ବଭୌମ ପ୍ରତିରକ୍ଷାର ସୁରକ୍ଷା ଉପଲବ୍ଧ ନାହିଁ ଏବଂ ନାଗରିକଙ୍କୁ ରାଜ୍ୟଠାରୁ କ୍ଷତିପୂରଣ ରାଶି ଗ୍ରହଣ କରିବାକୁ ପଡିବ, ଯିଏ ଅନ୍ୟାୟକାରୀ କାର୍ଯ୍ୟକର୍ତ୍ତାଙ୍କଠାରୁ କ୍ଷତିପୂରଣ ପ୍ରଦାନ କରେଇବାର ଅଧିକାର ରଖିବ । କ୍ଷତିପୂରଣର ମୂଲ୍ୟ ନିର୍ଦ୍ଧାରଣରେ, କ୍ଷତିପୂରଣ ଉପରେ ଗୁରୁତ୍ୱ ଦେବାକୁ ହେବ, ଦଣ୍ଡାତ୍ମକ ଆଧାର ଉପରେ ନୁହେଁ । ଏହାର ଉଦ୍ଦେଶ୍ୟ କ୍ଷତ ଉପରେ ମଲମ ପ୍ରୟୋଗ କରିବା ଏବଂ ଉଲଂଘନକାରୀ କିମ୍ବା ଅପରାଧକାରୀଙ୍କୁ ଦଣ୍ଡ ଦେବା ନୁହେଁ, କାରଣ ଅପରାଧ ପାଇଁ ଉପଯୁକ୍ତ ଦଣ୍ଡ ପ୍ରଦାନ (କ୍ଷତିପୂରଣ ନିର୍ବିଶେଷରେ) ଫୌଜଦାରୀ ଅଦାଲତ ଉପରେ ଛାଡିଦେବା ଆବଶ୍ୟକ ଯେଉଁଠା'ରେ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ, ଯାହା ରାଜ୍ୟ

ଆଇନତଃ  କରିବାକୁ ବାଧ୍ୟ । ସର୍ବ ସାଧାରଣ ଆଇନ କ୍ଷେତ୍ରାଧିକାରିତାରେ କ୍ଷତିପୂରଣ ପ୍ରଦାନ ମଧ୍ୟ ଅନ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ପ୍ରତି ପ୍ରତିକୂଳ ପ୍ରଭାବ ନ ପକାଇ ହୋଇଥାଏ, ଯେପରିକି କ୍ଷତି ପାଇଁ ଦେୱାନୀ ମକଦ୍ଦମା, ଯାହା ରାଜ୍ୟର କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା କରାଯାଇଥିବା ଆଇନ ବିରୁଦ୍ଧ କାର୍ଯ୍ୟ ପାଇଁ ସମାନ ପ୍ରସଙ୍ଗରେ ପୀଡିତ କିମ୍ବା ମୃତ ପୀଡିତଙ୍କ ଉତ୍ତରାଧିକାରୀଙ୍କ ପାଇଁ ଆଇନଗତ ଭାବରେ ଉପଲବ୍ଧ । କ୍ଷତିପୂରଣର ପରିମାଣ, ଅବଶ୍ୟ, ପ୍ରତ୍ୟେକ ମାମଲାରେ ଏହାର ସ୍ୱତନ୍ତ୍ର ତଥ୍ୟ ଉପରେ ନିର୍ଭର କରିବ ଏବଂ ସେହି ଉଦ୍ଦେଶ୍ୟରେ କୌଣସି ଶୃଙ୍ଖଳବଦ୍ଧ କଠୋର ନୀତି ବିକଶିତ କରାଯାଇପାରିବ ନାହିଁ । ତେଣୁ, ସର୍ବସାଧାରଣ ଆଇନ କ୍ଷେତ୍ରାଧିକାରିତା ଅଧୀନରେ ନାଗରିକଙ୍କ ମୌଳିକ ଅଧିକାର ଉପରେ *ପ୍ରତିଷ୍ଠିତ* ଆକ୍ରମଣ ପାଇଁ ଅନ୍ୟାୟର ପ୍ରତିକାର କରିବା, ପାରମ୍ପରିକ ପ୍ରତିକାରର ଅତିରିକ୍ତରେ ଅଟେ, ଏବଂ ସେଗୁଡ଼ିକର ଅବମାନନାରେ ନୁହେଁ । ନ୍ୟାୟାଳୟ ଦ୍ୱାରା ପ୍ରଦତ୍ତ କ୍ଷତିପୂରଣର ପରିମାଣ ଏବଂ ରାଜ୍ୟ ଦ୍ୱାରା କରାଯାଇଥିବା ଭୁଲର ପ୍ରତିକାର ପାଇଁ ପ୍ରଦାନ କରାଯାଇଥିବା କ୍ଷତିପୂରଣର ପରିମାଣ, ଏକ ନିର୍ଦ୍ଦିଷ୍ଟ ମାମଲାରେ, ଏକ ଦେୱାନୀ ମକଦ୍ଦମାରେ କ୍ଷତିପୂରଣ ରୂପରେ ଦାବିଦାରଙ୍କୁ ପ୍ରଦାନ କରାଯାଇଥିବା ଯେ କୌଣସି ରାଶି ବାବଦରେ ସମାଯୋଜନ କରାଯାଇପାରିବ ।

ଏହି ରାୟ  ପ୍ରଦାନ କରିବା ପୂର୍ବରୁ ଆମେ ରାଜ୍ୟମାନଙ୍କ ତରଫରୁ ଉପସ୍ଥିତ ଥିବା ଶ୍ରୀମାନ ଓକିଲ ଏବଂ ବିଶେଷ କରି ନ୍ୟାୟାଳୟ ନ୍ୟାୟମିତ୍ରଙ୍କୁ ସେମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ବହୁମୂଲ୍ୟ ସହାୟତା ପାଇଁ ସାହାଯ୍ୟ କରିଥିବା ଶ୍ରୀମାନ ବରିଷ୍ଠ ଅଧିବକ୍ତା ଡଃ ଏ.ଏମ୍. ସିଂଭିଙ୍କ ଉଦ୍ଦେଶ୍ୟରେ ଆମ୍ଭର ପ୍ରଶଂସା ଲିପିବଦ୍ଧ କରିବାକୁ ଚାହୁଁଛୁ ।

ଭି.ଏସ୍.ଏସ୍.

ଆବେଦନକୁ ସମାପ୍ତ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**

**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**